

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୪ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 24 MARCH 2024

Vol.No. 35 ■ No.83 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମସ୍କୋ ଆତଙ୍କୀ ଆକ୍ରମଣରେ ୧୫୦ ଟପିଲା ମୃତ୍ୟୁ ସଂଖ୍ୟା



ନୂଆଦିଲ୍ଲୀ, ୨୩/୩ : ରୁଷ ରାଜଧାନୀ ମସ୍କୋ କନସର୍ଟ ଭେନ୍ୟୁରେ ଶୁକ୍ରବାର ରାତିରେ ଆକ୍ରମଣ ଘଟଣାରେ ମୃତ୍ୟୁ ସଂଖ୍ୟା ଶହେ ଟପିଛି । ପାଖାପାଖି ୧୫୦ ଜଣଙ୍କୁ ଗୁରୁତର ଅବସ୍ଥାରେ ବିଭିନ୍ନ ମେଡିକାଲରେ ଚିକିତ୍ସିତ କରାଯାଉଛି । ଏହି ବଡ଼ ଆତଙ୍କୀ ଆକ୍ରମଣରେ ସମ୍ପୃକ୍ତ ୪ଜଣ ବନ୍ଧୁକଧାରୀଙ୍କ ସମେତ ମୋଟ ୧୧ଜଣଙ୍କୁ ଗିରଫ କରାଯାଇଛି । ଭିଡ଼ିଓ ବାର୍ତ୍ତା ଜାରି କରି ଏହି ଆକ୍ରମଣ ଲାଗି ନିଜକୁ ଦାୟୀ କରିଛି ଆଇଏସଆଇଏସ କେ ଆତଙ୍କୀ ସଂଗଠନ । ଶୁକ୍ରବାର ରାତିରେ ମସ୍କୋ କନସର୍ଟ ଭେନ୍ୟୁରେ ଅନ୍ତର୍ଜାତୀୟ କଳାକାର ମାନଙ୍କୁ ନେଇ ମନୋରଂଜନ କାର୍ଯ୍ୟକ୍ରମ ଚାଲିଥିଲା । ଠିକ୍ ଏହି ସମୟରେ ସେନା ପୋଷାକରେ ମଲ ଭିତରକୁ ପ୍ରବେଶ କରିବା ସହ ଆଖିବୁଜା ଗୁଳିବର୍ଷଣ କରିଥିଲେ ଆତତାୟୀ । କେହି କିଛି ବୁଝିବା ଆଗରୁ ଆତଙ୍କୀ ମାନେ ନରସଂହାର ରଚିବା ସହିତ ମଲ ଭିତରେ ଗ୍ରେନେଡ ମାଡ଼ କରି ଖସିଯିବାରେ ସକ୍ଷମ ହୋଇଥିଲେ । ତେବେ ପରବର୍ତ୍ତୀ ସମୟରେ ଆକ୍ରମଣରେ ସମ୍ପୃକ୍ତ ୪ ବନ୍ଧୁକଧାରୀଙ୍କ ସମେତ ୧୧ଅଭିଯୁକ୍ତ ଗିରଫ କରାଯାଇଥିବା ସୂଚନା ମିଳିଛି । ଘଟଣା ଉପରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ନଜର ରଖିଥିବା ବେଳେ ଆତଙ୍କୀଙ୍କୁ ଏହି ଆକ୍ରମଣ ପାଇଁ ଭୟଙ୍କର ଫଳ ଭୋଗିବାକୁ ପଡ଼ିବ ବୋଲି ଚେତାବନୀ ଦିଆଯାଇଛି । ହୃଦୟ ବିଦାରଣ ଆକ୍ରମଣ ପରେ ଗୁରୁତରଙ୍କୁ ସହାୟତା ପାଇଁ ଆଗେଇ ଆସିଛନ୍ତି ଶହ ଶହ ରୁଷୀୟ ନାଗରିକ । ଗୁରତର ମାନେ ଚିକିତ୍ସିତ ହେଉଥିବା ମେଡିକାଲ ସମ୍ମୁଖରେ ରକ୍ତଦାନ ପାଇଁ ଲମ୍ବା ଲାଇନ ଲାଗିଥିବା ଦେଖିବାକୁ ମିଳିଛି । ରୁଷରେ ଏହି ଆତଙ୍କୀ ଆକ୍ରମଣକୁ ଆମେରିକା, ଫ୍ରାନ୍ସ, ଇଟାଲୀ ସମେତ ୟୁରୋପୀୟ ସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ଗୁଡିକ ପକ୍ଷରୁ ନିନ୍ଦା କରାଯାଇଛି । ରୁଷର ଶତ୍ରୁରାଷ୍ଟ୍ର ୟୁକ୍ରେନ ମଧ୍ୟ ଏଭଳି ଆତଙ୍କୀ ଆକ୍ରମଣକୁ ନିନ୍ଦା କରିଛି । ମସ୍କୋ କନସର୍ଟ ଭେନ୍ୟୁରେ ଆତଙ୍କୀ ଆକ୍ରମଣ ନେଇ ପୂର୍ବରୁ ରୁଷକୁ ସତର୍କ କରାଯାଇଥିବା ଆମେରିକା ପକ୍ଷରୁ କୁହାଯାଇଛି । ସେପଟେ ରୁଷର ଏହି ଆତଙ୍କୀ ଆକ୍ରମଣକୁ ନିନ୍ଦା କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଭଳି ଦୁଃଖଦ ସମୟରେ ଭାରତ ସରକାର ରୁଷୀୟ ସଂଘର ଜନସାଧାରଣଙ୍କ ଛିଡା ହୋଇଥିବା ପ୍ରଧାନମନ୍ତ୍ରୀ ମୋଦି ନିଜ ସୋସିଆଲ ମିଡିଆ ଏକ୍ସ ଆକାଣ୍ଟରେ ଉଲ୍ଲେଖ କରିଛନ୍ତି ।

## ନିର୍ବାଚନ କମିଶନଙ୍କ ତାଗିଦ୍ ପରେ ଆଉ ୬ ଓଏଏସ୍ ଅଫିସରଙ୍କ ବଦଳି




ଭୁବନେଶ୍ୱର, ୨୩/୩ (ନି.ପ୍ର): ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଆଉ ୬ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି କରିଛନ୍ତି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନରେ ସଦସ୍ୟ ସଚିବ ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ୍ ଶିବାନୀ ମହାନ୍ତିଙ୍କୁ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ସେହିପରି ଗୁଣୁପୁର ଆଇଟିଡିଏ ପ୍ରକଳ୍ପ ଅଧିକାରୀ ବରିଷ୍ଠ ଓଏଏସ୍ ଶାନ୍ତିପ୍ରଭା ପ୍ରଧାନଙ୍କୁ ରାଜ୍ୟ ଖାଦ୍ୟ କମିଶନରେ ସଦସ୍ୟ ସଚିବ ଭାବେ ଅବସ୍ଥାପିତ କରାଯାଇଛି । ଶ୍ରୀମତୀ ପ୍ରଧାନଙ୍କ ଫେବୃୟାରୀ ୨୬ରେ ମାଲକାନଗିରି ଆଇଟିଡିଏକୁ ହୋଇଥିବା ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି । ସେହିପରି ଓଏଏସ୍ ଦୟାସିନ୍ଧୁ ପରିଡ଼ାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି । ଓଏଏସ୍ ନୀଳମାଧବ ମହାନନ୍ଦାଙ୍କୁ ରାୟଗଡ଼ା ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ସୌରଭ ଚକ୍ରବର୍ତ୍ତୀଙ୍କୁ ବାଲେଶ୍ୱର ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ନିର୍ଲିପ୍ତା ମହାନ୍ତିଙ୍କୁ ଯାଜପୁରସ୍ଥିତ ଯଯାତି କେଶରୀ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲର ରେଜିଷ୍ଟ୍ରାର (ପ୍ରଶାସନିକ) ଭାବେ ବଦଳି ହୋଇଛି । ସୂଚନାଯୋଗ୍ୟ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଗତକାଲି ୨୮ଜଣ ଓଏଏସ୍ ଅଫିସର ଓ ୫ଜଣ ଓଆରଏସ୍ ଅଫିସରଙ୍କ ବଦଳି କରିଥିଲେ ।

## ଧଳା ଜହର ବିକୁଥିଲେ ରାଜଧାନୀର ଦୁଇ ଶିକ୍ଷିତ ଯୁବତୀ



ଭୁବନେଶ୍ୱର, ୨୩/୩ (ନି.ପ୍ର): ଉଚ୍ଚ ଶିକ୍ଷିତ ଓ ପ୍ରାଇଭେଟ୍ କମ୍ପାନୀରେ ଚାକିରି କରୁଥିଲେ। ହେଲେ ପେଶା ସେମାନଙ୍କର ଥିଲା ଧଳାଜହର କାରବାର। ରାଜଧାନୀରେ ଘର ଭଡ଼ା ନେଇ ଦୀର୍ଘଦିନ ଧରି ଏହି ବେପାର ଚଳାଇଥିଲେ ଦୁଇ ଯୁବତୀ। ହେଲେ କମିଶନରେଟ୍ ପୁଲିସ୍ ପଞ୍ଝାରେ ପଡ଼ିଗଲେ। ଶୁକ୍ରବାର କମିଶନରେଟ ପୁଲିସ୍ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁରୀ ଜିଲ୍ଲା କୋଣାର୍କ ଅଞ୍ଚଳର ପ୍ରଜ୍ଞା ପ୍ରିୟା ସ୍ୱାଇଁ ଓ ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳର କରିଶ୍ମା ରାଉତ। ଉଭୟ ଉଚ୍ଚ ଶିକ୍ଷିତ। ଖଣ୍ଡଗିରି ଥାନା ଯଦୁପୁର ଗାଁରେ ଏକ ଘର ଭଡ଼ା ନେଇ ରହୁଥିଲେ। ଉଭୟ ଏକ ପ୍ରାଇଭେଟ୍ କମ୍ପାନୀରେ ଚାକିରି କରୁଥିଲେ। ହେଲେ ସେମାନଙ୍କ ପେଶା ପାଲଟିଥିଲା ବ୍ରାଉନ୍‌ସୁଗର ବେପାର। ଦୀର୍ଘ ବର୍ଷେରୁ ଅଧିକ ସମୟ ଧରି ଦୁଇ ସୁନ୍ଦରୀ ଧଳା ଜହର କାରବାରରେ ଲିପ୍ତ ରହୁଥିଲେ। ସେମାନେ ନିଜେ ଖାଇବା ସହିତ ବେପାରରେ ଲିପ୍ତ ରହୁଥିଲେ। ରାଜଧାନୀର ଏକ ବ୍ରାଉନ୍‌ସୁଗର ବେପାରୀଠାରୁ ଆଣି କାରବାର କରୁଥିଲେ। ବ୍ରାଉନ୍‌ସୁଗର କାରବାର ସମ୍ପର୍କରେ ଖବର ପାଇ କମିଶନରେଟ୍ ପୁଲିସ୍ ଓ ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ମିଳିତ ଭାବେ ଶୁକ୍ରବାର ଉକ୍ତ ଘରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଘରୁ ୨୬୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିଲା।

▶▶ପୃଷ୍ଠା ୭

## ଅବକାରୀ କର୍ମଚାରୀଙ୍କୁ ପିଟିଲେ ନିଶା ମାଫିଆ: ଉଦ୍ଧାର କଲା ପୁଲିସ୍



କଟକ, ୨୩/୩ (ନି.ପ୍ର): ଦେଶୀ ଭାଟିରେ ଚଢ଼ଉ ପାଇଁ ଯାଇଥିଲେ ଅବକାରୀ ବିଭାଗ। ହେଲେ ନିଶା ମାଫିଆଙ୍କ ଆକ୍ରମଣରେ ଶିକାର ହେଲେ। ଭାଟିରେ ଚଢ଼ଉ ବେଳେ ଅବକାରୀ କର୍ମଚାରୀଙ୍କୁ ନୃର୍ଦ୍ଧମ୍ ପିଟିଲେ ନିଶା ମାଫିଆ। ଏପରି ଅଭିଯୋଗ ଆସିଛି କଟକ ଜିଲ୍ଲା ଖୁଣ୍ଟୁଣୀ ଥାନା ଅଞ୍ଚଳରୁ। ପୁଲିସ୍ ଗାଁରେ ପହଞ୍ଚି ନିଶା ମାଫିଆଙ୍କ କବଳରୁ ଅବକାରୀ ବିଭାଗ କର୍ମଚାରୀଙ୍କୁ ଉଦ୍ଧାର କରିଛି। ଖୁଣ୍ଟୁଣୀ ଥାନା ଡାଲୁଆ ଗାଁରେ ଦୀର୍ଘ ଦିନ ଧରି ଦେଶୀ ମଦ କାରବାର ହେଉଥିଲା। କୌଣସି ସୂତ୍ରରୁ ଖବର ଅବକାରୀ ସୁପରିଟେଣ୍ଡେଣ୍ଟ ଦେବାଶିଷ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଗାଁରେ ପହଞ୍ଚି ମଦ ଭାଟି ଉପରେ ଚଢ଼ଉ କରିଥିଲେ। ଏପରିକି ମଦ ମାଫିଆଙ୍କୁ ଗିରଫ କରିଥିଲେ। ଠିକ୍ ସେହି ସମୟରେ ତାତି ଯାଇଥିଲେ ନିଶା ମାଫିଆଙ୍କ ପରିବାର ଲୋକ। ଅବକାରୀ ବିଭାଗର ଗାଡି ଭାଙ୍ଗାରୁଜା କରିଥିଲେ। ଅବକାରୀ ବିଭାଗ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ନିଶା ମାଫିଆଙ୍କୁ ଛଡ଼ା ନେବାକୁ ଉଦ୍ୟମ କରିଥିଲେ।

▶▶ପୃଷ୍ଠା ୭

## ସହିଦ ନଗର ଥାନା ସବ୍-ଇନ୍ସପେକ୍ଟର ଗିରଫ



ଇନ୍ସପେକ୍ଟର ପ୍ରିୟବ୍ରତ ପ୍ରଧାନ।

ଭୁବନେଶ୍ୱର, ୨୩/୩ (ନି.ପ୍ର): ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଭୁବନେଶ୍ୱରର ସହିଦ ନଗର ଥାନା ସବ୍-ଇନ୍ସପେକ୍ଟର ପ୍ରିୟବ୍ରତ ପ୍ରଧାନ। ଜଣେ ବ୍ୟକ୍ତିଙ୍କଠାରୁ ଜବତ ହୋଇଥିବା ଡ୍ରାଇଭିଂ ଲାଇସେନ୍ସ (ଉଖ)କୁ ଫେରାଇ ଦେବା ପାଇଁ ସେ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଥିଲେ। ଅଭିଯୋଗକାରୀଙ୍କୁ ଉଖ ଫେରାଇ ଦେବାକୁ ମୋଟ ୫ ହଜାର ଟଙ୍କା ମାଗିଥିଲେ ସବ୍- ଅଭିଯୋଗକାରୀ ଗତ ୨୧ ତାରିଖରେ ତାଙ୍କୁ

▶▶ପୃଷ୍ଠା ୭

## ବିଚାରାଧୀନ କଏଦୀଙ୍କ ମୃତ୍ୟୁ

କେନ୍ଦୁଝର, ୨୩/୩ (ନି.ପ୍ର): କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତ କଏଦୀ ଜଣଙ୍କ ହେଲେ ୨୫ ବର୍ଷୀୟ ଅଜୟ ଦାସ। ଗତକାଲି କେନ୍ଦୁଝର ଜେଲରେ ଅଜୟ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପାଇଖାନା ବାହାରେ ଥିବା ପାଣି ପାଇପରେ ଗାମୁଛା ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଅଜୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କେନ୍ଦୁଝର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏକ ଦୁଷ୍କର୍ମ ଅଭିଯୋଗ ମାମଲାରେ ଗିରଫ ହୋଇ ବିଚାରଧୀନ ବନ୍ଦୀ ଭାବେ ଜୀବନ ବିତାଉଥିଲେ ଅଜୟ। ଗତକାଲି କଏଦୀ ଜଣଙ୍କ ପରିବାର ଲୋକଙ୍କ ସହ କଥା ହୋଇଥିଲା। ପରେ ପାଇଖାନା ଯାଇଥିଲା। ପାଇଖାନା ବାହାରେ ଥିବା ପାଣି ପାଇପରେ ଗାମୁଛା ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲା। ଏ ସଂପର୍କରେ କେନ୍ଦୁଝର ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ବ୍ୟାପୁଛି ଝାଡ଼ାବାନ୍ତି: ଜଣେ ମୃତ, ୧୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ସମ୍ବଲପୁର, ୨୩/୩ (ନି.ପ୍ର): ସମ୍ବଲପୁର ଜିଲ୍ଲା ହୀରାକୁଦରେ ବ୍ୟାପୁଛି ଡାଇରିଆ। ସହରର ଘରେ ଘରେ ଡାଇରିଆ ରୋଗୀ। ଅଭିଯୋଗ ହୋଇଛି, ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି ହୀରାକୁଦ ସହର କାଳୁପଡ଼ାର ଟିକେଶ୍ୱର ନାୟକ। ପରିବାର ଲୋକଙ୍କ କହିବା ଅନୁସାରେ, ଝାଡାବାନ୍ତି ହେବାରୁ ପ୍ରଥମେ ତାଙ୍କୁ ହୀରାକୁଦ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ଗୁରୁତର ହେବାରୁ ବୁର୍ଲା ବଡ଼ ମେଡ଼ିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋରରୁ ତାଙ୍କର ମୃତ୍ୟୁ ହୋଇଥିଲା। ୧୩୦ରୁ ଅଧିକ ଆକ୍ରାନ୍ତ ହୋଇ ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଝାଡ଼ାବାନ୍ତି କବ୍‌ଜାରେ ହୀରାକୁଦ ସହରର କାଳୁପଡ଼ା, ଗୁରୁସଦ୍ୱାରପଡ଼ା, ଗୌଡ଼ପଡ଼ା, ମାଛପଡ଼ା, ନିୟୁ ମାର୍କେଟ କଲୋନୀ ପ୍ରମୁଖ ପଡ଼ା ରହିଛି। ଦେଖିବାକୁ ଗଲେ ଏବେ ପ୍ରତି ପଡ଼ାରେ ପ୍ରତିଦିନ କେହି ନା କେହି ଡାଇରିଆରେ ଆକ୍ରାନ୍ତ ହେଉଛନ୍ତି। ସେମାନଙ୍କ ମଧ୍ୟରେ କେତେକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଉଛି ତ ଆଉ କାହାକୁ ମେଡ଼ିକାଲ୍‌ରେ ଚିକିତ୍ସା କରାଯାଉଛି। ଜନ ସଚେତନତା ସୃଷ୍ଟି ପାଇଁ

▶▶ପୃଷ୍ଠା ୭

## ଦିଲ୍ଲୀ ଗଲେ ମନମୋହନ: ଆଜି ଆସିପାରେ ଓଡ଼ିଶାର ପ୍ରାର୍ଥୀ ତାଲିକା



ଭୁବନେଶ୍ୱର, ୨୩/୩ (ନି.ପ୍ର): ବିଜେପି- ବିଜେଡି ମଧ୍ୟରେ ମେଣ୍ଟ ହେବା ନେଇ ଚାଲିଥିବା ଚର୍ଚ୍ଚାର ବିରାମ ଲାଗିବା ପରେ ଉଭୟ ଦଳ ନିଜ ନିଜର ଯୋଦ୍ଧାଙ୍କୁ ମଇଦାନଙ୍କୁ ଓହ୍ଲାଇବାକୁ ପ୍ରସ୍ତୁତ କରିଦେଲେଣି ରଣନୀତି। ନିର୍ବାଚନ ତାରିଖ ପାଖେଇ ଆସୁଥିବାରୁ ଉଭୟ ଦଳ ମଧ୍ୟରେ ପ୍ରାର୍ଥୀ ଚୟନ ଆରମ୍ଭ ହୋଇଗଲଣି। ଏହି ପରିପ୍ରେକ୍ଷୀରେ ଆଜି ବିଜେପିର ଦିଲ୍ଲୀରେ ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ବସୁଛି। ଏଥିପାଇଁ ଆଜି ଦିଲ୍ଲୀ ଯାଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ତାଙ୍କ ସହ ସଂଗଠନ ସମ୍ପାଦକ ମାନସ ମହାନ୍ତି ମଧ ଦିଲ୍ଲୀ ଯାଇଛନ୍ତି। ଏହି ବୈଠକରେ ଓଡ଼ିଶାର ଯାଇଥିବା ପ୍ରାର୍ଥୀଙ୍କ ସଟ୍ ଲିଷ୍ଟକୁ ଚୂଡ଼ାନ୍ତ ରୂପ ମିଳିପାରେ ବୋଲି ଅନୁମାନ କରାଯାଉଛି। ଏହା ସହ ଆଜି ଓଡ଼ିଶାର ପ୍ରାର୍ଥୀ ତାଲିକା ଆସିପାରେ ବୋଲି ମଧ ଚର୍ଚ୍ଚା ହେଉଛି। ବିଶେଷ ଭାବେ କିଛି ଲୋକସଭା ପ୍ରାର୍ଥୀଙ୍କ ନାଁ ଚୂଡ଼ାନ୍ତ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଦିଲ୍ଲୀ ଯିବା ପୂର୍ବରୁ ମନମୋହନ କହିଛନ୍ତି, ଆଜି ସନ୍ଧ୍ୟା ୬ଟାରେ ଉରଉ ବୈଠକ ବସିବ। ବୈଠକରେ ଆଲୋଚନା ପର୍ଯ୍ୟାଲୋଚନା ହେବ। ମେଣ୍ଟରେ ବିରାମ ଲାଗିବା ପରେ କିପରି ପ୍ରସ୍ତୁତି ଚାଲିଛି ବୋଲି ଗଣମାଧ୍ୟମ କର୍ମୀଙ୍କ ପ୍ରଶ୍ନରେ ମନ୍‌ମୋହନ କହିଛନ୍ତି, ନିର୍ବାଚନ ନେଇ କର୍ମୀମାନେ

▶▶ପୃଷ୍ଠା ୭

## ଦିଲ୍ଲୀ ହାଇକୋର୍ଟରୁ କେଜ୍ରିୱାଲଙ୍କୁ ପୁଣି ଝଟ୍‌କା



ନୂଆଦିଲ୍ଲୀ, ୨୩/୩ : ପୁଣି ନିରାଶ ହୋଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ତାଙ୍କ ଗିରଫଦାରୀ ଓ ରିମାଣ୍ଡ ନିର୍ଦ୍ଦେଶ ବେଆଇନ ଦର୍ଶାଇ ଜରୁରୀ ଶୁଣାଣି କରିବାକୁ ଦିଲ୍ଲୀ ହାଇକୋର୍ଟରେ ଆଜି ଆବେଦନ କରିଥିଲେ କେଜ୍ରିୱାଲ। ହେଲେ ହାଇକୋର୍ଟ ତାଙ୍କ ଆବେଦନ ଉପରେ ଜରୁରୀ ଶୁଣାଣି କରିବାକୁ ମନା କରି ଦେଇଛନ୍ତି। ଆସନ୍ତା ବୁଧବାର ତାଙ୍କ ଆବେଦନ ଉପରେ ଶୁଣାଣି କରାଯିବ ବୋଲି ହାଇକୋର୍ଟ କହିଥିବା ଜଣାପଡ଼ିଛି।

▶▶ପୃଷ୍ଠା ୭

## ଶ୍ରୀ ଜଗନ୍ନାଥ ପବ୍ଲିକ ସ୍କୁଲର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ

### ବାପା ମାଆ, ଶିକ୍ଷକ ଶିକ୍ଷିକା ପିଲାଙ୍କର ଭବିଷ୍ୟତ




ବାଲେଶ୍ୱର , ୨୩/୩ (ନି.ପ୍ର): ଚପଳମତୀ ବାଳକ ବାଳିକାଙ୍କ ଜୀବନ ଗଠନ ପାଇ ବାପାମାଆ ଶିକ୍ଷକ ଶିକ୍ଷିକାଙ୍କ କର୍ତ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମ୍ପ୍ରତିକ ବିଧିବ୍ୟବସ୍ଥା ତଥା ପାରିପର୍ଶ୍ୱିକ ପରିବେଶ ସମକାଳର ଶିଶୁପ୍ରତିଭାଙ୍କୁ ସୁସଂଯତ କରି ଗଢି ତୋଳିବାର ଏକ ପ୍ରତିବନ୍ଧକ ସ୍ୱରୂପ ଆମ ସମସ୍ତଙ୍କ ସମ୍ମୁଖରେ ଛିଡା ହୋଇଛି । ବହୁମୁଖୀ ଦ୍ୱନ୍ଦାତ୍ମକ ଶିକ୍ଷା ପ୍ରଣାଳୀ ବାପାମାଆ ମାନଙ୍କୁ ବେଶୀ ବେଶି ଭ୍ରମରେ ପକାଉଛି। ଏଥିରୁ ମୁକ୍ତିପାଇ ସଫଳତା ଲାଭ କରିବା ସହଜସାଧ ହୋଇନଥିଲେ ବି ନିରାଶ ହେବାର କୌଣସି ଅବକାଶ ନାହିଁ । ଶ୍ରୀ ଜଗନ୍ନାଥ ପବ୍ଲିକ ସ୍କୁଲର ତ୍ରୟୋଦଶ ବାଷିକ ଉତ୍ସବ ସନ୍ଧ୍ୟାକୁ ଅନୁଷ୍ଠାନର ଉପସଭାପତି କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ମୁଖ୍ୟା ଅତିଥି ଡ଼କ୍ଟର ଶିରୀଷ ଚନ୍ଦ୍ର ଜେନା ଶ୍ରୀ ଜଗନ୍ନାଥଙ୍କ ଉଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି ନିଜର ବୌଦ୍ଧିକ ବକ୍ତବ୍ୟରେ ଛାତ୍ରଛାତ୍ରୀ

▶▶ପୃଷ୍ଠା ୭

# ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଦ୍ୱାରା ଗ୍ୟାରେଂଟି କାର୍ଡ ଉନ୍ମୋଚିତ ହେଲା

ଭୁବନେଶ୍ୱର, ୨୩/୩ (ନି.ପ୍ର):- ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଦ୍ୱାରା ରାଜ୍ୟ କଂଗ୍ରେସର ପ୍ରସ୍ତୁତ ହୋଇଥିବା ଗ୍ୟାରେଂଟି କାର୍ଡ଼କୁ ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ, ଅଖିଳ ଭାରତ ଜାତୀୟ କଂଗ୍ରେସର ଗଣମାଧ୍ୟମ ବିଭାଗର ସଂଯୋଜିକା ଶ୍ରୀମତୀ ବବିତା ଶର୍ମା, ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀ ଅଶୋକ ଦାସ, ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି ଏବଂ ସାମାଜିକ ଗଣମାଧ୍ୟମର ମୁଖ୍ୟ ଶ୍ରୀ ଅମିୟ ପାଣ୍ଡବ ଭୁବନେଶ୍ୱର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଗ୍ୟାରେଂଟି କାର୍ଡକୁ ଉନ୍ମୋଚିତ କରିଥିଲେ।

ରାଜ୍ୟରେ କଂଗ୍ରେସ ଶାସନକୁ ଫେରିଲେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ୫ଟି ମୁଖ୍ୟ ଗ୍ୟାରେଂଟିକୁ ସରକାର ପାଳନ କରିବ ବୋଲି ଆଜି ଶ୍ରୀ ପ୍ରସାଦ ହରିଚନ୍ଦନ ସାମ୍ବାଦିକ ମାନଙ୍କୁ କହିଥିଲେ। ଶ୍ରୀ ହରିଚନ୍ଦନ କହିଥିଲେ ଯେ ଗୃହଜ୍ୟୋତି ଯୋଜନାରେ ପ୍ରତ୍ୟେକ ଘରୋଇ ଉପଭୋକ୍ତାଙ୍କୁ ୨୦୦ ୟୁନିଟ ବିଦ୍ୟୁତ ଦେୟ ସଂପୂର୍ଣ୍ଣ ଛାଡ଼ କରାଯିବା ସହିତ ଯୁବ ବିକାଶ ଗ୍ୟାରେଂଟିରେ ୫ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ସହିତ ବେକାର ଯୁବକ ଯୁବତୀଙ୍କୁ ମାସକୁ ୩ ହଜାର ଟଙ୍କା ବେକାରୀ ଭତା ପ୍ରଦାନ କରାଯିବ। ରାଜ୍ୟରେ ଠିକା ନିଯୁକ୍ତିକୁ ସଂପୂର୍ଣ୍ଣ ବନ୍ଦ କରାଯିବ। କୃଷକ ବନ୍ଧୁ ଯୋଜନାରେ ବୋନସ ହ କ୍ୱିଂଟାଲ ପ୍ରତି ୩ ହଜାର ଟଙ୍କାରେ ଧାନ କ୍ରୟ କରାଯିବା ସହିତ ମଣ୍ଡିରେ ଥିବା କଟଣୀ ଓ ଛଟଣୀକୁ ସଂପୂର୍ଣ୍ଣ ବନ୍ଦ କରାଯିବ। କୃଷିଋଣ ସଂପୂର୍ଣ୍ଣ ଛାଡ଼ କରାଯିବା ସହିତ କୃଷକମାନଙ୍କ ପାଇଁ ମାସିକ ୨ ହଜାର ଟଙ୍କା ପେନସନ ରାଶି ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟରେ ସିଂହ ଭାଗ ଜନସାଧାରଣ ଯେଉଁମାନେ କୃଷି ଓ କୃଷିକର୍ମ ସହିତ ସଂପୃକ୍ତ ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଆସିବ। ଗୃହଲକ୍ଷ୍ମୀ ଯୋଜନାରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼ କରାଯିବା ସହିତ ମହିଳାଙ୍କୁ ମାସିକ ଭତା ୨ ହଜାର ଟଙ୍କା ଏବଂ ଆଦିବାସୀ ଓ ଦଳିତ ବର୍ଗର ମହିଳାଙ୍କୁ ମାସିକ ୩ ହଜାର ଟଙ୍କା ଭତା ପ୍ରଦାନ କରାଯିବ। ମହିଳାମାନଙ୍କୁ ୫ଶହ ଟଙ୍କାରେ ରୋଷେଇ ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯିବ। ଜନକଲ୍ୟାଣ ଗ୍ୟାରେଂଟି ଯୋଜନାରେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ସ୍ୱାସ୍ଥ୍ୟବୀମା ଯୋଜନା ଦ୍ୱାରା ଚିକିତ୍ସା ବ୍ୟବସ୍ଥାର ସୁବିଧା ଯୋଗାଇ ଦିଆଯିବ। ବାର୍ଦ୍ଧକ୍ୟ ଭତା, ବିଧବା ଭତା ଓ ଦିବ୍ୟାଙ୍ଗଙ୍କୁ ମାସିକ ୨ ହଜାର ଟଙ୍କା ଭତା ପ୍ରଦାନ କରାଯିବ। ଚିଟଫଣ୍ଡ ପ୍ରଭାବିତ ଜମାକାରୀମାନଙ୍କୁ ୬ ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ କରାଯିବ। ଆଦିବାସୀ ଓ ଦଳିତଙ୍କର ନିଜ ଜମି ଓ ଜଙ୍ଗଲ ଉପରେ ସଂପୂର୍ଣ୍ଣ ଅଧିକାରକୁ ଲାଗୁ କରାଯିବ। ପେସା ଆଇନକୁ ସରକାର ଆସିବାର ୧୦୦ ଦିନ ମଧ୍ୟରେ କଡ଼ାକଡ଼ି ଭାବେ ଲାଗୁ କରାଯିବ। କଂଗ୍ରେସ ସରକାର ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରାଯିବ। କଂଗ୍ରେସ ଯାହା କହେ ତାହା କରେ। କିନ୍ତୁ ବିଜେଡ଼ି ଓ ବିଜେପି ଉଭୟ ଏ ରାଜ୍ୟକୁ ୨୪ ବର୍ଷ ମଧ୍ୟରେ ଯେତେଗୁଡ଼ିଏ ପ୍ରତିଶ୍ରୁତି ଦେଇଥିଲେ ତାହା କେବଳ ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟର ସାମଗ୍ରିକ ସ୍ଥିତିର କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ। କଂଗ୍ରେସର ଆଶା ଓ ବିଶ୍ୱାସ ଓଡ଼ିଶାର ଜନସାଧାରଣ କଂଗ୍ରେସକୁ ସୁଯୋଗ ଦେବେ ଓଡ଼ିଶା ବାସୀଙ୍କର ସେବା କରିବାପାଇଁ। "ନୂଆ ଓଡ଼ିଶା ଗଢ଼ିବା ଆସ ସଂକଳ୍ପ କରେ କଂଗ୍ରେସ" ଏହା ହେଉଛି କଂଗ୍ରେସର ଡାକରା। କଂଗ୍ରେସ ଆସିବ ଓଡ଼ିଶାର କୃଷକ, ଯୁବକ, ମହିଳା ଓ ଛାତ୍ରଙ୍କ ମନରେ ହସ ଫୁଟିବ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଏହି ଗ୍ୟାରେଂଟି କାର୍ଡ଼କୁ ଘରେ ଘରେ ପହଂଚାଇବା ପାଇଁ ଜିଲ୍ଲାର ସମସ୍ତ କର୍ମକର୍ତାଙ୍କୁ ଅନୁରୋଧ କରିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ବ୍ରହ୍ମାନନ୍ଦ ସାହୁ, ପ୍ରାଚୀ ରାଉତରାୟ, ରାଜ୍ୟ ସମ୍ପାଦକ ମିହିର ଆଚାର୍ଯ୍ୟ, ଆଶିଷ ମଲ୍ଲିକ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ଚମ୍ପତି ଓ ସଂପାଦକ ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସହୀଦ ଭଗତ ସିଂଙ୍କ ଫାଶୀ ଦିବସରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ: ନ୍ୟାୟ ନଦେଲେ ଆନ୍ଦୋଳନ ତୀବ୍ର ହେବ

ଜୟପୁର, ୨୩/୩ (ନି.ପ୍ର): ଆଜି ଶ୍ରମିକ କର୍ମଚାରୀ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସହୀଦ ଭଗତ୍ ସିଂ, ଶୁକଦେବ, ରାଜଗୁରୁଙ୍କ ଫାଶୀ ଦିବସ ପାଳନ ଅବସରରେ ଏକ ଶୋଭାଯାତ୍ରା ଶ୍ରମିକ କର୍ମଚାରୀ ଭବନ ଠାରୁ ବାହାରି ରାଜା ନହର ଛକରେ ଏକ ସାଧାରଣ ସଭାରେ ଶେଷ ହୋଇଥିଲା । ଭଗତ୍ ସିଂ, ଶୁକଦେବ, ରାଜଗୁରୁଙ୍କ ଫଟୋ ସହ ଏକ ବ୍ୟାନର୍ ରେ କାଗଜ କଳ ପୁର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ୟାରେଂଟି, ଶ୍ରମିକ ମାନଙ୍କୁ ପ୍ରତି ମାସରେ ଦରମା ଦେବା ଗ୍ୟାରେଂଟି, ପି ଏଫ୍, ପେନସନ, ଗ୍ରାଚ୍ୟୁଇଟି ଓ ବକେୟା ପାଉଣା ମିଳିବାର ଗ୍ୟାରେଂଟି ସହ ଦରଦାମ୍ ବୃଦ୍ଧି ବିରୁଦ୍ଧରେ, ବେକାର ଯୁବକ ମାନଙ୍କୁ ନିଯୁକ୍ତି ଦାବିରେ, କୃଷକ ମାନଙ୍କ ସମସ୍ୟା ସମାଧାନ ଓ ଭ୍ରଷ୍ଟାଚାର ବିରୁଦ୍ଧରେ ସଂଘର୍ଷ ଜାରି ରଖିବାକୁ ଆହ୍ୱାନ କରି ଏକ ବ୍ୟାନର୍ ଧରି ଶ୍ରମିକ ମାନେ ଶୋଭାଯାତ୍ରାରେ ଯାଇଥିଲେ । ଅଧ୍ୟକ୍ଷ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଦୁର୍ଗା ପ୍ରସାଦ ସାହୁ, ପ୍ରମୋଦ କୁମାର ମହାନ୍ତି, ନଳିନୀ ରଥ, ମାଧବ ଚୌଧୁରୀ ଉମା ରଥ, ରାମକୃଷ୍ଣ ଦାସ, ଏନ୍ ଏସ୍ ଆର୍ ମୂର୍ତି ଏବଂ ମୃତ ଶ୍ରମିକ ରବିନ୍ଦ୍ର ସାହୁଙ୍କ ପତ୍ନୀ ଶ୍ରୀମତି କୁମୁଦିନୀ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

ସେହିପରି କଂଗ୍ରେସ ନେତା ଦୁର୍ଗା ପ୍ରସାଦ ସାହୁ କହିଥିଲେ ଯେ, ଓଏସଆରଟିସି ଏବଂ କେସିସି ବ୍ୟାଙ୍କ ର ଅବସରପ୍ରାପ୍ତ ଶ୍ରମିକ କର୍ମଚାରୀ ମାନଙ୍କୁ ଗ୍ରାଚ୍ୟୁଇଟି ଓ ବକେୟା ପାଉଣା ମିଳୁନାହିଁ, ଏବଂ ସେମାନଙ୍କୁ ବୃଦ୍ଧାବସ୍ଥାରେ ଅଦାଲତ ଯିବାକୁ ପଡିଛି । ସର୍ବନିମ୍ନ ପେନସନ ମାସିକ ୯୦୦୦/ ଟଙ୍କା ଓ ସାମାଜିକ ସୁରକ୍ଷା ପାଇଁ ଇପିଏଫ ପେନସନର୍ସ ମାନେ ଦାବି କରିବା ଅତ୍ୟନ୍ତ ଯୁକ୍ତିଯୁକ୍ତ । ଆଜି ଯେତେବେଳେ ସବୁ ଦଳ ନିର୍ବାଚନ ବେଳେ ଗ୍ୟାରେଂଟି ଜାରି କରୁଛନ୍ତି ଶ୍ରମିକ ମାନଙ୍କ ଏହି ଦାବି ପୂରଣ ପାଇଁ ମଧ୍ୟ ଗ୍ୟାରେଂଟି ଦେବାକୁ ହେବ । ସଭାରେ ଘୋଷଣା କରାଯାଇଛି ଯେ, ଯଦି ତୁରନ୍ତ ସମସ୍ୟା ସମାଧାନ ନହୁଏ ତେବେ ସହୀଦ୍ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସରୁ କାଗଜ କଳ ଶ୍ରମିକ ମାନେ ୟୁନିଟ୍ ହେଡ୍ ଙ୍କ ଅଫିସ୍ ସମ୍ମୁଖରେ ବସି ଆନ୍ଦୋଳନ ଆରମ୍ଭ କରିବେ ଏବଂ ସମସ୍ୟାର ସମାଧାନ ହେବା ପର୍ଯ୍ୟନ୍ତ ଜାରି ରଖିବେ ।

# ଆନନ୍ଦପୁର ବିକାଶ ଏମିତି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଆହାର କେନ୍ଦ୍ର ହେବ କେବେ ?

ଘଟଗାଁ, ୨୩/୩ (ନି.ପ୍ର): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଆହାର କେନ୍ଦ୍ର ନାହିଁ ରୋଗୀ ସହାୟକ ହନ୍ତସନ୍ତ ହେଉଛନ୍ତି । ଦୀର୍ଘ ଦିନଧରୀ ଆନନ୍ଦଉପଖଣ୍ଡ ଚିକିତ୍ସାଳୟ ରୋଗୀ ଖାଇଥିବା ବେଳେ ସହାୟକ ମାନେ ଭୋକ ଉପାସରେ କଲବଲ ହେଉଥିବା ଦେଖାଯାଉଛି ବର୍ତମାନ ସାରା ରାଜ୍ୟରେ ସମସ୍ତ ଡାକ୍ତର ଖାନାରେ ଆହାର କେନ୍ଦ୍ର ଖୋଲିଥିବା ବେଳେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ରୋଗୀ ସହାୟକ ମାନେ ଚଢ଼ା ଦରରେ ଖାଦ୍ୟ ଖାଇ ହନ୍ତସନ୍ତ ହେଉଛନ୍ତି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଦୀର୍ଘ ଦିନ ଧରୀ ଆହାର କେନ୍ଦ୍ର ପାଇଁ ଦାବୀ କରି ଆସୁ ଥିବାବେଳେ ଚିକିତ୍ସାଳୟରେ ରୋଗୀ ସହାୟକମାନେ ଆହାର କେନ୍ଦ୍ର ନଥିବା କାରଣରୁ ରୋଗୀ ସହାୟକ ମାନେ ନିକଟରେ ଥିବା ହୋଟେଲ ରୁ ୧୦୦ ଟଙ୍କା ଦେଇ ମିଲ ଖାଉଥିବା ଜଣାପଡିଛି। ଏଥିପାଇଁ ନା ଡାକ୍ତରଖାନା ଅଧିକାରୀ କିଛି ବିକଳ୍ପ ବ୍ୟବସ୍ଥା କରିଛନ୍ତି। ନା ପ୍ରଶାସନ ପକ୍ଷରୁ ବିଚରା ରୋଗୀ ସହାୟକ ମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇଛି। କେବଳ ରୋଗୀ କୁ ଖାଦ୍ୟ ଦେଇ ନିଜର ଦାୟୀତ୍ୱ ସାରି ଦେଇଛନ୍ତି। ଅନ୍ୟପକ୍ଷରେ ଦୀର୍ଘ ଦିନ ହେଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଏକ ଆହାର କେନ୍ଦ୍ର ଖୋଲିବାପାଇଁ ଖବର କାଗଜରେ ବାରମ୍ବାର ପ୍ରକାଶ ପାଉଥିଲେ ମଧ୍ୟ ସରକାର ଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଆଜିଯାଏ ଭାଙ୍ଗିଲା ନାହିଁ ଯାହା ଫଳରେ ରୋଗୀ ସହାୟକ ମାନେ ଅନେକ ଚଢା ଦରରେ ଖାଦ୍ୟ ଖାଉଥିବା ବେଳେ ଅନେକ ଗରିବ ରୋଗୀ ସହାୟକ ଭୋକ ଉପାସରେ କଲବଲ ହେଉଥିବା କଥା ଦେଖିବାକୁ ମିଳିଛି। ଏ ସଂପର୍କରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀ ଧନେଶ୍ୱରସେଠୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଆହାର କେନ୍ଦ୍ର ଖୋଲିବା ପାଇଁ ୪୦୦ ମିଲ ପାଇଁ ଜିଲାପାଳଙ୍କୁ ୫ଟି ସରକାର ଆସିବା ପରେ ୬ ମାସ ହେଲା ଚିଠି ଲେଖିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏବଂ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଗରିବ ରୋଗୀ ସହାୟକମାନଙ୍କପାଇଁ ଆହାର କେନ୍ଦ୍ର ଖୋଲିବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷରେ ଆନନ୍ଦପୁର ବିକାଶ ପାଇଁ ବିଭିନ୍ନ ଦଳର ନେତାମାନେ ଓ ବିଭିନ୍ନ ସଂଗଠନ ପକ୍ଷରୁ ଆନନ୍ଦପୁରକୁ ରେଳ ସଂଯୋଗ ପାଇଁ ଏବଂ ଆନନ୍ଦପୁରକୁ ଜିଲ୍ଲା କରିବା ପାଇଁ ଦାବୀକରି ଧାରଣାରେ ବସିଥିବା ବେଳେ ଆନନ୍ଦପୁର ଡାକ୍ତରଖାନାରେ ଆହାର କେନ୍ଦ୍ର ଟିଏ ଖୋଲିବା ପାଇଁ ନା ନେତାଙ୍କର ନା ପ୍ରଶାସନର ନା ବୁଦ୍ଧିଜୀବୀ କାହାରୀ ଚିନ୍ତା ନଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହେଉଛି। ବାରମ୍ବାର ଦାବୀ ପରେ ଡାକ୍ତରଖାନା ପରିଷରରେ ଆହାର କେନ୍ଦ୍ର ନଖୋଲି ସରକାରଙ୍କ ପକ୍ଷରୁ ଆନନ୍ଦପୁର ଡାକ୍ତରଖାନା ପରିସରରେ କିଛିଦିନ ତଳେ ଏକ କଫୋ ସେଣ୍ଟର ଖୋଲାଯାଇଛି ଏହା ମଧ୍ୟ ନେତାଙ୍କ ଦ୍ୱାରା ଉଦ୍ଘାଟନ କରି ତାଲା ପଡିଥିବା ଦେଖିବାକୁ ମିଳିଛି।

# ଲୋକଙ୍କ ଘର ବାରଣ୍ଡାରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର

ମାଲକାନଗିରି, ୨୩/୩ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଅଧିକାଂଶ ଅଙ୍ଗନବାଡ଼ି କେନ୍ଦ୍ର । ଚିତ୍ରକୋଣ୍ଡା ବ୍ଲକରେ ଥିବା ୧୮୦ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୬୨ଟି କେନ୍ଦ୍ରର ନିଜସ୍ୱ ଘର ନାହିଁ। ଅଙ୍ଗନବାଡି କେନ୍ଦ୍ର ରୁ ହିଁ ଛୋଟ ଶିଶୁ ମାନଙ୍କ ଭବିଷ୍ୟତର ମୂଳଦୁଆ ପଡ଼ିଥାଏ । ହେଲେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ହିଁ ନିଜସ୍ୱ ଘର ନାହିଁ।କଥାରେ ଅଛି ଆଜିର ଶିଶୁ ଦେଶର ଭବିଷ୍ୟତ। କୋମଳମତି ଶିଶୁଙ୍କ ମୂଳଦୁଆ ସୁଦୃଢ଼ ହେଲେ ସେମାନେ ଉତ୍ତମ ମଣିଷ ହୋଇପାରିବେ । ତେଣୁ ସେମାନଙ୍କ ପ୍ରାଥମିକ ଶିକ୍ଷା ଅଙ୍ଗନବାଡ଼ି କେନ୍ଦ୍ରରୁ ଆରମ୍ଭ ହୁଏ। ଅଙ୍ଗନବାଡ଼ି କେନ୍ଦ୍ରରୁ ପିଲାଙ୍କ ମାନସିକ, ଶାରୀରିକ ଦକ୍ଷତା ଧୀରେ ଧୀରେ ବୃଦ୍ଧି ପାଇଥାଏ । ସେଥିପାଇଁ ଅଙ୍ଗନବାଡ଼ି କେନ୍ଦ୍ରରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥାଏ । କିନ୍ତୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ଯୋଗୁଁ କୋମଳମତି ପିଲାମାନଙ୍କର ଭବିଷ୍ୟତ ଅନ୍ଧାରରେ। କିଛି ଏପରି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଚିତ୍ରକୋଣ୍ଡା ପଂଚାୟତର ଇଟାଭାଟି ସାହିରୁ । ସେଠାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରଟିର ନିଜସ୍ୱ କହିଲେ କିଛି ନାହିଁ। ଅନ୍ୟ ଲୋକଙ୍କ ଘର ବାରଣ୍ଡା ରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର । ପ୍ରତିଦିନ ପିଲାମାନେ ଆସନ୍ତି ପାଠ ପଢ଼ନ୍ତି, ଦିଦିଙ୍କ ସହ ତାଳ ଦେଇ ପଢ଼ନ୍ତି, ସେହି ଘର ଭିତରେ ଖେଳନ୍ତି। ରୋଷେଇ କଥା ନ କହିବା ଭଲ ଏକଅପରିଷ୍କାର ଜାଗାରେ ରୋଷେଇ ହୁଏ । ଭଲ ପିଇବା ପାଣି ପାଇଁ ଦିଦିଙ୍କୁ ଅନ୍ୟ ଉପରେନିର୍ଭର କରିବାକୁ ପଡ଼େ । ଯଦି ଚିତ୍ରକୋଣ୍ଡା ବ୍ଲକ୍ ମୁଖ୍ୟାଳୟରେ ଅଙ୍ଗନବାଡ଼ି କେନ୍ଦ୍ରରଅବସ୍ଥା ଏମିତି, ଅନ୍ୟ କେନ୍ଦ୍ରଗୁଡ଼ିକର ଅବସ୍ଥା କେମିତି ଅନୁମେୟ । ସେହିପରି ଚିତ୍ରକୋଣ୍ଡା ବ୍ଲକ ର ପ୍ରାୟ ସବୁଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଅବସ୍ଥା ନେଇଚିତ୍ରକୋଣ୍ଡା ସିଡିପିଓ ସ୍ୱର୍ଣପ୍ରଭା ଦାସଙ୍କପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟସେ କିଛି ଉତ୍ତର ଦେଇ ନ ଥିଲେ। ଖୁବଶୀଘ୍ର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ନିଜସ୍ୱ ଘର ନ ଥିବା ସ୍ଥାନରେ ନୂତନ ଘର ତିଆରି କରାଯିବ ବୋଲି କହିଥିଲେ। ତେବେ ସ୍ଥାନୀୟ ପ୍ରଶାସନର ଏପରି ମନୋଭାବ ଯୋଗୁଁ କୋମଳମତି ପିଲାଏ କିନ୍ତୁ ଉପଯୁକ୍ତ ଶିକ୍ଷାରୁ ବଂଚିତ ହେଉଥିବା ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

# ୯ଦଫା କଂଗ୍ରେସ ଗ୍ୟାରେଣ୍ଟିକୁ ନେଇ ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୩/୩ (ନି.ପ୍ର): ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସର ଇସ୍ତାହାର କମିଟି ପକ୍ଷରୁ ପ୍ରସ୍ତୁତ ଗ୍ୟାରେଣ୍ଟି କୁ ନେଇ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଲୋକନାଥ ମହାରଥୀ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଚିନ୍ମୟ ପ୍ରସାଦ ବେହୁରା, ପାଟକୁରା ନେତା ରତିକାନ୍ତ କାନୁନଗୋ, ପ୍ରଫୁଲ୍ଲ ଦାସ, ରତିକାନ୍ତ ସାମଲ, ସିଦ୍ଧାର୍ଥ ସ୍ୱରୂପ ଦାସ, ସତ୍ୟପ୍ରିୟ ସାମଲ ପ୍ରମୁଖ ଉପସ୍ଥିତ ରହି ଦଳ ପକ୍ଷରୁ ଦିଆଯାଇ ଥିବା ୯ ଦଫା ଗ୍ୟାରେଣ୍ଟି ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । କୃଷି ଋଣ ଛାଡ, ଧାନର ସହାୟକ ମୂଲ୍ୟ ୩ ହଜାର ଟଙ୍କା, କୃଷକ ମାନଙ୍କୁ ମାସିକ ୨ ହଜାର ଟଙ୍କା ପେନଶନ, ୨୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ, ୫ ଲକ୍ଷ ଯୁବକ- ଯୁବତୀଙ୍କୁ ନିଯୁକ୍ତି, ୩ ହଜାର ବେକାରୀ ଭତା, ଘର ର ମୁଖ୍ୟ ମହିଳାଙ୍କୁ ଗୃହଲକ୍ଷ୍ମୀ ଯୋଜନାରେ ୨ ହଜାର ଲେଖାଁଏ ଭତା, ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ଋଣ ଛାଡ, ପ୍ରତି ପରିବାରକୁ ମାସକୁ ୫୦୦ ଟଙ୍କାରେ ସିଲିଣ୍ଡର, ବାର୍ଦ୍ଧକ୍ୟ ଭତା, ଦିବ୍ୟାଙ୍ଗ ଭତା, ବିଧବା ଭତା ମାସିକ ୨ ହଜାର, ସରକାରୀ କର୍ମଚାରୀଙ୍କ ସମେତ ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟ ରେ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ୯ଦଫା ଗ୍ୟାରେଣ୍ଟି ରେ ପ୍ରତିଶୃତି ଦିଆଯାଇଛି । କଂଗ୍ରେସ କ୍ଷମତାକୁ ଆସିଲେ ଏହି ୯ଦଫା ଗ୍ୟାରେଣ୍ଟି କାର୍ଯ୍ୟକାରୀ କରିବ ବୋଲି ବରିଷ୍ଠ ନେତାମାନେ ପ୍ରକାଶ କରିଥିଲେ । ଏହି ଅବସରରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରାଙ୍କୁ ପିସିସି ଉପ ସଭାପତି ଦାୟିତ୍ୱ ମିଳିଥିବାରୁ ସମ୍ବର୍ଦ୍ଧିତ କରାଯିବା ସହ ମହାକାଳପଡା ନିର୍ବାଚନ ମଣ୍ଡଳୀର କଂଗ୍ରେସ ରେଯୋଗ ଦେଇଥିବା ଯୁବ ନେତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।

# ଅଯୋଗ୍ୟ ଘୋଷିତ କଂଗ୍ରେସର ୬ ପୂର୍ବତନ ବିଧାୟକ ବିଜେପିରେ ମିଶିଲେ

ନୂଆଦିଲ୍ଲୀ, ୨୩/୩ : ଦଳ ବଦଳ ନିରୋଧ ଆଇନ ଅନୁସାରେ ହିମାଚଳ ପ୍ରଦେଶ ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ଅଯୋଗ୍ୟ ଘୋଷିତ ହୋଇଥିବା କଂଗ୍ରେସର ୬ ଜଣ ପୂର୍ବତନ ବିଧାୟକ ଆଜି ବିଜେପିରେ ମିଶିଛନ୍ତି। ସେମାନଙ୍କ ସହିତ ୩ ଜଣ ସ୍ୱାଧୀନ ବିଧାୟକ ମଧ୍ୟ ବିଜେପିରେ ମିଶିଛନ୍ତି। କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର, ହିମାଚଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟ ରାମ ଠାକୁର ଓ ରାଜ୍ୟ ସଭାପତି ରାଜୀବ ବିନ୍ଦଲଙ୍କ ଉପସ୍ଥିତିରେ ବିଜେପିରେ ମିଶିଥିବା କଂଗ୍ରେସର ୬ ପୂର୍ବତନ ବିଧାୟକ ହେଉଛନ୍ତି- ସୁଧୀର ଶର୍ମା, ରବି ଠାକୁର, ରାଜିନ୍ଦର ରାଣା, ଇନ୍ଦର ଦତ୍ତ ଲଖନପାଲ, ଚୈତନ୍ୟ ଶର୍ମା ଓ ଦେବୀନ୍ଦର କୁମାର ଭୁଟ୍ଟୋ। ଯେଉଁ ତିନି ସ୍ୱାଧୀନ ବିଧାୟକ ଆଜି ବିଜେପିରେ ମିଶିଛନ୍ତି, ସେମାନେ ହେଉଛନ୍ତି- ଆଶିଷ ଶର୍ମା, ହୋଶିୟାର ସିଂହ ଓ କେ.ଏଲ୍ ଠାକୁର। କଂଗ୍ରେସର ଏହି ୬ ପୂର୍ବତନ ବିଧାୟକ ଗତ ରାଜ୍ୟସଭା ନିର୍ବାଚନ ବେଳେ ବିଜେପି ପ୍ରାର୍ଥୀ ହର୍ଷ ମହାଜନଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ। ତେବେ ରାଜ୍ୟସଭା ନିର୍ବାଚନରେ କ୍ରସ-ଭୋଟିଂ ପାଇଁ ସେମାନଙ୍କୁ ବାଚସ୍ପତି ଅଯୋଗ୍ୟ ଘୋଷଣା କରି ନଥିଲେ। ବିଧାନସଭାରେ ଫାଇନାନ୍ସ ବିଲ୍ ? ଆଗତ ବେଳେ ଉପସ୍ଥିତ ରହି ଏହା ସପକ୍ଷରେ ଭୋଟ ଦେବାକୁ ଦଳ ପକ୍ଷରୁ ହ୍ୱିପ୍ ଜାରି କରାଯାଇଥିଲେ ହେଁ ସେମାନେ ଅନୁପସ୍ଥିତ ରହିଥିଲେ। ତେଣୁ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ହିମାଚଳ ପ୍ରଦେଶର ସୁଖବିନ୍ଦର ସିଂହ ସୁଖୁଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥିବା ହର୍ଷବର୍ଦ୍ଧନ ଚୌହ୍ୱାନ ବାଚସ୍ପତି କୁଲଦୀପ ସିଂହ ପଠାନିୟାଙ୍କ ନିକଟରେ ଆବେଦନ କରିଥିଲେ। ତା'ପରେ ବାଚସ୍ପତି ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଏହି ୬ ବିଧାୟକ ଅଯୋଗ୍ୟ ଘୋଷିତ ହୋଇଥିବାରୁ ସଂପୃକ୍ତ ବିଧାନସଭା ଆସନଗୁଡ଼ିକ ଖାଲି ପଡ଼ିଛି। ତେଣୁ ନିର୍ବାଚନ କମିଶନ ଉପ-ନିର୍ବାଚନ କରିବାକୁ ଘୋଷଣା କରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନ ବେଳେ ସେଠାରେ ଉପ-ନିର୍ବାଚନ କରାଯିବ। ଜୁନ୍ ୧ ତାରିଖରେ ଅର୍ଥାତ ଶେଷ ପର୍ଯ୍ୟାୟ ଭୋଟ୍ ?ରେ ହିମାଚଳ ପ୍ରଦେଶରେ ୪ଟି ଲୋକସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ଖାଲି ପଡ଼ିଥିବା ଏହି ୬ଟି ବିଧାନସଭା ଆସନ ପାଇଁ ଉପ-ନିର୍ବାଚନ ହେବ।

# ଗଞ୍ଜେଇ ଚାଲାଣ ବେଳେ ଦୁର୍ଘଟଣା

ଜୟପୁର, ୨୩/୩ (ନି.ପ୍ର): କୋରାପୁଟ ଜିଲ୍ଲା କୁନ୍ଦୁରା ଥାନା ଖଟଲାପଦର ବ୍ରିଜ ତଳକୁ ପଡ଼ି ଏକ ଇନୋଭା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଗତ ରାତିରେ କିଛି ଗଞ୍ଜେଇ ବେପାରୀ ମାଲକାନଗିରିରୁ ଛତିଶଗଡ଼ ଏକ ଇନୋଭ ଗାଡ଼ିରେ ଗଂଜେଇ ଚାଲାଣ କରୁଥିଲେ। ଉକ୍ତ ଗାଡ଼ିଟି ଖଟଲାପଦର୍ ବ୍ରିଜ ତଳକୁ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ସୂଚନା ପାଇ କୁନ୍ଦ୍ରା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। କୌଣସି ବ୍ୟକ୍ତି ମୃତାହତ ହେବାର ସୂଚନା ମିଳୁ ନାହିଁ। ପୋଲିସ୍ ଗଞ୍ଜେଇ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉ କି, ଗତ ଦୁଇ ଦିନ ପୂର୍ବରୁ ସେହି ଜାଗାରେ ଏକ ବରଯାତ୍ରୀ ଗାଡ଼ି ଦୁର୍ଘଟଣାରେ ଦୁଇ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଇନୋଭା କାରରେ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି କାହିଁକି ନା କାରରେ ଓଡ଼ିଶା ନମ୍ବର ପ୍ଲେଟ ଲାଗିଥିବା ବେଳେ କାର ମଧ୍ୟରୁ ଦୁଇ-ତିନୋଟି ଛତିଶଗଡ଼ ଓ ଅନ୍ୟ ରାଜ୍ୟର ନମ୍ବ ପ୍ଲେଟ ରହିଛି ।

# ଆଗାମୀ ନିର୍ବାଚନରେ କଂଗ୍ରେସର ଗ୍ୟାରେଂଟି ସହିତ ଇଲେକ୍ଟ୍ରିକାଲ୍ ବଣ୍ଡ ଘୋଟାଲାର ନିରପେକ୍ଷ ତଦନ୍ତ ଦାବି କଲେ ନରସିଂହ

ବଲାଙ୍ଗିର, ୨୩/୩ (ନି.ପ୍ର): ଆଜି ସକାଳେ ବଲାଙ୍ଗିର ସହରର ହୋଟେଲ ସେଲିବ୍ରେସନ୍ରେ ଏକ ସାମ୍ବାଦିକ ସମ୍ମିଳନୀର ଆହ୍ୱାନ କରି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କଂଗ୍ରେସର ଆଗାମୀ ନିର୍ବାଚନରେ କଂଗ୍ରେସର ଗ୍ୟାରେଂଟି ଘୋଷଣା କରିବା ସହ ଇଲେକ୍ଟୋରାଲ୍ ବଣ୍ଡ ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି । ପ୍ରଦେଶ କଂଗ୍ରେସ ପକ୍ଷରୁ ୨୦୨୪ ନିର୍ବାଚନ ପାଇଁ ପୂର୍ବରୁ କଂଗ୍ରେସର ଗ୍ୟାରେଂଟି ଘୋଷଣା ହୋଇ ସାରିଥିବା ବେଳେ ଶାସନକୁ ଆସିଲେ କେଉଁ ସବୁ ଦିଗକୁ ଗୁରୁତ୍ୱ ଦେଇ କଂଗ୍ରେସ କାମ କରିବ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି କଂଗ୍ରେସ ଦଳର ବରିଷ୍ଠ ନେତା ତଥା ବିଧାୟକ ନରସିଂହ । ଶ୍ରୀ ମିଶ୍ର କହିଛନ୍ତି ଯେ, ରାଜ୍ୟରେ କଂଗ୍ରେସ ଶାସନକୁ ଆସିଲେ ବୋନସ୍ ସହ ଧାନର କ୍ରୟ ମୂଲ୍ୟ କୁଇଂଟାଲ୍ ପ୍ରତି ୩୦୦୦ ଟଙ୍କା କରାଯିବ । କୃଷି ଋଣ ଛାଡ଼ ହେବ । କୃଷକମାନଙ୍କୁ ମାସିକ ୨ ହଜାର ଟଙ୍କା ପେନ୍ସନ୍ ଦିଆଯିବ । ପ୍ରତ୍ୟେକ ଘରୋଇ ଉପଭୋକ୍ତାଙ୍କୁ ୨ ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଇ ଦିଆଯିବ । ୫ ଲକ୍ଷ ଯୁବକ ଯୁବତୀଙ୍କ ନିଯୁକ୍ତି ବ୍ୟବସ୍ଥା କରାଯିବ । ବେକାରୀ ଭତା ମାସକୁ ୩ ହଜାର ଟଙ୍କା ପ୍ରଦାନ କରାଯିବ । ଏସ୍ଏଚ୍ଜି ମହିଳାମାନଙ୍କ ବ୍ୟାଙ୍କ ଋଣ ଛାଡ଼ ହେବ । ସ୍ୱତନ୍ତ୍ର ଗୃହ ଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ପରିବାରର ମୁଖ୍ୟ ମହିଳାଙ୍କୁ ମାସକୁ ୨ ହଜାର ଟଙ୍କା ଲେଖାଏଁ ଭତା ପ୍ରଦାନ କରାଯିବ । ପ୍ରତ୍ୟକ ପରିବାରକୁ ୫ ଶହ ଟଙ୍କାରେ ଗୋଟିଏ ଗ୍ୟାସ୍ ସିଲିଣ୍ଡର ପ୍ରତି ମାସରେ ଦିଆଯିବ । ସରକାରୀ କର୍ମଚାରୀଙ୍କ ସହ ସମସ୍ତଙ୍କ ପାଇଁ ସରକାରୀ ତଥା ବେସରକାରୀ ଡାକ୍ତରଖାନାରେ ୨୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା କରାଯିବ । ବାର୍ଦ୍ଧକ୍ୟ ଭତା, ଦିବ୍ୟାଙ୍ଗ ଭତା ତଥା ବିଧବା ଭତା ୨ ହଜାର ଟଙ୍କାକୁ ବୃଦ୍ଧି କରାଯିବ ଏବଂ ରାଜ୍ୟରେ ଜାତିଭିତିକ, ସାମାଜିକ ଓ ଆର୍ଥିକ ସର୍ଭେ ପୂର୍ବରୁ ଦୂରନ୍ତ ଶିକ୍ଷାନୁଷ୍ଠାନ ଓ ଚାକିରୀ କ୍ଷେତ୍ରରେ ଓବିସି ମାନଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯିବ । ଇଲେକ୍ଟୋରାଲ୍ ବଣ୍ଡ ପ୍ରସଙ୍ଗକୁ ନେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କଡ଼ା ମନ୍ତବ୍ୟ ରଖିଛନ୍ତି । ସେ କହିଛନ୍ତି ଯେ, ୨୦୧୮ ମସିହାରେ ଯେତେବେଳେ ଇଲେକ୍ଟୋରାଲ୍ ବଣ୍ଡ ବ୍ୟବସ୍ଥା କେନ୍ଦ୍ର ବିଜେପି ସରକାର ଲାଗୁ କରିଥିଲେ, ସେହି ସମୟରେ କଂଗ୍ରେସ ଏହାକୁ ପ୍ରବଳ ବିରୋଧ କରିଥିଲା । ଏପରିକି ସୁପ୍ରିମ କୋର୍ଟ କେସ୍ ମଧ୍ୟ ହୋଇଥିଲା । ସୁପ୍ରିମକୋର୍ଟ ଏହା ସମ୍ବିଧାନ ବିରୋଧୀ ତଥା ଆଇନ ବିରୋଧୀ ବୋଲି ମଧ୍ୟ ଘୋଷଣା କରିବା ସହ ଏହାକୁ ନାକଚ୍ କରିଥିଲେ । ନରସିଂହ ଆହୁରି କହିଛନ୍ତି ଯେ, ସେହି ସମୟରେ ସୁପ୍ରିମ କୋର୍ଟ ଏଥିଯୋଗୁଁ କେନ୍ଦ୍ର ସରକାରଙ୍କୁ ଯେଭଳି ଟିକ୍କା ଟିପ୍ପଣୀ କରିଥିଲେ ସେଥିରେ ପ୍ରଧାନମନ୍ତ୍ରୀ ଇସ୍ତଫା ଦେବା କଥା । କିନ୍ତୁ, ପ୍ରଧାନମନ୍ତ୍ରୀ ସୁପ୍ରିମକୋର୍ଟଙ୍କ ନିଷ୍ପତି ଉପରେ ଏ ପର୍ଯ୍ୟନ୍ତ କିଛି ମନ୍ତବ୍ୟରେ କହିନାହାନ୍ତି । ନରସିଂହ ମିଶ୍ର କଡ଼ା ଭାଷାରେ କହିଛନ୍ତି ଯେ, ଦେଶର ସବୁ ରାଜନୈତିକ ଦଳ ମିଶି ଯେତିକି ଇଲେକ୍ଟୋରାଲ୍ ବଣ୍ଡ ମାଧ୍ୟମରେ ଯେତେ ଟଙ୍କା ପାଇଛନ୍ତି ତା' ଠାରୁ ଢେର ଅଧିକ ଟଙ୍କା ପାଇଛି ବିଜେପି ଦଳ । ପୁଣି ଖଣି ମାଲିକ ମାନଙ୍କ ଠାରୁ ଇଲେକ୍ଟୋରାଲ୍ ବଣ୍ଡ ବଳରେ ହଜାର ହଜାର କୋଟି ଟଙ୍କା ବିଜେପି ଓ ବିଜେଡି ହାତେଇଥିବା ଅଭିଯୋଗ ଆଣିଛନ୍ତି ନରସିଂହ । ତେବେ ଏ ଦିଗରେ ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବୀ କରିଛନ୍ତି ।

# କଂଗ୍ରେସର ୯ ନିର୍ବାଚନୀ ଗ୍ୟାରେଂଟି ଉନ୍ମୋଚିତ

ପୁରୀ, ୨୩/୩ (ନି.ପ୍ର): କଂଗ୍ରେସର ୨୦୨୪ ନିର୍ବାଚନୀ ଗ୍ୟାରେଂଟି ଶନିବାର ପୁରୀ ଠାରେ ଉନ୍ମୋଚିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ୨୪ ବର୍ଷର ବିଜେଡି ଶାସନ ଓ ୧୦ ବର୍ଷର ବିଜେଡ଼ି ବିଜେପି ଶାସନରେ ଯାହା ହୋଇନାହିଁ, କଂଗ୍ରେସ ସରକାରକୁ ଆସିଲେ କରି ଦେଖାଇବ ବୋଲି କହିଛନ୍ତି ରାଜ୍ୟ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ । କେନ୍ଦ୍ର ସରକାର ଶାସନ କାଳରେ କୃଷକ ଅବହେଳିତ ହେଉଛନ୍ତି । ଉଭୟ ଓଡିଶା ଓ କେନ୍ଦ୍ର ସରକାର ଧାନର ସଠିକ ମୁଲ୍ୟାଙ୍କନ ନକରିପାରିବାରୁ କୃଷକମାନେ ଋଣ ଗ୍ରସ୍ତ ହୋଇ ଆତ୍ମହତ୍ୟାର ପନ୍ଥା ଆପଣାଉଛନ୍ତି । କୃଷକମାନଙ୍କୁ ଋଣମୁକ୍ତ କରି ଉଚିତ ଧାନ ମୂଲ୍ୟ କୁଇଂଟାଲ ପ୍ରତି ୩ ହଜାର ଟଙ୍କା ପ୍ରଦାନ କରାଯିବ। କୃଷକ ମାନଙ୍କ ପାଇଁ ମାସିକ ୨ ହଜାର ଟଙ୍କାର ପେନସନ ବ୍ୟବସ୍ଥା କରାଯିବ । ମୋଦି ଓ ନବୀନ ସରକାର ଉଭୟେ ବେକାରୀ ସମସ୍ୟାକୁ ସମାଧାନ କରିବାରେ ବିଫଳ ହୋଇଛନ୍ତି । କଂଗ୍ରେସ ସରକାରକୁ ଆସିଲେ ଓଡ଼ିଶାର ୫ ଲକ୍ଷ ବେକାରୀ ଯୁବକ ଯୁବତୀଙ୍କୁ ନିଯୁକ୍ତି ସହ ବେକାରୀ ଭତା ବାବଦ ୩ ହଜାର ମାସିକ ପ୍ରଦାନ କରାଯିବ । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ କଂଗ୍ରେସ ସରକାର ଋଣ ଛାଡ ସହ ଗୃହ ଲକ୍ଷ୍ମୀ ଯୋଜନାରେ ଗୃହର ମୁଖ୍ୟ ମହିଳାଙ୍କୁ ମାସିକ ୨ ହଜାର ଟଙ୍କା ଭତା ଦିଆଯିବ ବୋଲି ଏଆଇସିସି ସଭ୍ୟ ସୁଜିତ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନା କରି ଗ୍ୟାସର ଅହେତୁକ ମୁଲ୍ୟ ବୃଦ୍ଧି ଯୋଗୁ ଏହାର ପ୍ରଭାବ ସିଧାସଳଖ ହାଣ୍ଡିଶାଳରେ ପଡୁଛି । ତେଣୁ ପ୍ରତି ପରିବାରକୁ ୫ ଶହ ଟଙ୍କାରେ ସିଲିଣ୍ଡର ଯୋଗାଇବ କଂଗ୍ରେସ ସରକାର ବୋଲି କହିଛନ୍ତି ସୁଜିତ । ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ମାଗଣା ଚିକିତ୍ସା, ବାର୍ଦ୍ଧକ୍ୟ ଭତା, ବିଧବା ଭତା ଓ ଦିବ୍ୟାଙ୍ଗ ଭତା ମାସିକ ୨୦୦୦ ଟଙ୍କା ସହ ରାଜ୍ୟରେ ପଛୁଆ ବର୍ଗ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି । ତେଣୁ ପ୍ରତି ପରିବାରକୁ ୫ ଶହ ଟଙ୍କାରେ ସିଲିଣ୍ଡର ଯୋଗାଇବ କଂଗ୍ରେସ ସରକାର ବୋଲି କହିଛନ୍ତି ସୁଜିତ । ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ମାଗଣା ଚିକିତ୍ସା, ବାର୍ଦ୍ଧକ୍ୟ ଭତା, ବିଧବା ଭତା ଓ ଦିବ୍ୟାଙ୍ଗ ଭତା ମାସିକ ୨୦୦୦ ଟଙ୍କା ସହ ରାଜ୍ୟରେ ପଛୁଆ ବର୍ଗ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି । ଏହି ସାମ୍ବାଦିକ ସମିଳନୀରେ ରାଜ୍ୟ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ, ପୁରୀ ଜିଲ୍ଲା ସଭାପତି ଜୟନାରାୟଣ ପଟ୍ଟନାୟକ, ଏଆଇସିସି ସଭ୍ୟ ସୁଜିତ ମହାପାତ୍ର, ନଗର ସଭାପତି ଅମରେନ୍ଦ୍ର ପାଇକରାଏ, ମୁଖପାତ୍ର ସ୍ୱାଧୀନ ପଣ୍ଡା ସହ ସାମାଜ ଗଣ ମାଧ୍ୟମ ଜିଲ୍ଲା ମୁଖ୍ୟ ମନୋଜ ବେହେରା, ଚେତନ ମିଶ୍ର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅନିମେଶ ପଟ୍ଟନାୟକ ପରିଚାଳନା କରିଥିଲେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୪ ମାର୍ଚ୍ଚ ୨୦୨୪
email : rabibarachayan2015@gmail.com

# ର ବି ବା ର ଚ ୟ ନ

ପୃଷ୍ଠା ୩

.......ସୁଚୟନ ସୁଚୟନ ସୁଚୟନ.......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ

# ବୈଦେହୀ



### ଡ.ଭାଗବତ ବେହେରା



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୪୪**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମୋ କଥା ଶୁଣି ହସିହସି କହିଥିଲେ 'ସୀତେ ସତରେ ରାମ କେବେବି ଜୀବନରେ ସଂଗୀତ ଗାନ କରିନାହିଁ । ତୁମର ଏ ରୂପ, ରଂଗ, ମୋ କଣ୍ଠରେ ବାଣୀର ଝଙ୍କାର ସୃଷ୍ଟି କରାଉଛି । ତୁମର ମୁଖମଣ୍ଡଳରୁ ଝରି ପଡୁଥିବା ପ୍ରୀତିସୁଧା, ତୁମ ବଚନର କୋମଳ ରାଗିଣୀ, ତୁମ ନୟନ ଯୁଗଳରେ ଭରି ରହିଥିବା ଦୀପ୍ତିମନ୍ତ ପ୍ରେମର ଛନ୍ଦ ମୋ କଣ୍ଠରେ ଆଜି ଭରି ଦେଇଛି ସଂଗୀତ ।

ତାଙ୍କ କଥା ଶୁଣି ମୁଁ କହିଥିଲି ପ୍ରଭୁ, ଆପଣ ଧ୍ନୁର୍ବାଣ ତ୍ୟାଗ କରି ଲେଖନୀ ଧରି ଆଉ କବିଟିଏ ହୋଇଯିବେ ନାହିଁ ତ ?

ମୋ କଥା ଶୁଣି ହୋ ହୋ ହୋଇ ହସିଉଠି ସେ କହିଥିଲେ ସତରେ ଜାନକୀ ଏ ବନବାସ ଶେଷ ହେଲା ବେଳକୁ ତୁମ ରାମ ବୋଧେହୁଏ କବି ରାମଚନ୍ଦ୍ର ହୋଇ ସାରିଥିବେ । ଏତକ କହି ପ୍ରଭୁ ମୋର ମୋତେ କୋଳରେ ବସାଇ ମୋ କେଶପାଶରେ ଖଞ୍ଜି ଦେଇଥିଲେ ପୁଷ୍ପର ହାର । ହସ୍ତ ପଦରେ ପିନ୍ଧାଇ ଦେଇଥିଲେ ପୁଷ୍ପାଳଙ୍କାର । ବକ୍ଷରେ ଲମ୍ବାଇଦେଲେ ସୁଗନ୍ଧିତ ପୁଷ୍ପର ଏକ ମନୋରମ ଝୁଲଣା । ତାପରେ ସେ ପଥର ଉପରେ ବସି କୋଳ ପାତିଦେଇ ମୋ ମସ୍ତକକୁ କୋଳରେ ରଖି ଆନନ୍ଦରେ ଅଧୀର ହୋଇ କହିଥିଲେ, "ହେ ଦେବଦେବ ରୋହିଣୀପତି, ଆକାଶରେ ଥାଇ ତୁମେ ଦେଖ । ତୁମର ଅନେକ ପତ୍ନୀ ଥିଲେ ବି ତୁମେ ରୋହିଣୀକୁ ସବୁଠୁଁ ଅଧିକ ସ୍ନେହ, ଆଦର କର । ଅନେକ ପ୍ରେମ କର । ଏବେ ତୁମେ ତୁଳନା କର ତାରାକାନ୍ତ ମୋ ସୀତା ଠାରୁ ମୁଁ ଯେଉଁ ସ୍ନେହ, ପ୍ରେମ, ପ୍ରୀତିର ଧାରା ପାଉଛି ତାହା ତୁମେ ପାଉଥିବ ତ ?

ସ୍ୱାମୀ ! ଆପଣ ଏ କ'ଣ କହୁଛନ୍ତି ? କାହିଁ ସ୍ୱର୍ଗର ଚନ୍ଦ୍ର ରୋହିଣୀ ଆଉ କାହିଁ ମର୍ତ୍ତ୍ୟର...

ବନବାସୀ ରାମ ଆଉ ସୀତା । ଏହିକଥା ତୁମେ କହିବାକୁ ଚାହୁଁଛ ତ ବୈଦେହୀ । ତାଙ୍କ ତୁଣ୍ଡରେ ହାତଦେଇ ମୁଁ କହିଥିଲି ପ୍ରଭୁ ! ଆପଣ ଏମିତି କାହିଁକି କହୁଛନ୍ତି । ମୋ ସମଗ୍ର ଶରୀରରେ ପ୍ରେମର ଫଲ୍‌ଗୁ ଧାରା ବୁହାଇ ଦେଇ ସେ କହିଥିଲେ ମୁଁ ଯାହା କହୁଛି ତାହା ସତ୍ୟ ଦେବୀ । ମୋର ମାନବ ଜନ୍ମ ନେବା ସାର୍ଥକ ହୋଇଯାଇଛି । ଦେବଲୋକରେ ଏ ସୁଖ, ଶାନ୍ତି, ଏ ପ୍ରେମ, ଏ ଆନନ୍ଦ ଦୁର୍ଲଭ ପ୍ରିୟେ !

ପ୍ରଭୁ ! ଆପଣ ଦେବତା ମାନଙ୍କ କଥା କେମିତି ଜାଣିଲେ ।

ମୋ କଥା ଶୁଣି ସେ ଶିହରି ଉଠିଥିଲେ । କଥାର ମୋଡ଼ ବଦଳାଇ ସେ କହିଥିଲେ ନା ଜାନକୀ ! ମୁଁ ଏମିତି ଅନୁମାନ କରି କଥାଟା କହିଦେଲି ।

ଚକ୍ଷୁଖୋଲି ଉପରକୁ ଚାହିଁଲି ମୁଁ । ଆକାଶରେ ହସୁଛି ପୂର୍ଣ୍ଣମୀ ଜହ୍ନ । ପାଖରେ ଥାଇ ଦେବୀ ରୋହିଣୀ ଆଖି ମିଟିମିଟି କରୁଛନ୍ତି । ମୋ ପ୍ରଭୁଙ୍କ କୋଳରେ ଶୋଇ ମୁଁ ମଧ ଆଖି ମିଟିମିଟି କରୁଛି । କ୍ଷଣକ ପୂର୍ବରୁ ମୋ ସ୍ୱାମୀ ଯାହା କହୁଥିଲେ ତାହା ସତ୍ୟ । ବାସ୍ତବରେ କି ଆନନ୍ଦ କି ନୈସର୍ଗିକ ସୁଖ ଆଜି ନପାଉଛି ଜନକ ନନ୍ଦିନୀ । ଏ ସୁଖ, ଏ ପ୍ରାଚୁର୍ଯ୍ୟ, ଏ ଐଶ୍ୱର୍ଯ୍ୟ ମୋ ସ୍ୱାମୀଙ୍କ କୋଳ ବିନା ଆଉ କେଉଁଠି ମିଳିଥାନ୍ତା ? ମୋ ସୁଖରେ ବ୍ୟାଘାତ ଘଟାଇ ସେ କହିଥିଲେ ବୈଦେହୀ ଆଜିକାର ଘଟଣା ସମ୍ପର୍କରେ ତୁମକୁ ଶୁଣାଇବି କହିଥିଲି । ସେ ଘଟଣା କଥା ଶୁଣିଲେ ତୁମେ ବିଚଳିତ ହେବ ନାହିଁ ତ ?

ମୋ ପ୍ରଭୁଙ୍କ କୋଳରେ ମୁଣ୍ଡପାତି ମୁଁ ଶୋଇଛି ଯେତେବେଳେ, ଏ ପୃଥିବୀର କୌଣସି ଶକ୍ତି ନାହିଁ, ଘଟଣା, ଦୁର୍ଘଟଣା ନାହିଁ ମୋତେ ବିଚଳିତ କରିଦେବ । କୁହନ୍ତୁ କୁହନ୍ତୁ ସ୍ୱାମୀ କ'ଣ ଆଜି ଘଟିଲା ।

ମୋ ମୁହଁରୁ ନଶୁଣି ତୁମେ ଯଦି ସେକଥା ଲକ୍ଷ୍ମଣ ମୁହଁରୁ ଶୁଣନ୍ତ...

ଲକ୍ଷ୍ମଣ କ'ଣ ସେ କଥା ଜାଣନ୍ତି ପ୍ରଭୁ ?

ହଁ ଜାନକୀ ଲକ୍ଷ୍ମଣ କିଛି ଜାଣେ । ତେବେ ମୋ ତୁଣ୍ଡରୁ ତୁମେ ପ୍ରଥମେ ଶୁଣ । ଲକ୍ଷ୍ମଣ ସେ କଥାର ପୂର୍ଣ୍ଣଚ୍ଛେଦ ଟାଣିବ ।

ମୋ ମନରେ ଉତ୍ସୁକତା ଭରି ଯାଉଥାଏ । କ'ଣ ଏମିତି ଘଟିଗଲା ଏଇ କେଇ ମୁହୂର୍ତ୍ତରେ । ମୋ ମନର ଉତ୍କଣ୍ଠାର ଅବସାନ ଘଟାଇ ମୋ କେଶରାଶିରେ ହସ୍ତାଙ୍ଗୁଳି ଚାଳନା କରୁକରୁ ସ୍ୱାମୀ ମୋର କହିଥିଲେ, ସୀତେ ! ତୁମ ସପତ୍ନୀକୁ ମୁଁ ଆଜି ପଞ୍ଚବଟୀ ଅରଣ୍ୟରେ ଭେଟିଥିଲି ।

ସପତ୍ନୀ ! ଚିହିଁକି ଉଠିଥିଲି ମୁଁ । ସ୍ୱାମୀଙ୍କ କୋଳରୁ ଉଠିବସି ପଡ଼ି ମୁଁ କହିଥିଲି, ମୋ ସପତ୍ନୀ ? ଆପଣ ଏ କ'ଣ କହୁଛନ୍ତି ସ୍ୱାମୀ । କିଏ ମୋର ସପତ୍ନୀ ।

ତୁମ ସଉତୁଣୀ ଆଉ କିଏ ହେବ ଜଣେ ଅନିନ୍ଦ୍ୟା ସୁନ୍ଦରୀ ରମଣୀ ।

କିଏ ସେହି ରମଣୀ ? ସେ କେମିତି ଆପଣଙ୍କୁ ପାଇଲା ? କଥା କହୁକହୁ ଈଷତ୍ କ୍ରୋଧ ପ୍ରକାଶ କରି କାନ୍ଦି ପକାଇଥିଲି ମୁଁ ।

ହସିହସି ମୋ ଚକ୍ଷୁରୁ ଅଶ୍ରୁପୋଛି ଦେଇ ସେ କହିଥିଲେ, ମୁଁ ଜାଣେ ପରା ନାରୀ ସବୁ ଦୁଃଖ, କଷ୍ଟ, ଯାତନାକୁ ହସିହସି ସହିଯିବ । ହେଲେ ସଉତୁଣୀର କଥା ଶୁଣିଲେ...

ପ୍ରଭୁଙ୍କ କଥା ମୋତେ କଷ୍ଟ ଦେଉଥିଲେ ବି ମୁଁ କାନ୍ଦି ପକାଉଥିଲି । ତାଙ୍କ ଛାତିରେ ମୁଣ୍ଡ ରଖି କାନ୍ଦୁଥିବାର ଜାଣି ସେ ମୋ ମୁଖମଣ୍ଡଳକୁ ବେନି ହସ୍ତରେ ତୋଳିଧରି କହିଥିଲେ - ମୋତେ କଥା ଶେଷ କରିବାକୁ ଦିଅ ବୈଦେହୀ । ପୂରା କଥା ନଶୁଣିଲେ ତୁମେ ଜାଣିବ କେମିତି ତୁମ ସଉତୁଣୀ କିଏ ? ତୁମଠାରୁ ବିଦାୟ ନେଇ ମୁଁ ଯାଇ ଗୋଦାବରୀ କୂଳରେ ପୁଷ୍ପଚୟନ କରୁଥିବାବେଳେ ମୋ କାନରେ ଗୁଞ୍ଜରି ଉଠିଲା ଏକ ନାରୀ ପାଦର ନୂପୁରର ସ୍ୱର । ହାତ ମୋର ଫୁଲ ତୋଳୁତୋଳୁ ଅଟକି ଯାଇଥିଲା । ବାରମ୍ବାର ସେହି ଧ୍ୱନି ଶୁଣି ମୁଁ ପଛକୁ ଫେରି ଦେଖେ ତ ଏକ ଦିବ୍ୟ ସୁନ୍ଦରୀ ରମଣୀଟିଏ ମୋ ପଛରେ ଛିଡ଼ା ହୋଇ ହସୁଛି । ଅବାକ୍ ହୋଇ ଯାଇଥିଲି ମୁଁ । କିଏ ଏହି ସୁନ୍ଦରୀ ନାରୀ ? ଏକାକୀ ଏ ଅରଣ୍ୟରେ ଘୂରିବୁଲୁଛି । ମୋତେ ଦେଖି ସେ ଧୀରେଧୀରେ ମୋ ପାଖକୁ ଆସନ୍ତେ ମୁଁ ତାକୁ ପଚାରିଥିଲି କିଏ ତୁମେ ଦେବୀ ? କ'ଣ ପାଇଁ ଏକାକୀ ଏ ଶ୍ୱାପଦ ସଂକୁଳ ଅରଣ୍ୟ ମଧ୍ୟରେ ଘୂରିବୁଲୁଛ ? ତୁମର କ'ଣ ବ୍ୟାଘ୍ର ଭଲ୍ଲୁକଙ୍କୁ ଭୟ ନାହିଁ ?

ମୋ କଥା ଶୁଣି ସେ ହସିହସି କହିଥିଲା ବାଘ, ଭାଲୁ ମୋ ସମ୍ମୁଖରେ ପିମ୍ପୁଡ଼ିଠାରୁ ହୀନ । ସେମାନେ ମୋତେ ଦେଖିଲେ ଭୟଭୀତ ହୋଇ ପଳାଇ ଯାଆନ୍ତି । ଦୂରରୁ ତୁମକୁ ଦେଖି ମୁଁ ତୁମ ନିକଟକୁ ଧାଇଁଆସିଛି ।

ତୁମର ମୋ ଠାରେ କି କାର୍ଯ୍ୟ ଅଛି ଦେବୀ । ମୁଁ ତୁମକୁ କି ସାହାଯ୍ୟ କରିପାରେ ।

ମୋ କଥା ଶୁଣି ହସିହସି ସେ କହିଥିଲେ, ତୁମେ ବହୁତ ସୁନ୍ଦର ପୁରୁଷ । ତୁମ ରୂପର ତୁଳନା ନାହିଁ । ତୁମ ରୂପ କହୁଛି ତୁମେ ରାଜକୁଳର ନିଶ୍ଚିତ । କ'ଣ ପାଇଁ ଏ ସନ୍ନ୍ୟାସୀ ଜଟାଧାରୀ ବେଶରେ ତୁମେ ଅରଣ୍ୟରେ ଘୂରି ବୁଲୁଛ ? ତୁମ ରୂପରେ ମୁଁ ମୁଗ୍ଧ । ମୋତେ ତୁମେ ତୁମର ପତ୍ନୀ ଭାବରେ ଗ୍ରହଣ କର ।

ଦେବୀ ! ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ତୁମେ ଏ କ'ଣ କହୁଛ । ମୁଁ ତୁମର ଯୋଗ୍ୟ ନୁହେଁ, ମୁଁ ବିବାହିତ ।

ମୁଁ ଜାଣେ ତୁମେ ବିବାହିତ । ତୁମର ଗୋଟାଏ ସୁନ୍ଦରୀ ସ୍ତ୍ରୀ ଅଛି । ତା ନା ସୀତା । ସ୍ନେହରେ ତୁମେ ତାକୁ ବୈଦେହୀ, ଜାନକୀ ବୋଲି ଡାକ । (କ୍ରମଶଃ)


♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


# ଓଡ଼ିଆ ଭାଷା ଓ ସାହିତ୍ୟର ଗତି

### ଡକ୍ଟର ଲକ୍ଷ୍ମଣ ସାହୁ



(ପୂର୍ବ ପ୍ରକାଶିତ ଉତ୍ତାରୁ) ତେଣୁ ଓଡ଼ିଆ ଭାଷା , ସାହିତ୍ୟ, ବିଳାସପୂର୍ଣ୍ଣ ସାମଗ୍ରୀ ନୁହେଁ , ବରଂ ଏହା ଏକ କଠୋର ତପସ୍ୟା ଓ ଗଭୀର ସାଧନାର ଫଳ । ଏହା ପ୍ରତି ସମୁଚିତ ଆଦର ସମ୍ମାନ ଦିବ୍ୟ ମାତୃ ଭାଷାର ସୁରକ୍ଷା ସଂରକ୍ଷଣ । କହିରଖେ ସାହିତ୍ୟ କଳା, ଐତିହ୍ୟ, ଧର୍ମ ଓ ସଂସ୍କୃତିକୁ ସଂରକ୍ଷିତ କରେ । ସୁସ୍ଥ କଳାତ୍ମକ ଓ ସୂଚନାପୂର୍ଣ୍ଣ ମନୋରଞ୍ଜନ ମାଧ୍ୟମରେ ସମାଜର ରାଜନୀତିକ, ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ସ୍ଥିତି ବିଷୟରେ ସୂଚନା ଦେଇଥାଏ । ଲେଖାଯାଇଥିବା ଉପନ୍ୟାସ, କାହାଣୀ ଓ କବିତା ମାଧ୍ୟମରେ ବିଭିନ୍ନ ଶ୍ରେଣୀ, ସମ୍ପ୍ରଦାୟ ଇତ୍ୟାଦିର ସମ୍ବେଦନଶୀଳତାକୁ ଅତି ନିକଟରୁ ବୁଝିପାରିବା । ସ୍ଥାୟୀ କଳାତ୍ମକ ରଚନା ହିସାବରେ ଜଗତ ଓ ଜୀବନ ସମ୍ପର୍କରେ ଲେଖକର ଭାବ ଓ ଭାବନା, ଚିନ୍ତା ଓ କଳ୍ପନା, ଆବେଗ ଓ ଅନୁଭୂତି ପ୍ରକାଶିତ ହୋଇଥାଏ । ତେଣୁ ସାହିତ୍ୟ ସଦାକାଳେ ଦୀର୍ଘସ୍ଥାୟୀ ମାନବୀୟ ମହତ୍ତ୍ୱ ଉପରେ ପ୍ରତିଷ୍ଠିତ ।

ଭାଷା ସାହିତ୍ୟର ଶବ୍ଦ ବ୍ରହ୍ମ ଅତୀତ ସହିତ ବର୍ତ୍ତମାନର, ଗ୍ରନ୍ଥର ଭାଷା ସହିତ ଭାଷାର ସଜୀବ ବନ୍ଧନରେ ସଂଯୁକ୍ତ କରାଏ । ଜଣେ ଖ୍ୟାତନାମା ବାଦ ତାଙ୍କର ଶୁଭଚିନ୍ତକ ଜନ୍ମାଏ । ଯେଭଳି ରୁଷୋ , ମାର୍କଙ୍କ ସାହିତ୍ୟ ଅନେକଙ୍କୁ ଅନୁପ୍ରାଣିତ ଓ ପ୍ରୋତ୍ସାହନ ଯୋଗାଇଛି ଓ ସାହିତ୍ୟ ହିଁ ଯୁଦ୍ଧ, ହିଂସା, ବନ୍ଦ, ଆତଙ୍କବାଦ, ଦାରିଦ୍ର୍ୟ, ନିରକ୍ଷରତା, ଅମାନବିକତା, ଶୋଷଣ, ବାଲ୍ୟ ବିବାହ, ବିଧବାମାନଙ୍କ ଦୁଃଖ, ନାରୀ ଅଧିକାର ସଚେତନ କରାଇଥାଏ । ସାହିତ୍ୟ ମିଳନ ସଂଯୋଗ ସେତୁ । ସହାବସ୍ଥାନର ସହିତ ଅର୍ଥର, ଜୀବନ ସହିତ ଜଗତର, ମଣିଷ ସହ ମଣିଷର, ଗ୍ରନ୍ଥ ସହିତ ମିଳନ କରାଇ ସାହିତ୍ୟ ମଣିଷକୁ ଅଧିକ ଜୀବନଧର୍ମୀ ଆତ୍ମବିଶ୍ୱାସୀ କରାଇଥାଏ । ବିଶ୍ୱର ଅନେକ ଲେଖକ ଭଲଟାୟାର, ଭିକ୍ଟର ହୁଗୋ ପ୍ରଭୃତି ସାମାଜିକ- ରାଜନୀତିକ ଆନ୍ଦୋଳନକୁ ଆଗେଇ ନେଇ ମାନବ ସମାଜରେ କୁସଂସ୍କାର, ଅନ୍ଧବିଶ୍ୱାସ, ଅତ୍ୟାଚାର,ସଭ୍ୟତାର କୁପରିଣାମ ଆଦି ସମ୍ପର୍କରେ ଜ୍ଞାନ ପ୍ରଦାନ କରି ଜନସାଧାରଣଙ୍କୁ ସଚେତନ କରାଇଥାନ୍ତି, ତାହା ଅସ୍ୱୀକାର କରିପାରିବା ନାହିଁ ।

ଓଡ଼ିଆ ଭାଷା ଓ ସାହିତ୍ୟର ଗତି କେଉଁ ଆଡକୁ ସୂଚେଇ ଦେଉଛି । ଏବେ ନିକଟରେ ଜଣେ ବନ୍ଧୁ ତାଙ୍କ ଫେସବୁକରେ ସମତା ପତ୍ରିକାରେ ପ୍ରକାଶ ପାଇଥିବା ଜଣେ ଲେଖିକାଙ୍କ ପ୍ରବନ୍ଧ ସଂପର୍କରେ ସେୟାର କରି ଆଜିର ସାହିତ୍ୟିକ ଓ ପାଠକଙ୍କୁ ସଚେତନ କରିଥିବାରୁ ଧନ୍ୟବାଦରପାତ୍ର । ଜନୈକ ଲେଖିକା କିଭଳି ନିକୃଷ୍ଟ ପ୍ରବନ୍ଧ ଇଂରାଜୀ ଭାଷାରେ ଲିଖିତ ୩ ବିଏସଏସଏସ ଜର୍ନାଲ ଅଫ ଏଡୁକେସନ୍ ( ୩ ଇଝଝଝ ଔକ୍ଷଙ୍କଵଭବକ୍ଷ କ୍ଷ୍ଟଳ ରୟଙ୍କମବଷ୍ପସକ୍ଟଭ) ନାମକ ଏକ ଅନଲାଇନ୍ ପତ୍ରିକାରେ ପ୍ରକାଶ କରିଛନ୍ତି ତାହା ଦର୍ଶାଇଛନ୍ତି ।?ପ୍ରବନ୍ଧର ଶୀର୍ଷକ ରହିଛି ' ୱୁମେନସ୍ ରାଇଟିଂ ଇନ୍ ଓଡ଼ିଆ ଲିଟରଚେର ' ( ଡଙ୍ଗରଘ'ଝ ଡଜଓଞ୍ଚଓଘଏ ଓଘ ଙଡ଼ଓଇ ଖଓଞ୍ଚରଜଇଞ୍ଚଟଜର ) ପ୍ରକାଶିତ । ଏପରିକି ଲେଖିକା ତାଙ୍କ ପ୍ରବନ୍ଧକୁ ଗବେଷକମାନଙ୍କ ପରିସରରେ ପହଞ୍ଚାଇବାକୁ ରିସର୍ଚ୍ଚ ଗେଟ୍ (ଜରଷ୍ପରବକ୍ଷମଷ ଏବଷ୍ପର)ରେ ଆଣି ସେୟାର ବି କରିଛନ୍ତି । ଆରମ୍ଭରୁ ଶେଷଯାଏ ପଢ଼ିଲେ, ଅନେକ ନୂଆ ତଥ୍ୟ, ନୂଆ ବହି ଓ ନୂଆ ଲେଖକାଙ୍କୁ ଜାଣି ପାରିବେ ।

ନିଜକୁ ଜଣେ ଶ୍ରେଷ୍ଠ ପ୍ରାବନ୍ଧିକା ବୋଲାଉଥିବା ପ୍ରାବନ୍ଧିକା ତାଙ୍କ ପ୍ରବନ୍ଧରେ ପନ୍ଦର ଜଣ ଓଡ଼ିଆ ନାରୀ ଲେଖିକାଙ୍କ ବିଷୟରେ ଆଲୋଚନା କରିଛନ୍ତି ତାହା ବେଶ୍ ହାସ୍ୟାସ୍ପଦ। ପ୍ରଥମରୁ ଯେଉଁ ଓଡ଼ିଆ ନାରୀ ଲେଖିକାଙ୍କ ନାମ ରହିଛି, ସେ ହେଲେ ଚନ୍ଦ୍ରମୁଖୀ ବାସୁ (୧୮୬୦–୧୯୪୪) । ଜନ୍ମ କଲିକତାରେ । ତାଙ୍କ ଉପନ୍ୟାସର ନାମ ହେଲା 'କମଳାକାନ୍ତେର ଦପ୍ତର" । ଦ୍ୱିତୀୟରେ ଅଛନ୍ତି ନାରୀ ଲେଖିକା, ଜ୍ୟୋତି ପ୍ରସାଦ ପାଣିଗ୍ରାହୀ (୧୯୨୧-୧୯୯୧) । ସେ 'ମାଟିର ମଣିଷ' (ଞ୍ଚଷର ଉକ୍ଷବଚ୍ଚ ଝଷ୍ପବଷ୍ପଙ୍କର) ଉପନ୍ୟାସ ରଚନା କରିଛନ୍ତି । ମାଟିର ମଣିଷର ଇଂରାଜୀ ଅନୁବାଦ ଦ କ୍ଲେ ଷ୍ଟାଟୁ ( ଞ୍ଚଷର ଉକ୍ଷବଚ୍ଚ ଝଷ୍ପବଷ୍ପଙ୍କର ) କରାଯାଇଛି । ଯାହା ୧୯୬୦ରେ ପ୍ରକାଶିତ ହୋଇଛି ଓ ଯେଉଁ କାହାଣୀର ପୃଷ୍ଠଭୂମି ହେଉଛି ସାବିତ୍ରୀ ଓ ସତ୍ୟବାନଙ୍କ କଥା । ଜ୍ୟୋତି ମ୍ୟାଡାମଙ୍କର ନାଟକଟିଏ ଅଛି, ନାଁ ହେଲା 'କନକଲତା' । ଲେଖିକା ଜ୍ୟୋତି ପ୍ରାସାଦ ପାଣିଗ୍ରାହୀ ପଦ୍ମଶ୍ରୀ ବି ପାଇଛନ୍ତି ।

ଏଭଳି ତୃତୀୟ ଲେଖିକା ହେଉଛନ୍ତି ଜ୍ୟୋସ୍ନାରାଣୀ ପଣ୍ଡା । ତାପରେ ଅଛନ୍ତି କୁନ୍ତଳା କୁମାରୀ ସାବତ (୧୯୨୪-୨୦୧୪) । କୁନ୍ତଳା କୁମାରୀଙ୍କ ପ୍ରଖ୍ୟାତ ଉପନ୍ୟାସର ନାଁ ହେଲା 'ବାଞ୍ଛାରାମେର ବାଗ' । ଓଡ଼ିଆ ଭାଷା ସାହିତ୍ୟରେ କ୍ଲାସିକ୍ ମାନ୍ୟତା ପାଇଥ?ବା ଏହି ଉପନ୍ୟାସ ୧୯୫୦ରେ ପ୍ରକାଶିତ । କୁନ୍ତଳା କୁମାରୀଙ୍କର ଏକାଡେମୀ ପୁରସ୍କାର ପାଇଥିବା ତାଙ୍କର ଅନ୍ୟ ଏକ ଉପନ୍ୟାସର 'ଆମାରବେଳା' । କୁନ୍ତୁଳାକୁମାରୀ ୨୦୦୬ରେ ପଦ୍ମଶ୍ରୀ ପାଇଛନ୍ତି । ଆଉ ଜଣେ ନାରୀ ଲେଖିା ରମାଦେବୀ ଚୌଧୁରୀ ୧୯୭୬ରେ ପଦ୍ମଶ୍ରୀ ପାଇଛନ୍ତି ଓ ଜ୍ଞାନପୀଠ ମଧ୍ୟ ପାଇଛନ୍ତି ୧୯୮୬ରେ । ପ୍ରତିଭା ଦେବୀ ନାମରେ ଜଣେ ନାରୀ ଲେଖୁକା ମଧ୍ୟ ପଦ୍ମଶ୍ରୀ ପାଇଛନ୍ତି ୧୯୬୮ରେ । ପ୍ରତିଭା ଶତପଥୀ ଇଂରାଜୀ ଭାଷାରେ ପାଠ ପଢିଛନ୍ତି ଓ 'ଛମାଣ ଆଠଗୁଣ୍ଠ' ନାମକ ଉପନ୍ୟାସ ରଚନା କରିଛନ୍ତି । ଏମିତି ଅନ୍ୟ ଲେଖିକାମାନଙ୍କୁ ନେଇ ସେ ଯାହା ଉଲ୍ଲେଖ କରିଛନ୍ତି ତାହା ନକହିବା ଭଲ ।

ଆଶ୍ଚର୍ଯ୍ୟର କଥା ଗବେଷିକାଙ୍କ ପରିଚୟ ପାଖରେ ଲେଖାଅଛି ସେ ଇନ୍ଦିରାଗାନ୍ଧୀ ନ୍ୟାସନ ସନାଲ୍ ଟ୍ରାଇବାଲ୍ ୟୁନିଭର୍ସିଟି ଅମରକଣ୍ଟକ, ମଧ୍ୟପ୍ରଦେଶରୁ ଲିଙ୍ଗୁଇଷ୍ଟିକ୍ ରେ ପି.ଏଚ୍.ଡି କରିଛନ୍ତି । ସେଣ୍ଟ୍ରାଲ୍ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ ଲାଙ୍ଗୁଏଜରେ ସେ ରିସୋର୍ସ ପର୍ସନ ଅଛନ୍ତି ବୋଲି ତାଙ୍କ ବାୟାଡାଟାରେ ଉଲ୍ଲେଖ ଅଛି । ଏଥିରୁ ଅନୁମେୟ ଆମ ଭାଷା ଓ ସାହିତ୍ୟ କେଉଁ ଆଡକୁ ଗତି କରୁଛି ତାହା ବିଚାର୍ଯ୍ୟ । ବାସ୍ତବରେ ଆଲୋଚ୍ୟ ପ୍ରବନ୍ଧରେ କାହାକୁ କଟାକ୍ଷ କି ସମାଲୋଚନା କରିବା ଆମର ଲକ୍ଷ୍ୟ ନୁହେଁ । ସେଥିପାଇଁ ଆଲୋଚ୍ୟ ଆଲୋଚନାରେ ତାଙ୍କର ନାଁ ଲେଖିବାକୁ ଆମେ ନାଚାର ହେଲୁ ।

ସତରେ ଭାଷା ଓ ସାହିତ୍ୟକୁ ନେଇ ଯଦି ସଚେତନ ନ ହେବା ତେବେ ଭାଷାନୀତି ଉଲ୍ଲଙ୍ଘନ, ଅବହେଳା ଓ ଅନାଦର ଲାଗି ରହିବ । ଓଡ଼ିଆ ଭାଷାର ଆୟୁଷକୁ ହିଁ କେବଳ ଶେଷ କରି ଦେବା । ହଜାର ହଜାର ବର୍ଷ ଧରି ପ୍ରଚଳିତ ଭାଷା ଅଳ୍ପ କେତେ ବର୍ଷରେ ଅନ୍ତ ହୋଇଯିବ । ଗୋଟେ ଭାଷାର ଗୋଟେ ଜାତିର ସବୁଦିନ ପାଇଁ ମୃତ୍ୟୁ ହୋଇଯିବ । ଭାଷାର ବିକାଶ ପାଇଁ ଭାଷାପ୍ରେମୀ,ଭାଷା ବିଜ୍ଞାନୀ,ଭାଷା ଗବେଷକ ,ପୁସ୍ତକ ରଚୟିତା ଓ ପ୍ରଶାସକମାନେ ସ୍ୱତନ୍ତ୍ର ବାସ୍ତବାଭିମୁଖି ଯୋଜନା ପ୍ରସ୍ତୁତ କରିବା ଦରକାର । କେବଳ ଭାଷା ଶବ୍ଦ ଉଚ୍ଚାରଣରେ ଭାଷା ସାହିତ୍ୟ ବଞ୍ଚେ ନାହିଁ । ବଞ୍ଚେ ଜନସାଧାରଣ ଜୀବନ ଶୈଳୀ ଦର୍ଶନରେ ...!!!(ସମାପ୍ତ)


♥ ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
(ମୋ) ୯୦୪୦ ୧୫୧୪୭୫


## କବିତା...

### ॥ ହୋଲି ରଂଗ ସିନା ॥

**ଡକ୍ଟର ଶ୍ରୀଧର ସାମଲ**



ହୋଲି ରଂଗ ସିନା ଗୋଲାପି ଗୋଲାପି
ପ୍ରେମର ରଂଗ ଗହମ
ମନ ରଂଗ ବଡ ବିଚିତ୍ର ଗଣିତ
ଅନୁଭବ ଅନୁପମ ।

ପ୍ରେମରଂଗ ଏକ ଜଟିଳ ପ୍ରଶ୍ନର
ଶାଣିତ କଠିନ ସୂତ୍ର
ଅବୋଧ କବିତା ଅମାନିଆ ନଈ
ବହୁଥାଏ ଅବିରତ ।

ବିଶ୍ୱାସର ରଂଗ ଜୀବନ ଯୌବନେ
ପ୍ରେମର ପ୍ରଦୀପ ହୋଇ
ଲିଭିଗଲେ ଥରେ ମନ ଆକାଶରୁ
ଝୁରୁଥାଏ ରହି ରହି ।

ଜୀବନର ରଂଗ ବଦଳେ ଏମିତି
ସମୟ ସ୍ରୋତରେ ଭାସି
କେବେ ଅନୁତାପ କେବେ ଅବସୋସ
ମିଳନ ବିଚ୍ଛେଦ ଗୀତି ।

ବିଶ୍ୱାସରେ ଯଦି ବିଷରଂଗ ଥରେ
ମିଶିଯାଏ ଅକସ୍ମାତ
ହୃଦୟର କେଉଁ ଅବ୍ୟକ୍ତ ବେଦନା
ଅନ୍ତରରେ ଅବସୋସ ।

ଦେହ ରଂଗ ଠାରୁ ମନ ରଂଗ ବନ୍ଧୁ
ଅନ୍ତରଂଗ ଅନୁଭବ
ଅନ୍ତର ବେଦନା ମନ ବୁଝେ ସିନା
ଦେହ ଅସ୍ତରାଗ ସୂର୍ଯ୍ୟ ।


♥ ସଂପାଦକ : ମୌସୁମୀ
କଜଳା, କେନ୍ଦ୍ରାପଡା
(ମୋ)୯୪୩୭୬୦୭୯୯୭


### ଗୋଟିଏ ଏକପଦୀ

**ଡ. ରଜନୀ ରଂଜନ**



ତମ ଗାଁରେ ବର୍ଷା, ଆମ ଗାଁରେ ଖରା
ତମ ଗାଁରେ ବଉଳେ ବସନ୍ତ
ଆମର ବୈଶାଖି ପତ୍ରଝଡା
ପ୍ରେମର ବିରୋଧାଭାସ
କେବେ ପୁଷ
କେବେ ପୁଣି ମଧୁମାସ ।


♥ ବାଲକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫




### ଅଭୁଲା ଛାଇର ଗୀତ

**ପୂର୍ଣ୍ଣ ଦାସ**

ନାଗରୀ ନୁହଁ ତୁ ନାଗରୀହୀରା ଲୋ
ତୋ'ପରି କିଏ ହବ,
ମନଫରୁଆର ମଧୁର ମହକ
ପବନରେ ବୁଣିଦେବ ।

ଆଖିରେ ଆଖିରେ କଥାକହୁ,ହେଲେ
ରାଇଜଯାକର ଡର,
କିଏ ଭାବକରେ ପାଣି ଫୋଟକାରେ
ଉଜାଡ଼ି ଦେବାକୁ ଘର !

ଏତେ ପ୍ରେମ ଏତେ ଆଡ଼ରୁଷା ପୁଣି
କେତେ ନ ସାଧିଚୁ ଦାଉ,
ତଥାପି କାହିଁକି କଅଁଳ ଛାତିରେ
ଏତେ ମତେ ଭଲପାଉ !

କାଲି ରାତିଠାରୁ ଝିପିଝିପି ମେଘ
ଛାଡ଼ିବା ଧରୁନି ନାଆଁ,
ହୁଲୀଡଙ୍ଗା ତୁଉ,ଭସା ବାଦଲ ମୁଁ
ଠିକଣା ମୋ ତୋ ଗାଆଁ ।

ଏକାଏକା ଖାଲି ଜଳିବା ଛଡ଼ା ଏ
ପ୍ରେମରେ କଅଣ ଥାଏ,
ମଉଳା ଗଭାର ମଲ୍ଲୀ ଗଜରାରେ
ମନ ଛନ୍ଦି ହୋଇଯାଏ !


♥ କଣ୍ଠାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର - ୭୫୫୦୧୩
(ମୋ): ୯୩୩୭୫ ୪୮୮୯୩


### ॥ ଚିଲିକା ॥

**ଦେବଦତ୍ତ ମିଶ୍ର**



ତୁମକୁ ଦେଖୁ ଦେଖୁ
କବି ଆଙ୍କିପାରେ
ତୁମ ରୂପ ଶୋଭାକୁ ନେଇ କବିତାଟିଏ,
କେହି ଅବା ସ୍ୱପ୍ନପ୍ରବଣ ହୋଇପାରେ
ପୁଲକିତ ଉତ୍କଣ୍ଠାରେ ।

ସକାଳର ଚିକ୍ ଚିକ୍ ଖରା,
ଡଙ୍ଗା ବାହି ନେଉଥିବା ମାଛୁଆର,
ଡେଣା ଝାଡ଼ି ସ୍ୱପ୍ନଆଡ଼େ ଉଡ଼ିଯାଉଥିବା
ପକ୍ଷୀ,
କେଉଁ ଆଗତ ପର୍ଯ୍ୟଟକର
ଉତ୍ସାହିତ ସୂକ୍ଷ୍ମ ପ୍ରାଣ,
ସବୁକିଛି ବିଭୋରିତ
ଅପରୂପ ସୌନ୍ଦର୍ଯ୍ୟର କମନୀୟତାରେ ।

ତୁମକୁ ଦର୍ପଣ କରି ମୁଖ ସଂଦର୍ଶନ କରୁଥା'ନ୍ତି
ସୁନୀଳ ଆକାଶର ଖଣ୍ଡ ଖଣ୍ଡ ମେଘ
ଠାଏ ଠାଏ ଧ୍ୟାନସ୍ଥ ଆତ୍ମମଗ୍ନ
ମୁଣ୍ଡିଆ ପାହାଡ଼ ।

ତୁମ ଗଣ୍ଡ ଦେଶରେ ମାନବୀରୁ
ଦେବୀ ପାଲଟି ଯାଇଥିବା
ନବବଧୂ କାଳିଜାଇର କରୁଣ ଇତିହାସ,
କୁଳୁକୁଳୁ ପ୍ରବାହିତ ଜଳରାଶିରେ
କାନ ଡେରିଲେ
ଶୁଭେ ସତେ ଜାଇର କାନ୍ଦଣା !

ହେ ଅନନ୍ୟ ଲାସ୍ୟମୟୀ
ପ୍ରକୃତିର ସୌନ୍ଦର୍ଯ୍ୟ ପସରା
ତୁମ ଶୋଭାରେ ଆଚ୍ଛନ୍ନ ଏ ଉତ୍କଳ ଧରା ।
ଗୋପବନ୍ଧୁ, କବିବର ଲେଖନୀରେ
କାବ୍ୟ ହୋଇ ଫୁଟି
ଉତ୍କଳ ପ୍ରାଣ ସ୍ପନ୍ଦନେ
ନିନାଦିତ ରଣୁଝୁଣୁ ବୀଣା ।


♥ ବବକରପୁର, କେନ୍ଦ୍ରାପଡ଼ା
(ମୋ) ୯୦୪୦୭୦୦୩୦୩


### ॥ ପ୍ରଶ୍ନ ॥

**କିଶୋର ପାଣିଗ୍ରାହୀ**



ଏଇ ଛତିଶକୁ ଏ ଜାତିକୁ ଶହେବର୍ଷ ହବ ।
ଠିକାରେ ଶିକ୍ଷକ
ଦାଦନ ଶ୍ରମିକ,
ଟଙ୍କିକିଆ ଭୋକ;
କୋଉଠି ପହଞ୍ଚିଥିବ ଏମାନଙ୍କ ଅଙ୍କ ?
କୋଉକୋଉ ମନ୍ଦିର ଆଗରେ
ଦାନୀପଣର ପ୍ରମାଣ ଓ ପୁଣ୍ୟ ଅର୍ଜିବାକୁ
ଭିକାରିଟେ ଖୋଜିଖୋଜି ନୟାନ୍ତ ହେବାକୁ
ପଡ଼ିବ ? କହିବ ।

ଅଳିଆଗଦାରୁ ନବଜାତ ଶିଶୁ,
ପାର୍କ ପଛପଟେ ଶେଷ ସୁରାକ ବୋଲି
ଛିଡ଼ା ସାଣ୍ଡେଲ ଛାଡ଼ି
ଟ୍ୟୁସନରୁ ଫେରିନଥିବା ଝିଅଙ୍କର ସଂଖ୍ୟା
ବର୍ଷକୁ କେତେରେ ପହଞ୍ଚିଥିବ ?
କେତେରେ ପହଞ୍ଚିଥିବ ବଳାତ୍କାର
ଏନକାଉଣ୍ଟର ମାମଲା
ଭୋକକୁ, ଢୋକକୁ
କେତେ ମିଛ ପ୍ରତିଶ୍ରୁତିର ଓଦାକନା
ବାହାନାର ବାନା ହୋଇ ଉଡୁଥିବ
ଦେଶରୁ ବିଦେଶ ।

ଓଳିଆ ଭିତରେ କାଳିକା କ୍ଷେତର ବିହନ
କେତେ କଠା ହୋଇ, ଆଉ କେତେ
ଗଜାମରୁଡିକୁ ଦିନ ଗଣୁଥିବ, କହିବ ?

ନିରାମୟ ଯୋଜନା ଭିତରୁ
ଗୋଟେଅଧେ କେହି ନିରୋଗ ଥିବାର ଖବର
କୋଉ ନିରପେକ୍ଷ ଗଣମାଧ୍ୟମରେ
ଯଦି କେବେ ଖବର ଆସିବ, କହିବ ।

ଭୋଟରଙ୍କ ଆକାଶଛୁଆଁ ଦରବୃଦ୍ଧି ଘଟି
କେତେରେ ପହଞ୍ଚିଥିବ ମୁଣ୍ଡପିଛା
ନୋଟର ବରାଦି ?
ମୁଣ୍ଡବିକା ଗଣତନ୍ତ୍ରୀରେ 'ଶତଶୃଙ୍ଗ' ଶଙ୍ଖଧ୍ୱନି
କେବେ ଯଦି ରକ୍ତରେ ଫୁଟାଣି ଆଣିବ,
ଶୋଇପଡିଥିବା ସ୍ୱାଭିମନ ଆଉ ମର୍ଦ୍ଦପଣର
ଯଦି କେବେ ନିଦ ଭାଂଗିଯିବ, କହିବ ।

ସଂରକ୍ଷଣ ହାର କେତେ ପ୍ରତିଶତ
କରିଦବା ପରେ
ଛତିଶକୁ ଧୁଆ ଓ ଅଧୁଆ ମୂଳା
ସମାନ ହୋଇଥିବ
କେତେ ଦିନକୁ ରାତି କଲାପରେ
ପିତୃଲୋକେ ଅଧା ଦେଖିଥିବା ସବୁ ସ୍ୱପ୍ନକୁ
ସାକାର ହବାକୁ ସମୟ ଅଣ୍ଟିବ, କହିବ ।

ଗାଆଁ ଗାଆଁକେ
ଜରାଶ୍ରମ ସଂଖ୍ୟା କେତେରେ ପହଞ୍ଚିଥିବ ?
ଆତ୍ମୀୟତାର କେତେ ଗହୀରକୁ ଚରିଥିବେ
ଛଳ-ଚେର, ଖଳଚର
ଅନାସ୍ଥାର ପାଚେରୀ ଡେଇଁ
କୁହୁଳେଇ ସାରିଥିବେ ନିରନ୍ତର
ସ୍ନେହର ବୈକୁଣ୍ଠପୁର,
କାନ୍ଧଗାମୁଛାରେ ନାକ ଓ ପାଟିକୁ ଘୋଡେଇ
ପୋଡାଛାତିର ଗନ୍ଧ ଆଡେଇ
ମଣିଷପଣିଆ ସମ୍ପର୍କର ରଇ ଶୀତଳାଇ
ମୁହଁପୋତି ଫେରିଆସୁଥିବ
ଏମିତି କେତେ ଶହ ବର୍ଷ ?
କହିବ ?
କହିବ, କହିବ ।


♥ ବିରୁହାଁ, ଜାହାଙ୍ଗୀର, ଭଦ୍ରକ
(ମୋ) ୭୦୦୮୧୧୭୯୬୪

# ସମାଜର ମଙ୍ଗଳ ସାଧନ ନିମନ୍ତେ ସ୍ରଷ୍ଟାର ସୃଷ୍ଟି ଯଦି ପ୍ରଭାବିତ କରିପାରେ ତାହା ହୋଇଉଠେ ଜନପ୍ରିୟ ଓ ବିଶ୍ୱସ୍ତରୀୟ : ଶିଶିର କୁମାର ନାୟକ

**ଶିଶିର କୁମାର ନାୟକ,** ଓଡଆ କବିତା ଜଗତରେ ଗୋଟେ ଚିହ୍ନା ନାଁ । ଅନୁଭବର ପ୍ରତିଶ୍ରୁତିରେ ତାଙ୍କ ସୃଜନ ବେଶ୍ ଆବେଗ ଛଳଛଳ। ସେ କବିତା ଓ ଗଳ୍ପ ଉଭୟ ଲେଖନ୍ତି । କେତେବେଳେ ଭାବମୟ ଆକାଶ ପରି ତ କେତେବେଳେ ସମୁଦ୍ର ପରି ଭାବଗର୍ଭକ ଅନୁରାଗ ନେଇ ସେ ଆତ୍ମପ୍ରକାଶ କରନ୍ତି ତାଙ୍କ ସୃଷ୍ଟିମାନଙ୍କରେ । ଅକ୍ଷରକୁ ନେଇ ତାଙ୍କର ବିଭୋରପଣ । ବାଙ୍ମୟ କଳାକର୍ମ ଓ ମୁଗ୍ଧ ଉଚ୍ଚାରଣରୁ ସେ ହାସଲ କରିସାରିଛନ୍ତି ବହୁ ସମ୍ମାନ। ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ ସାହିତ୍ୟର ଏତେ ବିଭାଗ ଥାଉ ଥାଉ କବିତା କାହିଁକି ? କେବେଠୁ ଓ କେମିତି ସାମିଲ ହେଲେ ଏ କବିତା ଯାତ୍ରାରେ ?

■■ କବିତାରେ ଆତ୍ମପ୍ରକାଶର ପରିଭାଷା ନିଜକୁ ଯଥାର୍ଥ ଲାଗିଲା । ଏହାଛଡ଼ା କିଛି କିଛି କ୍ଷୁଦ୍ରଗଳ୍ପ ଲେଖିବା ସହ ଅନୁବାଦ ମଧ କରିଛି । ୧୯୭୪ ମସିହାରୁ ହାଇସ୍କୁଲରେ ପଢୁଥିବା ସମୟରୁ ନିଜର ଅନଭିଜ୍ଞ ଅବ୍ୟକ୍ତକୁ ବ୍ୟକ୍ତ କରିବାକୁ ହିଁ ଏ ବ୍ୟାକୁଳତା ।

■ କିଏ ଆପଣଙ୍କ ସାହିତ୍ୟ ଆଦର୍ଶ ? ଆପଣଙ୍କ କବିତାର ପାଠକୀୟତାକୁ ନେଇ ଆପଣ କେତେମାତ୍ରାରେ ସନ୍ତୁଷ୍ଟ ?

■■ ମୋର ପିତା ଥିଲେ ସାହିତ୍ୟରେ ଆଦର୍ଶ । ତାଙ୍କର ବିଭିନ୍ନ ପତ୍ରପତ୍ରିକା ଏବଂ ପୁସ୍ତକ ଅଧୟନ ମୋତେ ସାହିତ୍ୟ ପାଇଁ ପ୍ରେରଣା ଦେଇଛି । କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଅଧୟନ ସମୟରେ ସେ ମୋ ପାଖକୁ ପଠାଇଥିବା ସମସ୍ତ ଚିଠି ମୁଁ ସାଇତି ରଖିଛି । ଯେଉଁଥିରେ ସଂସାରର ସୁଖଦୁଃଖର ଘଟଣାସବୁ ସାହିତ୍ୟରେ ରୂପାନ୍ତରିତ ହୋଇପାରିଛି ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ଲୁଚେଇ ଲୁଚେଇ ଲେଖୁଥିଲି । ତାହା ସାହିତ୍ୟ ପଦବାଚ୍ୟ ହେବ ବୋଲି ବିଶ୍ୱାସ ନଥିଲା । ଭଦ୍ରକ କଲେଜରେ ଆଇ.ଏ ଓ ବି.ଏ ପଢୁଥିଲା ବେଳେ କଲେଜ ପତ୍ରିକାରେ ଯଥାକ୍ରମେ 'ଛୁଟିଦିନ' ଏବଂ 'ରାଧାନାଥର ଦୁଃଖ' ଦୁଇଟି ଗଳ୍ପକୁ ସୂଚୀପତ୍ରର ପ୍ରଥମରେ ଦେଖି ସେ କି ଆନନ୍ଦ ! ତାହା ବୋଧେ ମୋ ସାରସ୍ୱତ ଜୀବନର ସର୍ବଶ୍ରେଷ୍ଠ ଖୁସିର ବିଷୟ ।



ବନ୍ଧୁମାନଙ୍କ ଗହଣରେ କବି ଶିଶିର କୁମାର ନାୟକ

■ ଅକ୍ଷରେ ଶିଶିର କୁମାର ନାୟକ



ଜନ୍ମ ୦୯.୦୨.୧୯୫୯
ପିତା- ଧ୍ରୁବ ଚରଣ ନାୟକ
ମାତା- ନୟନ ନାୟକ
ଜନ୍ମସ୍ଥାନ- ଗ୍ରାମ- କଷଟି, ଧାମନଗର, ଭଦ୍ରକ
ଶିକ୍ଷା- ଓଡ଼ିଆରେ ସ୍ନାତକ, ବାଣିବିହାର, ଭୁବନେଶ୍ୱର

■ ପ୍ରକାଶିତ ପୁସ୍ତକ ■ :

୧. ଅଚିହ୍ନା ନିଶ୍ୱାସ
୨. ଚୋରାଢେ଼ଉ
୩. ସାରାଂଶ
୪. ପ୍ରତିଦିନ କିଏ ଜଣେ
୫. ଭୂଇଁ

ବର୍ତ୍ତମାନ ଠିକଣା : ବାଲିଅନ୍ତା, ଭୁବନେଶ୍ୱର

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ, ସତ କି ? ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ବିଶେଷ କରି କବିତାକୁ ଆଧାର କରି କରାଯାଇପାରିବ କି ?

■■ ମାତୃଭାଷା ତ ପ୍ରକୃତରେ ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବା ପାଇଁ ସାହିତ୍ୟର ସହାୟତା ହିଁ ଜରୁରୀ । ବିଶେଷ କରି କବିତାକୁ ଆଧାର କରି କରାଯିବା ବ୍ୟତୀତ ବିଭିନ୍ନ ଗଣମାଧମ ଓ ସରକାରୀ ଉଦ୍ୟମ ମଧ ଆବଶ୍ୟକ ବୋଲି ମୁଁ ମନେକରେ ।

■ ଜଣେ କବିର ସାମାଜିକ ଦାୟିତ୍ୱ କଣ ହେବା ଉଚିତ ?

■■ ଜଣେ କବିର ସାମାଜିକ ଦାୟିତ୍ୱ ଅନେକ । ସମାଜ ପାଇଁ ହିଁ ତା'ର ସୃଷ୍ଟି ହେବା ଆବଶ୍ୟକ । ସମାଜର ପରିବର୍ତ୍ତନ ପାଇଁ ତା'ର ଲେଖା ଉଦ୍ଦିଷ୍ଟ ହେବା ଜରୁରୀ । ସମାଜର ମଙ୍ଗଳ ସାଧନ ନିମନ୍ତେ ସ୍ରଷ୍ଟାର ସୃଷ୍ଟି ଯଦି ପ୍ରଭାବିତ କରିପାରେ ତାହା ହୋଇଉଠେ ଜନପ୍ରିୟ ଓ ବିଶ୍ୱସ୍ତରୀୟ ।

■ କବିଟିଏ ଚାହିଁଲେ କାହାର ଲେଖାରେ ହୃଦୟ ପରିବର୍ତ୍ତନ କରିପାରିବ ବୋଲି ଆପଣ ଆଶାବାଦୀ କି ? କବିତା ପାଇଁ ଭାବ, ଭାଷା ନା ଶୈଳୀ କିଏ ବେଶି ଗୁରୁତ୍ୱପୂର୍ଣ୍ଣ ?

■■ ଯେଉଁ ଲେଖା ମାର୍ମିକତା ବହନ କରିଥାଏ, ଯେଉଁ ଲେଖାରେ ଆବେଗର ବେଗ ତୀବ୍ର ଥାଏ, ନୂଆ ଆକାଶ ଓ ତାରା ଖଞ୍ଜା ହୋଇଥାଏ ଏବଂ ବିବେକର କାରବାର ନିବିଡ଼ ଥାଏ ସେ ଲେଖା ନିଶ୍ଚିତ ହୃଦୟ ପରିବର୍ତ୍ତନ କରିପାରିବ । କବିତା ପାଇଁ ଭାବ, ଭାଷା ଓ ଶୈଳୀ ଉଭୟ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ଭାବେ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ମୁଁ ଯଥେଷ୍ଟ ଆଶାବାଦୀ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କିଛିଟା ପ୍ରେରଣା ଦେଇଥାଏ । ଏହା ଲେଖକକୁ ଅଧିକ ଦାୟିତ୍ୱବାନ କରିଥାଏ । ପଥର ପାଲଟି ଯାଉଥିବା ସେହିସବୁ ନିରୀହ ଆଖିର ମଣିକୁ ଚିହ୍ନିବା ପାଇଁ, ବଞ୍ଚିବା ଭିତରେ ଫୁଟି ଉଠୁଥିବା ସେଇ କଦମ୍ବକୁ ଜାଣିବା ପାଇଁ ସାହିତ୍ୟର ବାର୍ତ୍ତା ହେବା ଏକାନ୍ତ ଜରୁରୀ । ❤



ପତ୍ନୀଙ୍କ ସହ କବି ଶିଶିର କୁମାର ନାୟକ ।

---

# ଶିକ୍ଷକ ନିଯୁକ୍ତି ଫସରଫାଟ

## ସୁବ୍ରତ ପଟ୍ଟନାୟକ

ସାଂପ୍ରତିକୀ



ମେଧା ତାଲିକାକୁ ଲାଗିଛି ସାଂଘାତିକ ଝଟକା। ଶିକ୍ଷିତ ବେକାର ଯୁବକ ଯୁବତୀ ଏବେ ହତବାକ୍। ସିଟି, ବିଇଡି ଟ୍ରେନିଂ ନେଇ, ଚାକିରୀକୁ ଚାତକ ପରି ଚାହିଁଥିବା ପ୍ରାର୍ଥୀଙ୍କ ମୁଣ୍ଡରେ ଚଡ଼କ। ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଚାଲିଛି ଖେଳ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ (ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ) ବିଦ୍ୟାଳୟରେ ୧୮ ହଜାର କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ସରକାର କରିଥିଲେ ଘୋଷଣା। ୨୦୨୩ ଅଗଷ୍ଟ ୨୨ ତାରିଖରେ ହୋଇଥିଲା କମ୍ପ୍ୟୁଟର ଜରିଆରେ ପରୀକ୍ଷା। ଓଡ଼ିଶା ସ୍କୁଲ ଏଜୁକେସନ୍ ପ୍ରୋଗାମ ଅଥରିଟୀ (ଓସେପା) ୨୦୨୪ ଜାନୁଆରୀ ୧୫ ତାରିଖରେ ପ୍ରଘଟ କଲେ ମେଧା ତାଲିକା। ଜାନୁଆରି ୨୦ ଓ ୨୧ ତାରିଖ ଦୁଇଦିନ ଧରି ଯୋଗ୍ୟ ପ୍ରାର୍ଥୀଙ୍କ ସାର୍ଟିଫିକେଟ ହେଲା ଯାଞ୍ଚ। ଆଶା ଥିଲା- ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ ସୁରୁଖୁରୁରେ। ମାତ୍ର ଫଳ ହେଲା ଓଲଟା।

ମେଧା ତାଲିକାରୁ ବାଦ ପଡ଼ିଥିବା ଅନେକ ପ୍ରାର୍ଥୀ ହାଇକୋର୍ଟର ଦ୍ୱାରସ୍ଥ ହେଲେ। ସେମାନେ ଅଭିଯୋଗ କଲେ- ଚୟନ ପ୍ରକ୍ରିୟାରେ ସରକାରଙ୍କ ନିୟମାବଳୀକୁ ଅନୁପାଳନ କରାଯାଇନାହିଁ। ସେମାନଙ୍କର ଯୁକ୍ତି ଜିଲ୍ଲା ଓ ବର୍ଗ ଅନୁଯାୟୀ ପ୍ରାର୍ଥୀ କରାଯିବାର ଉଚିତ୍। ନିର୍ଦ୍ଦିଷ୍ଟ ଜିଲ୍ଲା ପ୍ରାର୍ଥୀ ତାଲିକା ପ୍ରଘଟ କରାନଯାଇ ରାଜ୍ୟ ବ୍ୟାପୀ ତାଲିକା ପ୍ରସ୍ତୁତ କରାଯାଇଛି। ଫଳରେ ଅନେକ ପ୍ରାର୍ଥୀ ବାଦ୍ ପଡ଼ିଛନ୍ତି କିମ୍ବା ଦୂର ଦୂରାନ୍ତ ଜିଲ୍ଲା ପାଇଁ ବଛା ଯାଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନଇଛା ମେଧା ତାଲିକା ପ୍ରସ୍ତୁତ କରିଛନ୍ତି। କମ୍ପ୍ୟୁଟର ଟେଷ୍ଟ ଆଳରେ ମୋଟା ଅଙ୍କର ଚାନ୍ଦା ଆଦାୟ ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ଶିକ୍ଷାନୁଷ୍ଠାନରୁ ସିଟି ବିଇଡି ଟ୍ରେନିଂ ହାସଲ କରିଥିବା ପ୍ରାର୍ଥୀଙ୍କୁ କୋଣଠେସା କରାଯାଇ ବାହାର ରାଜ୍ୟରୁ 'ଟଙ୍କା ବଦଳରେ ସାର୍ଟିଫିକେଟ' ଆଣିଥିବା ପ୍ରାର୍ଥୀଙ୍କୁ ଯୋଗ୍ୟ କରାଯାଇଛି। ପ୍ରତ୍ୟେକ ବିଇଓ ଅଫିସରେ ଏହି ଉପାୟରେ ବିପୁଳ ଅର୍ଥ ଅସୁଲ କରାଯାଇଥିବା ଅଭିଯୋଗ ଉଠିଛି। ତଳୁ ଉପର ଯାଏ ସମସ୍ତେ 'ରାଧେ ରାଧେ, ତମର ଅଧେ ଆମର ଅଧେ' ଫର୍ମୂଲା ଧରିଛନ୍ତି। ପୁରା ଚାନ୍ଦା ଭେଦାରେ ଚାଲିଛି ଚୟନ ପ୍ରକ୍ରିୟା। ଅସଲ ମେଧା ଶିକ୍ଷକ ଶିକ୍ଷୟିତ୍ରୀ ଏହି ପ୍ରକ୍ରିୟାରେ 'ବଳିବୋଦା' ସାଜିଛନ୍ତି। ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବାକୁ କେହି ନାହିଁ। ଚାକିରୀ ଆଶାୟୀ ଯୁବତୀ ଓ ମହିଳାମାନଙ୍କୁ ସାତ ଦରିଆ ପାରି ଜିଲ୍ଲାକୁ ଠେଲି ଦିଆଯାଇଛି। ଜୀବନ ବିକଳରେ ସେମାନେ ମୁହଁ ଖୋଲିବାକୁ ନାରାଜ।

ବିଦ୍ୟାଳୟ ଗଣଶିକ୍ଷା ବିଭାଗର ମନଇଚ୍ଛା କାରବାର ପରେ ଓଡ଼ିଶା ହାଇକୋର୍ଟରେ ଗୋଟାକ ପରେ ଗୋଟାଏ ମୋକଦ୍ଦମା ହେଲା ଦାଏର୍। ୨୦୨୪ ମାର୍ଚ୍ଚ ୧୨ ତାରିଖରେ ହାଇକୋର୍ଟ ଉକ୍ତ ମେଧା ତାଲିକାକୁ କଲେ ରଦ୍ଦ। ତୁରନ୍ତ ସାନି ମେଧା ତାଲିକା ପ୍ରସ୍ତୁତ କରିବାକୁ ଦେଲେ କଡ଼ା ନିର୍ଦ୍ଦେଶ। ଦୋଷଛଡ଼ା ହେବାପାଇଁ ଗଣଶିକ୍ଷା ବିଭାଗ ସାନି ମେଧା ତାଲିକା ଜଉମୁଦ ଲଫାପାରେ ରହିଛି ବୋଲି ସଫେଇ ଦେଲେ। ସେହି ସଫେଇକୁ ସଫା ସଫା ଖାରଜ କଲେ ହାଇକୋର୍ଟ। ଜିଲ୍ଲାୱାରୀ ଓ ବର୍ଗୱାରୀ (କାଟେଗୋରୀ ଅନୁଯାୟୀ) ପ୍ରାର୍ଥୀ ଚୟନ ତାଲିକା ତିଆରିବାକୁ କୁହାଯାଇଛି। ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ଗଣଶିକ୍ଷା ସଚିବ ଆଇଏଏସ୍ ଅଶ୍ୱସ୍ତି ଏସ୍ ଏ କ୍ଷେତ୍ରରେ ମଉନବ୍ରତ ପାଳିଥିବା ଅନେକଙ୍କୁ ଆଚମ୍ବିତ କରିଛି। ଏହି ମୁକ୍ତବୃତ୍ତ ସ୍ତମ୍ଭକାର ଚେଷ୍ଟା କରି ମଧ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କର ମତାମତ ହାସଲ କରିପାରିନାହିଁ। ଏକଥା ଧ୍ରୁବ ସତ ଯେ, ଅଯୋଗ୍ୟ ପ୍ରାର୍ଥୀ ହାଇକୋର୍ଟରେ ଅଭିଯୋଗ କରିନଥିଲେ ଗଣଶିକ୍ଷା ବିଭାଗ ଏହି ଚୟନ ପ୍ରକ୍ରିୟାକୁ ଗୋଳିଆ ଘାଣ୍ଟିଆ କରି ଦେଇଥାନ୍ତେ।

ସରକାରଙ୍କ ମୁଣ୍ଡରେ ଏବେ ପଡ଼ିଛି ଭାଳେଣି। ସାଧାରଣ ନିର୍ବାଚନ ଏବେ ମୁଣ୍ଡ ଉପରେ। ନିର୍ବାଚନ ପୂର୍ବରୁ ନିଯୁକ୍ତି ନଦିଆଗଲେ, ରାଜ୍ୟ ସରକାରଙ୍କୁ ଘାଟା ବିଳମ୍ବ ଘଟିଲେ ଚାକିରୀ ବୟସ ଗଡ଼ି ଯାଉଥିବା ପ୍ରାର୍ଥୀଙ୍କ ଭବିଷ୍ୟତ ହେବ ବରବାଦ। ନିର୍ବାଚନ ପରିଚାଳନା କ୍ଷେତ୍ରରେ ଶିକ୍ଷକଙ୍କର ଥାଏ ଗୁରୁ ଦାୟିତ୍ୱ। ସେମାନଙ୍କୁ ଅସନ୍ତୁଷ୍ଟ କରିବା ଅର୍ଥ, ନିଜ ଗୋଡ଼କୁ କୁରାଢ଼ୀ ଚୋଟ।

ଏବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିକଟରେ ବିକଳ୍ପ ପନ୍ଥା କଣ ? ସରକାର ଚାହିଁଲେ, ହାଇକୋର୍ଟରେ ରିଭ୍ୟୁ ପିଟିସନ୍ ଦାଖଲ କରିପାରିବେ କିମ୍ବା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ। ଦ୍ୱିତୀୟ ବିକଳ୍ପ- ଯେଉଁମାନେ ବାଦ ପଡ଼ି ଆଇନର ଆଶ୍ରୟ ଲୋଡ଼ିଛନ୍ତି, ସେମାନଙ୍କୁ ନିଯୁକ୍ତି ପ୍ରଦାନ। ଏଥିସହିତ ସାତ ଦରିଆ ପାରି ଶିକ୍ଷୟିତ୍ରୀଙ୍କୁ ନିଜ ଜିଲ୍ଲାରେ ନିଯୁକ୍ତି। ଏ କାମ ଗୁଡ଼ିକ ସରକାରଙ୍କ ପାଇଁ ସୁଗମ ଓ ସହଜ। ତେବେ, ସରକାର କଣ ନିଷ୍ପତ୍ତି ନେବେ, ତାହା ତାଙ୍କର ମର୍ଜି। ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରେ ସମୟ କମ୍। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଏ କାମ ନସରିଲେ, ମଙ୍ଗୁଳା କନିଆ ବାଡୁଅ ରହିବା ସାର। ଦେଖାଯାଉ, ସରକାର କଣ କରୁଛନ୍ତି ?

❤ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

---

# ଜଙ୍ଗଲ ସୁରକ୍ଷା - ଜୀବନ ରକ୍ଷା

## ଅକ୍ଷୟ କୁମାର ରାଉତ



ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି, ତାର ପଚଂଭୂତ, ଜଳ, ସ୍ଥଳ, ବାୟୁ, ପ୍ରାଣୀ, ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦଧ୍ୱନି , ଶରତର ଶୁଭ୍ର ଶୋଭାତ ତ ହେମନ୍ତର କାକର , ଶୀତର ଶୀତଳତା ଓ ରିତୁରାଜ ବସନ୍ତର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ, ଷଡ଼ରିତୁ ଲୀଳାରେ ପ୍ରକୃତି ର ଜୟଗାନ । ପ୍ରାକୃତିକ ସୁଷମାର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର, ତରଙ୍ଗ ଶୋଭିତ ନଦୀ ସକଳ, ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା, ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଆମ୍ର, ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା, ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ, ଘନସନ୍ନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତି ର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କ ର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି, ବାୟୁ, ଜଳ, ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ, ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତିର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତିକୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜାକୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷକୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜାର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ, ଶାଳ, ପ୍ରିୟଙ୍ଗୁ, ଶିରିଷ, ନାଗକେଶର, ତମ୍ବୁର, ପାଟଳିକ, ଜାମୁ ଅଶ୍ୱତଥ, ଦଧିପର୍ଣ୍ଣ, ନନ୍ଦୀବୃକ୍ଷ, ତୀଳକ ତରୁ, ଚୂତ, ଅଶୋକ, ଚମ୍ପକ, ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜାକୁ ଆହୁରି ଋଦ୍ଧିମନ୍ତ କରିଥାଏ , ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ଭେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କର ଖାଣ୍ଡବବନ, ରାବଣର ଅଶୋକ ବାଟିକା, ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତକୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତଃପାର୍ଶ୍ୱରେ ଥିବା ବୃକ୍ଷ ଲତାମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର ।

ଆଗକାଳେ ଯିଏ ଘରଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସୀ, ଗୁଆ, କଦଳୀ, ବେଲ, ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ । କିନ୍ତୁ ବର୍ତ୍ତମାନ ପରିବେଷ ଅସନ୍ତୁଳନରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କର ଉଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାରଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା
ଜୀବ ଜଗତ ସର୍ବେ ହୋଇବେ ରକ୍ଷା ।

❤ ପାରାଦ୍ୱୀପ ଗଡ଼ , କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫



କୃପାସାଗର ସାହୁ

ଏହି ଗପଟି ବିଷ୍ଣୁପଦଙ୍କ ମନକୁ ଏଭଳି ପ୍ରଭାବିତ କଲା ଯେ ସେ ରେଲୱେ ଚାକିରି ଛାଡ଼ି ଦେଇ ଏକାକୀ ରହୁଥିବା ବୃଦ୍ଧ ପିତାଙ୍କର ସେବା କରିବା ପାଇଁ ଗାଁକୁ ଚାଲିଗଲେ । ଏ ଖବର ପାଇ ମୁଁ ତାଙ୍କୁ ସେ ଭଳି ତରବରିଆ ପଦକ୍ଷେପ ନେବାକୁ ବାରଣ କରିଥିଲି ଏବଂ କହିଥିଲି ଯେ ଅନ୍ତତଃ କୋଡ଼ିଏ ବର୍ଷ ଚାକିରି କରି ଯାଆନ୍ତୁ ଯେ ପେନସନ ମିଳିବ । ସେ କାହା କଥା ଶୁଣିନଥିଲେ ।

ପ୍ରିୟ ପାଠକ-୭

# ପାଠକ ବିଷ୍ଣୁପଦ ଜେନା ଜଣେ ପ୍ରବାଦ ପୁରୁଷ

ମୋର ସବୁଠୁ ବେଶୀ ପ୍ରିୟ ପାଠକ ରାଉରକେଲାରେ ଅବସ୍ଥାପିତ ଜଣେ ପ୍ରଖ୍ୟାତ ଗାଳ୍ପିକ ମୋତେ ସୂଚନା ଦେଲେ- ଆପଣଙ୍କର ଜଣେ ମୁଖ୍ୟ ପାଠକ ଚକ୍ରଧରପୁର ଡିଭିଜନରେ କାମ କରୁଛନ୍ତି ଏବଂ ଆପଣଙ୍କର ଗଳ୍ପର ଭୂରିଭୂରି ପ୍ରଶଂସା କରି କହି ବୁଲୁଛନ୍ତି । ମୁଁ ସେତେବେଳେ କଲିକତାର ଗାର୍ଡେନରିଚରେ ଅବସ୍ଥାପିତ ଥିଲି। ସେ ତାଙ୍କ ନାଁ କହିଲେ । ତା' ପରେ ମୁଁ ତାଙ୍କର ଖୋଜ ଖବର ନେଲି । ଚକ୍ରଧରପୁର ଡିଭିଜନ ଗସ୍ତ ସମୟରେ ମୁଁ ତାଙ୍କର କର୍ତ୍ତବ୍ୟସ୍ଥଳ ଝିଂକ ପାଣି ରେଲୱେ ଷ୍ଟେସନ ଯାଇଥିଲି । ସେ ସେଠି ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର ଥିଲେ । ତାଙ୍କ ସହ ସାକ୍ଷାତ ପରେ ତାଙ୍କ କ୍ୱାର୍ଟରକୁ ଯାଇ ଲଞ୍ଚ ନେଲି । ସେ ପର୍ଯ୍ୟନ୍ତ ସେ ମୋର ଗଳ୍ପ ପତ୍ରପତ୍ରିକାରୁ ପଢ଼ିଥିଲେ । ଯେତେଦୂର ମନେ ହୁଏ ମୁଁ ତାଙ୍କୁ ମୋର 'ଅରଣ୍ୟର ଅଜଗର' ଏବଂ 'ହଂସଧ୍ୱନି' ପୁସ୍ତକ ଦୁଇଟି ଦେଲି । ସେ ସାଙ୍ଗେ ସାଙ୍ଗେ ତା'ର ପ୍ରାପ୍ୟ ପୈଠ କରିଦେଲେ । ବହି କିଛି ପଢ଼ିବା ତାଙ୍କର ମୂଳରୁ ଅଭ୍ୟାସ ବୋଲି ଜାଣିଲି ।

ଏହାପରେ ଆମର ଚିଠିପତ୍ରରେ ସଂପର୍କ ଜାରି ରହିଲା । ତାଙ୍କର ବିଭିନ୍ନ ସ୍ଥାନରେ ସାକ୍ଷାତ ମଧ ହେଲା । ଦୁଇଟି ଚିଠିର କ୍ରିୟଦଂଶ ଉଦ୍ଧାର କରୁଛି:

'ମହାନୁଭବ ! ଆପଣଙ୍କୁ ଟାଟାରେ ଭେଟିଲା ପରେ ଜଣେ ପ୍ରବାଦ ପୁରୁଷଙ୍କୁ ସାକ୍ଷାତ କଲା ଭଳି ଲାଗୁଛି ।

+ + +

'ଶୁଆ କହେ ଶାରୀଲୋ' ପଢ଼ା ଶେଷ ହେଲା। ଜୀବନକୁ ଏତେ ପାଖରୁ ଦେଖୁଥିବା ସ୍ରଷ୍ଟାଙ୍କ ସୃଷ୍ଟି ବିଷୟରେ ମତାମତ ଦେବାକୁ ଧୃଷ୍ଟତା ମନେ ହେଉଛି । ତଥାପି ଆପଣଙ୍କ ଅତୀତର ସୃଷ୍ଟି ସଂଭାର ତୁଳନାରେ ଏଥିରେ ସନ୍ନିବେଶିତ ଗଳ୍ପଗୁଡ଼ିକ ହାଲୁକା ମନେ ହେଲା। ଲାଗିଲା ସଦା ଦୁଃଖିତ ମଣିଷ ଓଠରେ ସ୍ମିତହାସ୍ୟ ଦେବାର ଅଭିପ୍ରାୟ ରଖିଛନ୍ତି ଏଇ ଗପଗୁଡ଼ିକର ମାଧ୍ୟମରେ ।'

'ପ୍ରବାସୀ ଶ୍ରମିକର ପ୍ରେମପତ୍ର'ଟି ଏପରିକି ('କଥା'ର) ସଂପାଦକୀୟ ପୂର୍ବରେ ସ୍ଥାନ ପାଇବାର ଯୋଗ୍ୟ । ଏଇ ସାଧାରଣ ମଣିଷଙ୍କ ଦୁଃଖ ବୁଝିପାରନ୍ତି ଓ ଲେଖିପାରନ୍ତି ବୋଲି ଆପଣ ଓ ଆପଣଙ୍କ ଲେଖା ମୋର ଏତେ ପ୍ରିୟ।

(୧୫.୧୧.୨୦୨୦)

ସେ ମୋର ଗଳ୍ପ ପଢ଼ି ନିଷ୍ପତ୍ତି ମତାମତ ଦେବାକୁ କୁଣ୍ଠା ପ୍ରକାଶ କରନ୍ତି ନାହିଁ ।

ମୋର 'କଇଁ ପୋଖରୀରେ ପ୍ରେମ' ପୁସ୍ତକରେ ସନ୍ନିବେଶିତ ଗୋଟିଏ ଗଳ୍ପ (ପିତା ଓ ପୁତ୍ର ) ପ୍ରେମ ତାଙ୍କର ଜୀବନର ଗତିପଥକୁ ବଦଳାଇ ଦେଲା । ସେ ଗପଟି ପୁସ୍ତକରେ ସନ୍ନିବେଶିତ ସଂକ୍ଷେପରେ ଏହିପରି:

ଜଣେ ଭଦ୍ରବ୍ୟକ୍ତି ପତ୍ନୀଙ୍କ ସହ ପୁଅ ପାଖକୁ ମୁମ୍ବାଇ ମେଲରେ ଏ.ସି ଟୁ.ଟାୟାରରେ ଯାତ୍ରା କରୁଥିଲେ । ତାଙ୍କର ଅଭିପ୍ରାୟ ଥିଲା ପୁଅର ବିବାହ ବାର୍ଷିକୀରେ ଯୋଗ ଦେବା । ପାଖ ସାଇଡ ବର୍ଥରେ ଯାତ୍ରା କରୁଥିଲେ ଗୋଟିଏ ନବବିବାହିତ ଦଂପତି । ତାଙ୍କୁ ବିଦାୟ ଦେବାକୁ ଦୁଇପକ୍ଷର ଅନେକ ସଂପର୍କୀୟ ମିଠା ଖାଦ୍ୟ ପଦାର୍ଥ ଧରି ଆସିଥିଲେ । ଟ୍ରେନ ଚାଲିଲା ପରେ ସାଇଡ ବର୍ଥରେ ପର୍ଦ୍ଦା ବନ୍ଦ ହୋଇଗଲା ଏବଂ ଆରମ୍ଭ ହୋଇଗଲା ତାଙ୍କର ପ୍ରେମାଳାପ, ଚୁପଚୁପ ହସ।

ଟ୍ରେନ ଚାଲିବାର ଅଧଘଣ୍ଟା ପରେ ଦଂପତିଙ୍କ ପିତାମାତାଙ୍କର ବାରିବାରି ଫୋନ ଆସିଲା- କେଉଁଠି ପହଞ୍ଚିଲ ? ଡିନର ଜଲଦି ଖାଇନେବ । ଏଥର 'ଆବାର ଖାବୋ' ସନ୍ଦେଶ ସହ ରସଗୁଲା ଦେଇଛି- ଇତ୍ୟାଦି ଇତ୍ୟାଦି । ପ୍ରେମାଳାପର ବିନ୍ଦୁବିସର୍ଗ ଭଦ୍ରବ୍ୟକ୍ତିଙ୍କୁ ଶୁଭୁ ନଥିଲା, କିନ୍ତୁ ପିତାମାତାଙ୍କ ସହ ପୁତ୍ର ଏବଂ ବଧୂଙ୍କ ବାର୍ତ୍ତାଳାପ ସେ ଶୁଣି ପାରୁଥିଲେ ।

ଏହାପରେ ପିତାମାତାଙ୍କର ଯେଉଁ ଫୋନ କଲ ଆସିଲା, ତାଙ୍କ ନିଭୃତିରେ ବ୍ୟାଘାତ ଘଟୁଥିବାର ବଧୂର ମନ୍ତବ୍ୟ- 'ଏ ବୁଢ଼ାବୁଢ଼ୀ ଆମକୁ ଶୁଆଇ ଦେବେନି' ଶୁଣି ବାପାଙ୍କୁ ବିରକ୍ତି ସୂଚକ ଗାଳିଦେଇ ତରୁଣଟି ଫୋନ ବନ୍ଦ କରିଦେଲା ।

ଏ ଘଟଣା ପରେ ଭଦ୍ରବ୍ୟକ୍ତିଙ୍କ ମନରେ ଭାବାନ୍ତର ସୃଷ୍ଟି ହୋଇଥିଲା । ସନ୍ତାନର କୁଶଳ ଜିଜ୍ଞାସା ପାଇଁ ପିତାର କି ବ୍ୟଗ୍ରତା ! ତାଙ୍କ ଜୀବନରେ କ'ଣ ସେଭଳି ଘଟିନି କି ! ବାପା ମନେ ପଡ଼ିଲେ। ମା'ଙ୍କ ଦେହାନ୍ତ ପରେ ସେ ଏବେ ସଂପୂର୍ଣ୍ଣ ଏକଲା- ଏକ ଟାଂଗର ତଇଳାର ଗୋଟିକିଆ ତାଳଗଛ ପରି । ଅନେକ ଦିନ ହେଲା ସେ ପାଖକୁ ଯାଇନାହାନ୍ତି। ଟ୍ରେନ୍‌ରେ ତାଙ୍କୁ ନିଦ ହେଲାନି ଯଦିଓ ପତ୍ନୀ ନିଘୋଡ଼ ନିଦରେ ଶୋଇଥିଲେ। ଟ୍ରେନ୍‌ଟି ଝାରସୁଗୁଡ଼ା ଷ୍ଟେସନ ପାଖ ହେଲା ବେଳକୁ ଭଦ୍ରବ୍ୟକ୍ତି ପତ୍ନୀଙ୍କୁ ଜୋରରେ ହଲାଇ ଦେଇ କହିଲେ- ଉଠ ଉଠ ସୁଚିତ୍ରା ! ଗାଁକୁ ଯିବା । ତାଙ୍କୁ ଶୁଭିଥିଲା ଛଳଛଳ ପିତୃତ୍ୱର ଅଲଂଘ୍ୟ ଆହ୍ୱାନ ।

ଏହି ଗପଟି ବିଷ୍ଣୁପଦଙ୍କ ମନକୁ ଏଭଳି ପ୍ରଭାବିତ କଲା ଯେ ସେ ରେଲୱେ ଚାକିରି ଛାଡ଼ି ଦେଇ ଏକାକୀ ରହୁଥିବା ବୃଦ୍ଧ ପିତାଙ୍କର ସେବା କରିବା ପାଇଁ ଗାଁକୁ ଚାଲିଗଲେ । ଏ ଖବର ପାଇ ମୁଁ ତାଙ୍କୁ ସେ ଭଳି ତରବରିଆ ପଦକ୍ଷେପ ନେବାକୁ ବାରଣ କରିଥିଲି ଏବଂ କହିଥିଲି ଯେ ଅନ୍ତତଃ କୋଡ଼ିଏ ବର୍ଷ ଚାକିରି କରି ଯାଆନ୍ତୁ ଯେ ପେନସନ ମିଳିବ । ସେ କାହା କଥା ଶୁଣିନଥିଲେ।

ଗାଁରେ ରହି ସେ ଚାଷ କଲେ । ଗଛ ଲଗାଇଲେ । ସିମେଣ୍ଟ ଇଟା ତିଆରି କରି ଫେଲ ମାରିଲେ । ଏବେ ସେ ଏକ ଭୟଂକର ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ପ୍ରକାର ଚଳତ୍‌ଶକ୍ତି ହୀନ ହୋଇ ଯାଇଛନ୍ତି । ସେହି ଅବସ୍ଥାରେ ସେ ଥରେ ମୁଁ ଟ୍ରେନ୍‌ରେ ଯାଉଥିବାର ଜାଣି ବାଲେଶ୍ୱର ଷ୍ଟେସନକୁ ସାକ୍ଷାତ କରିବାକୁ ଆସିଥିଲେ । ତାଙ୍କର ପ୍ରଣିପାତ ସଦାସର୍ବଦା ସାଷ୍ଟାଙ୍ଗ ଥାଏ । ସେଦିନ ବି ଭରା ପ୍ଲାଟଫର୍ମରେ ସେ ତାହା ଦୋହରାଇବାରୁ ମୋର ଆଖି ଛଳଛଳ ହୋଇ ଉଠିଥିଲା ।

ସେ ସେହି ଅବସ୍ଥାରେ ବି କର୍କଟ ବ୍ୟାଧି ପୀଡ଼ିତ ସାନଭାଇର ସେବା କରୁଛନ୍ତି । ତେଣୁ ମୁଁ ନୁହେଁ, ବିଷ୍ଣୁପଦ ଜେନା ଜଣେ ପ୍ରବାଦ ପୁରୁଷ। ତାଙ୍କ କଥା ଔପନ୍ୟାସିକ ନିବାରଣ ଜେନା ତାଙ୍କ ଉପନ୍ୟାସରେ ଉଲ୍ଲେଖ କରିଛନ୍ତି ।♥



**ପ୍ରିୟ ପାଠକ: ବିଷ୍ଣୁପଦ ଜେନା**
ସା:ପୋ:ଅ: ଈଶ୍ୱରପୁର, ଭୋଗରାଇ, ଭାୟା- ଜଳେଶ୍ୱର, ଜି: ବାଲେଶ୍ୱର

---

ଚିନ୍ତନ

ଶ୍ରୀ ନାରାୟଣ ନାୟକ

# ଭାରତୀୟ ସଂସ୍କୃତିର ପୁନରାବଲୋକନ



ଏବେ ଫୋନ୍ ଓ ମେସେଜରେ ଅଧା ସମୟ ଯାଉଛି। ବହି ପଢ଼ିବାକୁ ସମୟ ନାହିଁ। ଆଗ କାଳରେ ଘରମାନଙ୍କରେ ଗ୍ରନ୍ଥାଳୟ ରହୁଥିଲା। ବିଦ୍ୱାନମାନେ ବହି ପଢୁଥିଲେ, ଲେଖୁଥିଲେ। ସେମାନେ ନିଜ ଘରେ ଦୁଇ ଚାରି ହଜାର ବହି ରଖୁଥିଲେ। ସାଧୁତାର ସହ ପଇସା ଉପାର୍ଜନ କରୁଥିଲେ। ବଡ଼ କଷ୍ଟରେ ଗୋଟିଏ ଗୋଟିଏ ବହି କିଣୁଥିଲେ। ତେଣୁ ଶ୍ରଦ୍ଧାର ସହ ବହିଟିକୁ ପଢୁଥିଲେ। ଯେଉଁମାନେ ଅସତ ଉପାୟରେ ପଇସା ଅର୍ଜନ କରି ବହି କିଣନ୍ତି, ସେମାନଙ୍କର ପଢ଼ିବାର ରୁଚି ନଥାଏ। ଆମେ ସ୍ଥିର କରିବା ଉଚିତ ଯେ ଆମ ଘରେ ଆମ ମାତୃଭାଷାରେ ଛପାଯାଇଥିବା କିଛି ପୁସ୍ତକ ରହୁ। ତାହେଲେ ଆମ ଘର ସୁରକ୍ଷିତ ରହିବ। ଯଦି ଆମେ ମାତୃଭାଷାକୁ ଇତିଶ୍ରୀ କରିବା, ତେବେ ତା ସହ ଆମ ପୂର୍ବ ପୁରୁଷମାନେ ଦେଇଯାଇଥିବା ସମସ୍ତ ସଂସ୍କାର ମଧ ଆମ ଘରୁ ବିଦାୟ ନେବ। ଯେଉଁ ଉପାୟରେ ବିଦେଶୀ ଭାଷାର ପ୍ରବାହ ଆମ ଘରେ ପ୍ରବାହିତ ହେଉଛି, ତା ଦ୍ୱାରା କେବଳ ଗୋଟେ ଭାଷା ଆସୁ ନାହିଁ, ତା ସହିତ ସେ ତାର ସଭ୍ୟତାକୁ ସାଙ୍ଗରେ ନେଇ ଆସୁଛି। ତାର ରାଜ, ରଙ୍ଗ, ଢଙ୍ଗ ସବୁ କିଛି ନେଇ ଆସୁଛି। ଆମ ପିଲା ବିଦେଶୀ ଭାଷା ପଢୁ ସେଥିରେ କିଛି ଆପତ୍ତି ନାହିଁ, କିନ୍ତୁ ଆମ ପିଲା ଓଡ଼ିଆ ପଢ଼ିବ ନାହିଁ, ଏଥିରେ ଆମର ସାଙ୍ଘାତିକ ଆପତ୍ତି ଅଛି। ଯଦି ତାକୁ ଓଡ଼ିଆ ଆସିବ ନାହିଁ ତେବେ ସେ ଓଡ଼ିଆ କବିତା କେମିତି ପଢ଼ିବ ? ଆମର ମୂଲ୍ୟବାନ କାବ୍ୟ କବିତା ଠାରୁ ସେ ଦୂରେଇ ଯିବ। ଆମର ବିଦ୍ୱାନ ସାହିତ୍ୟିକ ମାନଙ୍କ ସାହିତ୍ୟ ସେ ପଢ଼ି ପାରିବ ନାହିଁ। ଆମର ବିଶାଳ ସାହିତ୍ୟ ଭଣ୍ଡାରକୁ ସେ ଘୃଣା କରିବ। ତେବେ କେଉଁ ଉପାୟରେ ଭାରତୀୟ ଚିନ୍ତା ଚେତନାକୁ ସେ ଜାଣିବ ? ଏହା ନିଶ୍ଚିତ ଯେ ଭାରତୀୟ ଚିନ୍ତନରୁ ସେ ଦୂରେଇ ଯିବ। ଏ ଦେଶର ସନାତନ ବିଚାର ଠାରୁ ସେ ଦୂରେଇ ଯିବ। ୧୦ - ୨୦ ବର୍ଷ ପରେ ଯେତେବେଳେ ଆମ କଥାକୁ ଆମ ପିଲା ବିରୋଧ କରିବ, ସେତେବେଳେ ଆମେ ପଶ୍ଚାତାପ କରିବା, ଓଃ କଣ ଗୋଟେ ଭୁଲ୍ ହୋଇଗଲା ବୋଲି ଭାବିବା। ଆଉ ସୁଧୁରିବାର ବୟସ ନ ଥିବ। ଏଥିପାଇଁ ଆଜିର ବିଦ୍ୱାନ ବୁଦ୍ଧିଜୀବୀମାନେ ଏ ବିଷୟରେ ଭଲଭାବେ ଚିନ୍ତା କରନ୍ତୁ। ନିଜ ଘରେ ଭଲ ଭଲ ଓଡ଼ିଆ ବହି ରଖନ୍ତୁ। ତାକୁ ଯେପରି ଘରେ ସମସ୍ତେ ପଢ଼ି ପାରିବେ, ସେମିତି ଜାଗାରେ ରଖନ୍ତୁ। ଘରେ ସମସ୍ତେ ପଢ଼ିବା ଯୋଗ୍ୟ ପତ୍ରିକା ମଗାନ୍ତୁ। ଘରେ ଆସୁଥିବା ବହି/ପତ୍ରିକା ସମସ୍ତେ ପଢ଼ିଲେ କି ନା ଦେଖନ୍ତୁ। ଭାରତକୁ ସୁରକ୍ଷିତ ରଖିବାର ଅଛି ତ ଭାରତୀୟ ଭାଷାକୁ ସୁରକ୍ଷିତ ରଖିବାକୁ ପଡ଼ିବ।

ପରାଧୀନ କାଳରେ ଦେଶ ବହୁତ କିଛି ହରାଇଛି। ବିଦେଶୀ ଆକ୍ରମଣକାରୀମାନେ ଆମ ଦେଶକୁ କେବଳ ଲୁଟିବାକୁ ଆସି ନ ଥିଲେ। ସେମାନେ ଆମ ସଂସ୍କୃତିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବା ପାଇଁ ସବୁ ପ୍ରକାର ଚେଷ୍ଟା କରିଥିଲେ। ଆମ ରାଷ୍ଟ୍ରର ଆତ୍ମାକୁ ସମ୍ପୂର୍ଣ୍ଣ ବିନାଶ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ଏଭଳି କାମ ସେମାନେ ବାକି ଦେଶମାନଙ୍କରେ କରି ସଫଳତା ପାଇଥିଲେ। ସେମାନେ ଯେଉଠିକୁ ଗଲେ ସେଠିକାର ସଂସ୍କୃତିକୁ ସମୂଳେ ଧ୍ୱଂସ କରିଦେଲେ। ସବୁ ପ୍ରକାର ଅତ୍ୟାଚାର, ସବୁ ପ୍ରକାର ଚେଷ୍ଟା କରି ମଧ କେବଳ ଭାରତରେ ହିଁ ତାଙ୍କୁ ସଫଳତା ମିଳି ନାହିଁ। ଆଜି ବି ତାଙ୍କ ଚେଷ୍ଟା ସମାପ୍ତ ହୋଇ ନାହିଁ।

ଏଠାରେ ସଫଳ ନ ହେବାର କାରଣ କଣ ?

କାରଣ ହେଲା ଆମ ରାଷ୍ଟ୍ରର ଜୀବନୀ ଶକ୍ତି ବହୁତ ସୁଦୃଢ଼ ଥିଲା। ଆମ ରାଷ୍ଟ୍ରର ରାଷ୍ଟ୍ର ତତ୍ତ୍ୱ ରାଜା ପାଖରେ, ସେନା ପାଖରେ ବା ମନ୍ଦିରର ମୂର୍ତ୍ତି ପାଖରେ ନ ଥିଲା। ଏହା ତ ସୁଦୃଢ଼ ଭାବେ ଆସ୍ଥାନ ଜମାଇ ବସିଥିଲା ଏଠିକାର ପ୍ରତ୍ୟେକ ହିନ୍ଦୁର ହୃଦୟରେ। ଏହା ହିଁ ହେଉଛି ହିନ୍ଦୁରାଷ୍ଟ୍ରର ବିଶେଷତା।

ରାମଧାରୀ ସିଂହ 'ଦିନକର' ଙ୍କ 'ସଂସ୍କୃତି କେ ଚାର ଅଧ୍ୟାୟ' ବହିଟିକୁ ଆମେ ପଢ଼ିବା ଉଚିତ। ସେଥିରେ ଗୋଟିଏ ଜାଗାରେ ସେ ଲେଖିଛନ୍ତି - 'ମୁସଲମାନମାନେ ବାରମ୍ବାର ଆମ ମନ୍ଦିର ଭାଙ୍ଗୁଥିଲେ, କିନ୍ତୁ ହିନ୍ଦୁ ସମାଜ ଧୈର୍ଯ୍ୟର ସହ ପ୍ରତୀକ୍ଷା କରୁଥିଲା, ଭଙ୍ଗା ମନ୍ଦିର ଉପରେ ପୁଣି ମନ୍ଦିର ତିଆରି କରୁଥିଲା, ପୁଣି ସେମାନେ ମନ୍ଦିର ଭାଙ୍ଗୁଥିଲେ, ପୁଣି ହିନ୍ଦୁ ମନ୍ଦିର ଗଢୁ ଥିଲା।' ଏତେ ସବୁ ପରେ ମଧ ମୁସଲମାନ ମାନେ ହିନ୍ଦୁସମାଜ ଭିତରେ ଥିବା ମନ୍ଦିର ଗଢ଼ିବାର ପ୍ରବୃତ୍ତିକୁ ନଷ୍ଟ କରିପାରିଲେ ନାହିଁ। ସେ ଏଥିରେ ଅଯୋଧ୍ୟା, ମଥୁରା ଓ କାଶୀ ବିଶ୍ୱନାଥ ମନ୍ଦିର କେତେ ଥର ଭାଙ୍ଗିଛି ଓ କେତେ ଥର ତିଆରି ହୋଇଛି ତାର ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି - 'ଅତ୍ୟାଚାର ବହୁତ ହେଲା, ଆଖି ଆଗରେ ମନ୍ଦିର ଭଙ୍ଗା ଯାଉଥିଲା, ହିନ୍ଦୁ ଚୁପଚାପ ବସିକି ଦେଖୁଥିଲା, ଶାନ୍ତିରେ ବସିକି ଦେଖୁଥିଲା, ସେ ଜିଜିଆ କର ଦେଉଥିଲା କିନ୍ତୁ ଗଙ୍ଗା ସ୍ନାନ କରିବା ବନ୍ଦ କଲା ନାହିଁ।

ପ୍ରୟାଗରେ ଯାଇ କୁମ୍ଭରେ ବୁଡ଼ ପକାଇବା ପାଇଁ କର ଦେବାକୁ ପଡୁ ଥିଲା। ଏହା ଯାତ୍ରୀ କର ଥିଲା। ଏହାକୁ ସମାପ୍ତ କରିବା ପାଇଁ ପୂଜ୍ୟ ମଧୁସୂଦନ ସରସ୍ୱତୀ ତାଙ୍କର ସନ୍ନ୍ୟାସୀ ଶିଷ୍ୟମଣ୍ଡଳୀଙ୍କୁ ନେଇ ଆଗ୍ରାର ଶାହାଜହାଁ ପାଖକୁ ଯାଇଥିଲେ। ଆଉରଙ୍ଗଜେବର ଦରବାରରେ ଦାରାସିକୋ ବସି ଥିଲା, ସେ ତାର ବଡ଼ ପୁଅ ଥିଲା, ପରଦା ପଛରେ ଜହାଁନାରା ବସିଥିଲା। ଦାରାସିକୋ ଓ ତା ବଡ଼ ଭଉଣୀ ଉଭୟେ କହିଲେ କର ଦେବା ବନ୍ଦ ହେଉ। କର ଦେବା ବନ୍ଦ ହେଲା। କିଛି ଦିନ ପରେ ପୁଣି ଆଉରଙ୍ଗଜେବ ପୁଣି କର ଲଗାଇଲା। ହିନ୍ଦୁ ହୋଇଥିବାରୁ ହିନ୍ଦୁକୁ ଜିଜିଆ କର ଦେବାକୁ ପଡୁଥିଲା। ଏ ଭଳି କ୍ରୁର କାଳ ହିନ୍ଦୁ ସମାଜ ସହିଥିଲା। ଏହା ହେଉଛି ରାଷ୍ଟ୍ର ତତ୍ତ୍ୱ, ଯାହାକୁ ବିଦେଶୀ ଆକ୍ରମଣ କାରୀ ମାନେ ବୁଝିପାରୁ ନ ଥିଲେ।

ଏହି ଉଦାହରଣ ଦେବା ପରେ 'ଦିନକର' ଲେଖିଛନ୍ତି - ଯଦି ମୁଁ ଆପଣଙ୍କୁ ପଚାରେ ଯେ ଇଂଲଣ୍ଡର ଜନ୍ମ କେବେ ? ଆପଣ ଏକ ଦୁଇ ଶତାବ୍ଦୀ ପଛକୁ ଯିବେ। ଜର୍ମାନୀ କଥା ସେଇଆ। ଫ୍ରାନ୍ସ ବି ସେଇଆ। ଅର୍ଥାତ୍ ଦୁନିଆର ପ୍ରତ୍ୟେକ ଦେଶ, ଯେଉଁମାନେ ଆଜି ଅସ୍ତିତ୍ୱରେ ଅଛନ୍ତି, ତାଙ୍କ ଇତିହାସ କଣ ?

ଉତ୍ତର ମିଳିବ ଅଳ୍ପ କେତେ ଶତାବ୍ଦୀର।

କିନ୍ତୁ ଭାରତ କେବେ ତିଆରି ହେଲା ?

ଭାରତ ତ ବେଦ କାଳରୁ ଅଛି। ଋଗ୍ ବେଦରେ ଭାରତର ନାଁ ଅଛି। କେବେ ତାମିଲନାଡୁ, କର୍ଣ୍ଣାଟକ, କେରଳ ଲୋକେ କହିଲେ ଆମର ବିଲୟ ଭାରତରେ ହେଲା ବୋଲି ? ଏପରି କେବେ ହୋଇ ନାହିଁ। ବଙ୍ଗ, ମହାରାଷ୍ଟ୍ର, ଗୁଜୁରାଟ ବି ଏପରି କେବେ କହି ନାହାନ୍ତି। ଆମର ରାଷ୍ଟ୍ରବୋଧ କେଉଁ ପ୍ରାଚୀନ କାଳରୁ ରହି ଆସିଛି। କିଏ କହିପାରିବ ଯେ ଉପରୋକ୍ତ ରାଜ୍ୟର ଲୋକେ କେବେଠୁ କୁମ୍ଭମେଳାରେ ଗଙ୍ଗାରେ ବୁଡ଼ ପକାଇବାକୁ ଆସିଲେ ? ହଜାର ହଜାର ବର୍ଷ ହେଲା ଏହା ଚାଲି ଆସିଛି। ୨୨୦୦ ବର୍ଷ ପୂର୍ବେ ଆଦି ଶଙ୍କରାଚାର୍ଯ୍ୟ ଦୁଇ ଥର କେଦାରନାଥ ଯାଇଥିଲେ। ତାଙ୍କ ଅନ୍ତିମ ସଂସ୍କାର ମଧ ସେଇଠି ହୋଇଥିଲା, ସମାଧି ତିଆରି ହୋଇଥିଲା। ୨୨୦୦ ବର୍ଷ ପୂର୍ବେ ସେ କେରଳରୁ କେଦାରନାଥ କେମିତି ଯାଇଥିଲେ ? ହଜାର ହଜାର ବର୍ଷ ପୂର୍ବେ ରାମସେତୁ କେମିତି ତିଆରି ହେଲା ? କିଏ ତିଆରି କଲା ? ହଜାର ହଜାର ବର୍ଷ ପୂର୍ବେ ତ୍ରିପୁରା ଲୋକ, ମଣିପୁର ଲୋକ ଯୁଦ୍ଧ କରିବାକୁ କେମିତି ଆସିଥିଲେ କୁରୁକ୍ଷେତ୍ର ? କେତେ ସୁଦୃଢ଼ ଥିଲା ସେତେବେଳେ ଆମର ପରମ୍ପରା। ଭଗବାନ କୃଷ୍ଣଙ୍କ ବିବାହ ରୁକ୍ମଣୀଙ୍କ ସହ ହୋଇଥିଲା। ରୁକ୍ମଣୀଙ୍କ ଘର କେଉଁଠି ଥିଲା ? ତାଙ୍କ ଘର ଆଜି ବି ଅରୁଣାଞ୍ଚଳରେ ଅଛି। ଭୀମଙ୍କ ବିବାହ ହିଡ଼ିମ୍ବାଙ୍କ ସହ ହୋଇଥିଲା। ହିଡ଼ିମ୍ବାଙ୍କ ଘର କେଉଁଠି ? ଆଜି ବି ହିଡ଼ିମ୍ବାଙ୍କ ଘର ନାଗାଲେଣ୍ଡର ଡିମାପୁରରେ ଅଛି। ଅର୍ଜୁନଙ୍କ ପତ୍ନୀ ଉଲୁପି ଚିତ୍ରାଙ୍ଗଦାଙ୍କ ଘର କେଉଁଠି ? ସେ ତ ଆସାମରେ। ଆମର ଏହି ରାଷ୍ଟ୍ର ତତ୍ତ୍ୱ ଆଜିର ନୁହେଁ। କେଉଁ ଅନାଦି କାଳରୁ ରହି ଆସିଛି। ଆମର ସମସ୍ତ ମହାପୁରୁଷ ସାରା ଦେଶର। କବୀର, ନାନକ, ରାମାନୁଜ, ରାମାନନ୍ଦ ଆଦି ମହାପୁରୁଷ ମାନଙ୍କ ଉପରେ ରାଜ୍ୟ ବା ଜନ୍ମସ୍ଥାନର ଷ୍ଟାମ୍ପ ଲାଗି ନାହିଁ। ସେ କେବଳ ସେଇ ଜାଗାର ହୋଇ ରହିଗଲେ ନାହିଁ। ସାରା ରାଷ୍ଟ୍ର ତାଙ୍କୁ ନିଜର ବୋଲି ଆପଣେଇ ନେଲା। ଏମାନେ ସାରା ଦେଶରେ ଆଧ୍ୟାତ୍ମିକ ଭାବକୁ ବିକଶିତ କରିଥିଲେ। ବେଦର ପ୍ରଥମ ଋଚାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଏ ପ୍ରକ୍ରିୟା ଚାଲୁ ରହିଛି, ଏହାକୁ ଆମେ ରାଷ୍ଟ୍ର କହୁଛୁ।

ବିଦେଶରେ କୌଣସି ଦେଶ ପାଖରେ, କୌଣସି ସମାଜ ପାଖରେ ବା କୌଣସି ଜାତି ପାଖରେ ଏପରି ରାଷ୍ଟ୍ରବୋଧ ନାହିଁ। ତେଣୁ ସେମାନେ ଏଠାକୁ ଆସି ଭ୍ରମ ସୃଷ୍ଟି କଲେ। ସେମାନେ ଯେଉଁ ଦେଶକୁ ପରାଧୀନ କଲେ, ସେହି ଦେଶର ଲୋକଙ୍କ ଭିତରେ ହୀନ ଭାବନା ତିଆରି କଲେ। କାରଣ ହୀନ ଭାବନା ରହିଲେ କେହି ସ୍ୱାଧୀନ ହେବାକୁ ଚାହିଁବ ନାହିଁ।

ଭାରତର ଲୋକେ ବିଦେଶ ଯାଇଛନ୍ତି, କିନ୍ତୁ କିଏ କହିପାରିବ ଭାରତ କାହାକୁ ଲୁଟିଛି, ଗୋଲାମ କରିଛି, ମହିଳାମାନଙ୍କ ଉପରେ ଅତ୍ୟାଚାର କରିଛି ? କେହି କହିପାରିବ ନାହିଁ। ଏହି ଚରିତ୍ର, ଏହି ସ୍ୱଭାବ ଭାରତର ଅଟେ। ଏହା ଭାରତର ରାଷ୍ଟ୍ର ଦର୍ଶନ ଅଟେ।

ଏଭଳି ମହାନ ବିଚାରଥିବା ଦେଶକୁ, ଏପରି ମହାନ ସ୍ୱଭାବଥିବା ଦେଶକୁ, ଏପରି ପ୍ରକୃତି ଓ ମହାନ ପରମ୍ପରା ଥିବା ଦେଶକୁ ସେମାନେ ବର୍ବରତାର ସହ ଲୁଟି ନେଲେ, ଗୋଲାମ(ପରାଧୀନ)କରିଦେଲେ ସତ କିନ୍ତୁ ଏ ଦେଶ ଭିତରେ ଭିତରେ ଏତେ ସୁଦୃଢ଼ ଥିଲା ଯେ ଏହାର ଆନ୍ତରିକ ଭାବନା ଓ ଏହାର ଅନ୍ତରାତ୍ମାକୁ କେହି ନଷ୍ଟ କରିପାରିଲେ ନାହିଁ। ସବୁ ପ୍ରକାର ଷଡ଼ଯନ୍ତ୍ର ତାଙ୍କର ଅସଫଳ ହୋଇଛି।

ଷଡ଼ଯନ୍ତ୍ର ୧. ଭାରତର ଲୋକେ ତ ଶ୍ରେଷ୍ଠ, କିନ୍ତୁ ସେମାନେ ଏ ଦେଶର ମୂଳ ଅଧିବାସୀ ନୁହଁନ୍ତି। ସେମାନେ ସମସ୍ତେ ବାହାରୁ କେଉଁ ମଧ ଏସିଆରୁ ଆସିଛନ୍ତି। ଏହିପରି ଏକ ଆର୍ଯ୍ୟ ଆଗମନ ତତ୍ତ୍ୱକୁ ଗଢ଼ି ଦେଲେ। ଯେଉଁ ଷଡ଼ଯନ୍ତ୍ରକୁ ଆମର ବୁଦ୍ଧିଜୀବୀମାନେ ବୁଝିବାରେ ଅକ୍ଷମ ହେଲେ। କାରଣ ସେମାନେ କେବେ ବି ଭାବି ନଥିଲେ ଯେ ମଣିଷ ଭିତରେ ଏଭଳି କୁଟିଳତା ଥିବ ବୋଲି। ବହି ଛପେଇ ଦେଲେ। ସବୁ ଗ୍ରନ୍ଥାଗାରକୁ ବହି ପଠେଇଦେଲେ। ଆମ ବିଦ୍ୱାନ ମାନେ ତାକୁ ପଢ଼ିଲେ ଓ ପଢ଼େଇଲେ। ଏଭଳି ନୀଚ କାମ କରାଯାଇଥିବ ବୋଲି ଆମ ବିଦ୍ୱାନଲୋକେ ବୁଝି ପାରିଲେ ନାହିଁ। ଷଷ୍ଠ ଶ୍ରେଣୀର ଛାତ୍ର ପଢ଼ିଲା ଭାରତୀୟ ମାନେ ହେଲେ ଆର୍ଯ୍ୟ। ଏମାନେ ସବୁ କାସପିଆନ ସାଗର କୂଳରେ ଥିଲେ। ଖାଇବାର ଗିରିପଥ ଦେଇ ଏମାନେ ଭାରତରେ ପ୍ରବେଶ କରିଛନ୍ତି। କେତେ ଶତାବ୍ଦୀ ପରେ ଆଜି ଆମର ଐତିହାସିକମାନେ ଏହା ଏକ ମନଗଢ଼ା କାହାଣୀ ବୋଲି ପ୍ରମାଣିତ କରିଛନ୍ତି। ସେମାନେ କହିଛନ୍ତି ଆମେ ବାହାରୁ ଆସିନାହୁଁ। ଆମେ ବାହାରକୁ ଯାଇଛୁ।

ଋଗ୍ ବେଦ ଓ ପଶ୍ଚିମ ଏସିଆ ବହିଟି ଜଣେ ବାମପନ୍ଥୀ ଲେଖକ ଲେଖିଛନ୍ତି। କିନ୍ତୁ ସେ ଏଥିରେ ଆର୍ଯ୍ୟ ଆଗମନ ତତ୍ତ୍ୱକୁ ବଡ଼ ପ୍ରଭାବୀ ଢଙ୍ଗରେ ଖଣ୍ଡନ କରିଛନ୍ତି।

ସେ କହିଛନ୍ତି - ଯଦି ଆର୍ଯ୍ୟ ବାହାରୁ ଆସିଥାନ୍ତେ ତେବେ ସେ ତାଙ୍କର ଭାଷାକୁ ନେଇକି ଆସିଥାନ୍ତେ। ତାଙ୍କ ଭାଷା ଗୋଟେ ବିଦେଶୀ ଭାଷା ହୋଇଥାଆନ୍ତା। କିନ୍ତୁ ଭାରତରେ କୁହାଯାଉଥିବା ସବୁ ଭାଷା ତ ସଂସ୍କୃତରୁ ଆସିଛି। କ ଚ ଟ ତ ପ ବର୍ଗର ଅକ୍ଷର ଓ ଧ୍ୱନି ବିଜ୍ଞାନକୁ ବିସ୍ତୃତଭାବେ ବୁଝାଇ ସେ କହିଛନ୍ତି ଯେ ଏ ପ୍ରକାର ଧ୍ୱନି ପାଶ୍ଚାତ୍ୟ ଲୋକେ ଅଭ୍ୟାସ କରି ମଧ ବାହାର କରିପାରିବେ ନାହିଁ। ଆଜି ଯେଉଁ ବିଦେଶୀ ଭାଷାକୁ ଆମେ ମାତୃଭାଷା ଭଳି ବ୍ୟବହାର କରୁଛୁସେଥିରେ ଠ ନାହିଁ, ଭ ନାହିଁ, ଆମର କେତେକ ଶବ୍ଦ ଅଛି ଯାହାକୁ ତାଙ୍କ ମହାଦେଶର ଜଣେ ବି ଲୋକ ଠିକ୍ ଭାବେ ସ୍ପଷ୍ଟ ଭାବେ ଉଚ୍ଚାରଣ କରିପାରିବ ନାହିଁ। ଚାଲି ଆସିଲେ ଆମକୁ ଜ୍ଞାନ ଦେବା ପାଇଁ ଯେ ତୁମେ ବାହାରୁ ଆସିଛ।

ଏହି ତତ୍ତ୍ୱ ଆମ ରାଷ୍ଟ୍ରର ଧର୍ମକୁ ବିଚଳିତ କରିଦେଲା। ଆମ ରାଷ୍ଟ୍ର ଧର୍ମରେ, ଆମ ରାଷ୍ଟ୍ର ଦର୍ଶନରେ ଆମ ରାଷ୍ଟ୍ରର ବିଚାର ଭ୍ରମିତ ହୋଇଗଲା। ଆମ ରାଷ୍ଟ୍ର ଧର୍ମରେ ଏପରି ଭ୍ରଷ୍ଟ ବିଚାର ପ୍ରବେଶ କରି ଆମକୁ ଭୁଲ୍ ରାସ୍ତାରେ ଯିବାକୁ ପ୍ରେରିତ କଲା।

ଆମ ଭଗବାନ ଗୀତାରେ କହିଛନ୍ତି ଧର୍ମରେ ଗ୍ଲାନି ଘଟିଲେ ସେ ନିଜେ ଆସନ୍ତି ତାକୁ ସୁଧାରିବା ପାଇଁ।

ଏ ଯୁଗରେ ସେ ନିଜେ ଆସିଲେ କି ନା ଆମକୁ ଜଣା ନାହିଁ, କିନ୍ତୁ ଅନେକ ମହାପୁରୁଷଙ୍କୁ ସେ ପଠାଇଛନ୍ତି ଯେଉଁମାନେ କେବଳ ରାଷ୍ଟ୍ରଧର୍ମକୁ ରକ୍ଷା କରିବା ପାଇଁ ଜନ୍ମନେଇଛନ୍ତି।

ସେମାନେ ରାଜ୍ୟକୁ ନେସନ କହିଲେ। ଆମର ଏଠି ଏକ ରାଷ୍ଟ୍ର ଭିତରେ ଶହେ ରାଜ୍ୟ ରହିପାରିବେ। ଆମର ଏହି ତତ୍ତ୍ୱ ଓ ଆମର ଏହି ବ୍ୟବହାର ବୁଝିବାକୁ ତାଙ୍କ ପାଖରେ ସେତିକି ବୁଦ୍ଧି ନ ଥିଲା। ସେମାନଙ୍କ ନେସନ କନସେପ୍ଟ ମାନେ ହେଲା ଏକ ଭାଷା ମାନେ ଏକ ନେସନ। ଦୁଇଟି ଭାଷା ମାନେ ଦୁଇଟି ନେସନ। ଚାରିଟି ଭାଷା ମାନେ ଚାରିଟି ନେସନ। ଜର୍ମାନୀ ଜର୍ମାନୀ ଭାଷୀଙ୍କର, ଫ୍ରେଞ୍ଚ ଫ୍ରେଞ୍ଚ ଭାଷୀଙ୍କର, ସ୍ପେନ ଅର୍ଥାତ୍ ସ୍ପେନିସ ଭାଷୀଙ୍କର, ପର୍ତ୍ତୁଗୀଜ ପର୍ତ୍ତୁଗୀଜଭାଷୀଙ୍କର। ତାଙ୍କ ମତରେ ଦୁଇଟି ଭାଷାଭାଷୀ ଲୋକଙ୍କର ଗୋଟିଏ ନେସନ ହୋଇପାରିବ ନାହିଁ। ଭାରତରେ ଶହ ଶହ ବୋଲି ଶହ ଶହ ଭାଷା ଅଛି। ସବୁ ଭାଷାକୁ ନେଇ ବିପୁଳ ସାହିତ୍ୟ ଭଣ୍ଡାର ଅଛି। ସବୁ ଭାଷା ଏକାଠି ସହବସ୍ଥାନ କରୁଛନ୍ତି। ଏଥିପାଇଁ ଆମେ କହୁଛୁ ଭାରତ ଏକ ରାଷ୍ଟ୍ର ଅଟେ। ଏହା ଏକ ନେସନ ନୁହଁ। ସେମାନେ ସବୁ ଏକ ଏକ ନେସନ। ଏ ସବୁ ନେସନ ଅତ୍ୟନ୍ତ ଅସହନଶୀଳତା (ଏକ୍ସଟ୍ରିମ୍ ଇଂଟଲରେନ୍ସ) କୁ ନେଇ ଜନ୍ମ ନେଇଛନ୍ତି। ତାଙ୍କ ନେସନ ତିଆରିର ଆଧାର ହେଲା ଅସହିଷ୍ଣୁତା। ଆନ୍ଦୋଳନ।

ଆମର ଏପରି ନୁହେଁ। କେଉଁ ରାଜା ସେନା ନେଇ ଆସିଗଲା ଗୋଟେ ଅଞ୍ଚଳ ଜୟ କରିଗଲା କିମ୍ବା କେହି ଏକ ଭାଷାକୁ ନେଇ ଆନ୍ଦୋଳନ କରି ଜିତି ଗଲା, ଗୋଟେ ରାଷ୍ଟ୍ର ହୋଇଗଲା, ଏପରି ରାଷ୍ଟ୍ର ଆମ ଦେଶରେ ଗଠନ ହୋଇ ନାହିଁ।

ଆମର ଏଠି ରାଷ୍ଟ୍ରର ଆବଶ୍ୟକ ତତ୍ତ୍ୱ ହେଲା ସାମୂହିକତା, ସଂକଳ୍ପ - ଯାହାର ଆଧାର ହେଲା ଆଧ୍ୟାତ୍ମିକତା।

ସେମାନଙ୍କ ମନ ମସ୍ତିଷ୍କରେ ଭାଷାଭିତ୍ତିକ ନେସନ ଥିବାରୁ ସେମାନେ ଏଠାରେ ଶହ ଶହ ନେସନ ହେବାର ସ୍ୱପ୍ନ ଦେଖିଲେ। ନେସନ କରିବା ପାଇଁ ଭାଷା ଭାଷା ଭିତରେ ଲଢ଼େଇ କରିବା ଆରମ୍ଭ କରିଦେଲେ। ବଡ଼ ବଡ଼ ବିଦ୍ୱାନଙ୍କୁ ଏଥିପାଇଁ ଯୋଗାଡ଼ କରୁଥିଲେ। କିଛି ଜାଗାରେ ରାଜ୍ୟ ଗଢ଼ିବାରେ ସମର୍ଥ ହେଲେ, କିନ୍ତୁ ଆମ ଦେଶର ରାଷ୍ଟ୍ର ତତ୍ତ୍ୱ ଏତେ ଗଭୀର ଥିଲା ଯେ ସେମାନଙ୍କର ସମସ୍ତ ଷଡ଼ଯନ୍ତ୍ର ଅସଫଳ ହେଲା। ଏବେ ଆମର ସତ୍ ସାହିତ୍ୟର ଧର୍ମ ହେଉଛି ଏହି ସବୁ ଭ୍ରମକୁ ଦୂର କରିବା। ଭାରତର ରାଷ୍ଟ୍ର ଧର୍ମକୁ ଠିକ୍ ଭାବେ ପ୍ରସ୍ତୁତ କରିବା।

ଆଉ ଗୋଟିଏ କଥା ହେଲା ଉପରୋକ୍ତ ଦୁଇଟି ତତ୍ତ୍ୱ ସେ ଆର୍ଯ୍ୟ ଆଗମନ ହେଉ ବା ଭାଷାଭିତ୍ତିକ ରାଜ୍ୟ ହେଉ ସେଥିରୁ ଆମେ ବର୍ତ୍ତିଗଲେ।

କିନ୍ତୁ ଏବେ ଆଉ ଗୋଟେ ବଡ଼ ସଙ୍କଟ ଆମ ଆଗରେ ସୁନାମି ଭଳି ଛାଇ ଯାଇଛି। ତାହା ହେଲା ଭୌତିକବାଦ

ତାହା ହେଲା କଞ୍ଜୁମରିଜିମ୍

ତାହା ହେଲା ଅଧିକରୁ ଅଧିକ ଦ୍ରବ୍ୟ ସଂଗ୍ରହ । ଆମ ଆଗରେ ବସିଥିବା ଟିଭି

ଆମ ହାତକୁ ଛାଡୁ ନ ଥିବା ମୋବାଇଲ ।

ଏ ୨ଟିଯାକ ତାଙ୍କ ଦ୍ରବ୍ୟକୁ ଆମକୁ ବିକି ବାକୁ ମିଠା ମିଠା କଥା କହୁଛନ୍ତି। ତାଙ୍କ ଦ୍ରବ୍ୟ ନ କିଣିଲେ ଆମ ଜୀବନ ବ୍ୟର୍ଥ ବୋଲି କହୁଛନ୍ତି।

ପ୍ରକୃତରେ ଏହି ମାୟାରେ ଆମେ ବାୟା ହୋଇଛନ୍ତି।

ଏବେ ରାମରାଜ୍ୟର କଥା ଚାଲିଛି।

ଭଗବାନ ରାମଙ୍କୁ ମଧ ମାୟାମୃଗ ବାଟବଣା କରିଥିଲା।

ତାଙ୍କ ଜୀବନରୁ ଶିକ୍ଷା ନେଇ ଆମେ ଏହି ମାୟାରୁ ଦୂରେଇ ରହିବା ଉଚିତ।

ଆମ ଦେଶ ଭୋଗବାଦକୁ ଉପେକ୍ଷା କରେ ନାହିଁ। କିନ୍ତୁ ଭୋଗବାଦ ପଛରେ ଦୌଡେ ନାହିଁ। ତ୍ୟାଗ ଓ ଭୋଗ ଭିତରେ ସମନ୍ୱୟ ସ୍ଥାପନ କରି ଆମ ଦେଶ ଆଗକୁ ବଢ଼େ।

ଗ୍ଲୋବଲ ୱାର୍ମିଂ କମେଇବା ବିଷୟରେ ଗ୍ରନ୍ଥ ଲେଖୁଥିବା, ଭାଷଣ ଦେଉଥିବା ଲୋକଟି ପର କ୍ୟାପିଟା କେତେ ବିଦ୍ୟୁତ କଞ୍ଜ୍ୟୁମ କରୁଛି, ପର କ୍ୟାପିଟା ଲୁଗାପଟା କେତେ କଞ୍ଜ୍ୟୁମ କରୁଛି, ପର କ୍ୟାପିଟା ଫୁଏଲ କେତେ କଞ୍ଜ୍ୟୁମ କରୁଛି ନିଜେ ଦେଖିବା ଦରକାର।

ଏଇ ତିନିଟିରେ ଆଜି ବିକଶିତ ଅବିକଶିତ ଦେଶ ମପା ଯାଉଛି।

ପର କ୍ୟାପିଟା ଆନନ୍ଦ କିଏ ମାପୁଛି ?

ପର କ୍ୟାପିଟା ସୁଖ କିଏ ମାପୁଛି ?

ଯାଜ୍ଞବଲ୍କ ଯେତେବେଳେ ନିଜର ଦୁଇ ପତ୍ନୀଙ୍କ ଭିତରେ ସମ୍ପତ୍ତି ବାଣ୍ଟୁଛନ୍ତି, ମୈତ୍ରେୟୀ କହୁଛି ଏହା ଦ୍ୱାରା ମୋତେ ସୁଖ ମିଳିବ କି ? ଅମରତ୍ୱ ମିଳିବ କି ?

ଯାଜ୍ଞବଲ୍କ କହୁଛନ୍ତି ନା ଏଥିରେ ସୁଖ ମିଳିବ ନାହିଁ କି ଅମରତ୍ୱ ବି ମିଳିବ ନାହିଁ।

ମୈତ୍ରେୟୀ କହୁଛନ୍ତି, ତେବେ ଏ ସବୁ ମୋର ଆବଶ୍ୟକ ନାହିଁ।

ଯମ ଅନେକ ପ୍ରକାର ସୁଖ ସମ୍ପଦ ଦେଇ ନଚିକେତାକୁ ଫେରେଇ ଦେବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ନଚିକେତା ସେଇ କଥା ପଚାରୁଛି ଏଥିରେ କଣ ଶାନ୍ତି ଅଛି ? ଏଥିରେ କଣ ଅମରତ୍ୱ ଅଛି ?

ଏ ଦେଶ ହେଉଛି ନଚିକେତାର ଦେଶ,

ଏ ଦେଶ ହେଉଛି ମୈତ୍ରେୟୀର ଦେଶ

ଏ ଦେଶ ହେଉଛି ଯାଜ୍ଞବଲ୍କ୍ୟର ଦେଶ

ଏ ଦେଶ ହେଉଛି ରାଜ୍ୟକୁ ତ୍ୟାଗ କରିଥିବା ରାମଙ୍କ ଦେଶ

ଏ ଦେଶ ହେଉଛି ରାଜ୍ୟକୁ ସ୍ୱୀକାର କରି ନ ଥିବା ଭରତଙ୍କ ଦେଶ । ଦେବା, ନେବା, ଛାଡ଼ି ଦେବା, ଛଡ଼େଇ ନେବା, ଲୁଟି ନେବା, ମନ୍ଦିର ଭାଙ୍ଗିବା, ମହିଳାଙ୍କୁ ନେଇ ବଜାରରେ ନିଲାମ କରିବା ଏହା ବର୍ବର ଜାତି ମାନଙ୍କର ବର୍ବର ଦେଶ ମାନଙ୍କର କାର୍ଯ୍ୟ ହୋଇପାରେ, ଏହା ଆମ ଦେଶର କାର୍ଯ୍ୟ ନୁହେଁ। ଆମ ସାହିତ୍ୟ ଆମ ରାଷ୍ଟ୍ରଧର୍ମର ପ୍ରଚାର କରୁ। ଆମର ପ୍ରତ୍ୟେକ ପରିବାର ସତ୍ ସାହିତ୍ୟର କେନ୍ଦ୍ର ହେଉ।

♥ ସଂସ୍କୃତି ଭବନ
ଚଣ୍ଡି ମନ୍ଦିର ମାର୍ଗ, କଟକ
(ମୋ) ୮୨୮୦୩୧୨୬୫୨

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୪ ମାର୍ଚ୍ଚ ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



ଚେତନାର ଦର୍ପଣ - ୨୨

# ସମୟର ସଦୁପଯୋଗ



♥ ଲଳିତ ମୋହନ ମିଶ୍ର

ଲୋକମାନେ ଆସନ୍ତି ଯାଆନ୍ତି, କିନ୍ତୁ ସମୟର ଗତି ନିରବଚ୍ଛିନ୍ନ । ଆମେ ସମୟକୁ କେବେ ବି ଧରି ପାରିବା ନାହିଁ । ଆମେ ସମୟ ପଛରେ ଯେତେ ପଡ଼ିଥାଉ, ସେ ସେତେ ଆମଠାରୁ ଦୂରେଇ ଯାଏ । ଏକ ଅଦ୍ଭୁତ କଥା ଯେତେବେଳେ ମନୁଷ୍ୟ ଜୀବନର ଶେଷ ପର୍ଯ୍ୟାୟରେ ମୃତ୍ୟୁକୁ ଆଦରି ଥାଏ, ସେତେବେଳେ ସେ ସମୟର ମୂଲ୍ୟ ବୁଝିଥାଏ । ପରମାତ୍ମାଙ୍କୁ ଅନୁରୋଧ କରେ, 'ମୋତେ ଆଉ କିଛି ଦିନ ସମୟ ଦିଅ । ସମୟର ମହତ୍ତ୍ୱ ଜାଣି ମଧ୍ୟ ସେ ତାକୁ ନଷ୍ଟ କରେ । ଏହାର ମୂଳ କାରଣ ସମୟ ପରିଚାଳନା କରିବାରେ ଅସମର୍ଥତା । ସମୟକୁ ନଷ୍ଟ କରିବାର ଅଭ୍ୟାସ ହେତୁ, ଆମେ ଭୁଲିଯାଉ ଯେ ଜୀବନ ପରିଚାଳନା ପାଇଁ ସମୟ ପରିଚାଳନା ଅତ୍ୟନ୍ତ ଜରୁରୀ । ନଚେତ୍ ଆମ ଜୀବନ ବିଶୃଙ୍ଖଳିତ । ପ୍ରଭାବଶାଳୀ ସମୟର ପରିଚାଳନା, ସମୟର ଗୁରୁତ୍ୱ ଉପଯୁକ୍ତ ବୁଝାମଣା ଉପରେ ନିର୍ଭର କରେ । ସମୟ ହେଉଛି ଏକ ଭୌତିକ ରାଶି । ସମୟ ଅତିବାହିତ ହେବା ସହିତ ଘଟଣା ଘଟିଯାଏ ଏବଂ ଜଳବିନ୍ଦୁ ସ୍ଥାନାନ୍ତରିତ ହୋଇଯାଏ । ତେଣୁ ଗୋଟିଏ ବିନ୍ଦୁରୁ ଆଉ ଗୋଟିଏ ବିନ୍ଦୁ ପର୍ଯ୍ୟନ୍ତ ଗତିଶୀଳତାର ବ୍ୟବଧାନ ହିଁ ସମୟ ।

ସମୟ ହେଉଛି ଏକ ଆକସ୍ମିକ ଅବଧାରଣା । ଏହା ଆମ ଜୀବନରେ ନିରନ୍ତର ପରିବର୍ତ୍ତନର ବାସ୍ତବ ଘଟଣା । ସମୟକୁ ବୁଝିବାକୁ ହେଲେ ଆମେ ସେହି ପ୍ରକ୍ରିୟାକୁ ବୁଝିବା ଆବଶ୍ୟକ । ଯାହା ଏହି ସମୟର ପ୍ରବାହର ଭ୍ରମ ସୃଷ୍ଟି କରେ । ସମୟ ଗତିରୁ ଦୃଶ୍ୟମାନ । ଅନ୍ୟ ଗତି ସହିତ ତୁଳନା କରାଯାଏ । ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ରାତି ଓ ଦିନ, ପରିବର୍ତ୍ତିତ ପାଣିପାଗ, ଆକାଶୀୟ ପଦାର୍ଥର ଗତିବିଧି ସବୁ କ୍ରମାଗତ ପରିବର୍ତ୍ତନର ପ୍ରମାଣ । ବୟସ ବଢିବା ଏକ ପ୍ରକ୍ରିୟା । ଏହା ଆମର ଆଣବିକ ଗତିର ଏକ ପ୍ରଭାବ । ଏହି ପ୍ରକ୍ରିୟା ମଧ୍ୟ ଗତି ଓ ସମୟର ଏକ ଅଂଶ । ଆମ ସମସ୍ତଙ୍କ ପାଇଁ ସମୟ ସମାନ, କିନ୍ତୁ ଏହା ବ୍ୟକ୍ତିର ବୁଝାମଣା ଉପରେ ନିର୍ଭର କରେ । ତେଣୁ ଯେପର୍ଯ୍ୟନ୍ତ ଆମେ ବୁଝିପାରିବା ନାହିଁ ଯେ ସମୟ ଏପରି ଏକ ଅନନ୍ୟ ସମ୍ବଳ, ଯାହାର ଅନେକ ବୈଶିଷ୍ଟ୍ୟତା ଅଛି । ଆମେ ଏହାକୁ କିପରି ସଂରକ୍ଷଣ କରିପାରିବା.. ଅଭିଜ୍ଞଙ୍କ ମତରେ ଉପଯୁକ୍ତ ସମୟ ପରିଚାଳନା ଦ୍ୱାରା ସଫଳତା ମିଳିଥାଏ । ସମୟର ସଦୁପଯୋଗ ନ ହେବା ଦ୍ୱାରା ଯୋଜନାର ଅଭାବ । କାହାକୁ କାମ ନଦେବା ନିଜେ ନ କରିବା, ବିଭିନ୍ନ ପ୍ରକାରବିଘ୍ନତା ଆଣିବା, ମୂଲ୍ୟବୋଧର ଭୁଲ୍ ଧାରଣା ଯୋଗୁଁ ଈର୍ଷା, ଘୃଣା, କ୍ରୋଧ ଓ ଅହଂକାର ଭଳି ବିକୃତି ଭାବ ସୃଷ୍ଟି ହେବା କାରଣରୁ ସମୟ ନଷ୍ଟ ହୋଇଥାଏ । ଯଦି ଆମେ ଉପଯୁକ୍ତ ସମୟର ସଦୁପଯୋଗ କରିବାକୁ ଚାହୁଁଛେ, ତେବେ କବୀର ଦାସ କହିଥିଲେ - 'କାଲ କରେ ସୋ ଆଜ କର, ଆଜ କରେ ସୋ ଅବ, ପଲ ମେଁ ପରଲୟ ହୋୟେଗା, ବାହୁରୀ କରେଗା କବ.... ସମୟ ଆମ ପାଖରେ ସମୟ ବହୁତ କମ । କାଲି ଯାହା କରିବା ବୋଲି ଭାବୁଛେ, ତାହା ଆଜି କର ଏବଂ ବର୍ତ୍ତମାନ କର । କାରଣ ଆଖି ପଲକରେ ମଧ୍ୟ ପ୍ରଳୟ ହୋଇପାରେ । ତେଣୁ ଆପଣ ଆପଣଙ୍କର କାମ କେବେ କରିବେ ?

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



## ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୧୯) (ଖ)

### କେତେକଥା କେତେବ୍ୟଥା

ନଦୀକୁ ଯେକୌଣସି ମାଛଧରା ଉପକରଣ ନେଇ ଚାଲିଗଲେ ଅଳ୍ପସମୟ ଭିତରେ ମାଛଧରି ଘରକୁ ଫେରି ଆସନ୍ତି । ବନ୍ଧୁ ଚର୍ଚ୍ଚାହୁଏ, ସମ୍ମାନବି ରୁହେ । ଅନେକ ଦୂରସ୍ଥାନର ବନ୍ଧୁତ କେବଳ ନଦୀର ମଧୁର ମାଛ ଖାଇବା ଲୋଭରେ ଘଡିକିଘଡି ନଦୀପାଖ ବନ୍ଧୁଘରକୁ ଆସୁଥିଲେ । ବନ୍ଧୁଙ୍କରବି ଦୁଃଖନାହିଁ । କ୍ଷେତରେ ଧାନ, ନଦୀରେ ମୀନ , ନଦୀକୂଳ ପାଳଜମିରେ ଫଳୁଛି ପ୍ରଚୁର ପନିପରିବା ; ତିଳ, ବାଦାମ, ସୋରିସଭଳି ତୈଳବୀଜକୁ ପେଡା ଯାଇ ଘରେ ସାଇତା ହୋଇ ରହିଛି ବିଭିନ୍ନ କିସମର ଖାଣ୍ଟି ତେଲ; ଆଉ ଗାଈ କ୍ଷୀର, ଦହିକଥା ନକହିବା ଭଲ - -ତେଣୁ ଯିଏ ଆସୁ , ଯେତେବେଳେ ଆସୁ, ଆସୁଥିବା ଲୋକ ସଂକୋଚ କରିବନି କି ବନ୍ଧୁଘର ଲୋକେ ଅଡୁଆରେ ପଡିବେନି ।

ବହୁବର୍ଷ ପୁର୍ବରୁ ନଦୀକୂଳ ଲୋକମାନେ ନଦୀଭିତରେ ଜଳଧାରର ପାଖାପାଖି ଶୁଖିଲା ବାଲିରେ ଚୂଆଁ ଖୋଳି ସେଇଥିରୁ କଳସିରେ ପାଣିଆଣି ପିଉଥିଲେ । ସେ ପ୍ରଥା ବହୁ ପ୍ରାଚୀନ କାଳରୁ ପ୍ରଚଳିତଥିଲା । ଏବେ ସେଭଳି ପରିସ୍ଥିତି ଆଉ ନାହିଁ । ନଦୀର ପାଣି ପ୍ରଦୂଷିତ। ଲୋକେ ନଦୀରେ ବିଷ ପକାଇ ମାଛ ଧରୁଛନ୍ତି । ନଦୀ ନାନା ଅଳିଆ ଆବର୍ଜନାରେ ଭର୍ତ୍ତି ହେଲାଣି । ତାହା ଜୀବନ ରକ୍ଷାକାରୀ ନହୋଇ ଜୀବନ ନାଶକାରୀ ପାଲଟିଛି । ତେଣୁ,କେହି ନଦୀପାଣି ପିଉନାହାନ୍ତି । ନିଜ ଘରେ ପାଣିକଳ ବସାଇ ବା ସରକାରୀ ପାଇପ୍‌ରୁ ଆସୁଥିବା ପାଣି ପିଉଛନ୍ତି ।

( ଘ )ତରକାରୀ କଢା

ପୁର୍ବରୁ ଅନେକ ନଦୀକୂଳ ଅଧିବାସୀ ପ୍ରାୟ ପ୍ରତିଦିନ ନଦୀରୁ ଛୋଟବଡ ଅନେକ ମାଛ ଧରୁଥିଲେ । ବନ୍ଧୁବାନ୍ଧବ ହଠାତ୍ ପହଞ୍ଚିଗଲେବି ଚିନ୍ତା ନାହିଁ । ନଦୀକୁ ଯେକୌଣସି ମାଛଧରା ଉପକରଣ ନେଇ ଚାଲିଗଲେ ଅଳ୍ପସମୟ ଭିତରେ ମାଛଧରି ଘରକୁ ଫେରି ଆସନ୍ତି । ବନ୍ଧୁ ଚର୍ଚ୍ଚାହୁଏ, ସମ୍ମାନବି ରୁହେ । ଅନେକ ଦୂରସ୍ଥାନର ବନ୍ଧୁତ କେବଳ ନଦୀର ମଧୁର ମାଛ ଖାଇବା ଲୋଭରେ ଘଡିକିଘଡି ନଦୀପାଖ ବନ୍ଧୁଘରକୁ ଆସୁଥିଲେ । ବନ୍ଧୁଙ୍କରବି ଦୁଃଖନାହିଁ । କ୍ଷେତରେ ଧାନ, ନଦୀରେ ମୀନ , ନଦୀକୂଳ ପାଳଜମିରେ ଫଳୁଛି ପ୍ରଚୁର ପନିପରିବା ; ତିଳ, ବାଦାମ, ସୋରିସଭଳି ତୈଳବୀଜକୁ ପେଡା ଯାଇ ଘରେ ସାଇତା ହୋଇ ରହିଛି ବିଭିନ୍ନ କିସମର ଖାଣ୍ଟି ତେଲ; ଆଉ ଗାଈ କ୍ଷୀର, ଦହିକଥା ନକହିବା ଭଲ - -ତେଣୁ ଯିଏ ଆସୁ , ଯେତେବେଳେ ଆସୁ, ଆସୁଥିବା ଲୋକ ସଂକୋଚ କରିବନି କି ବନ୍ଧୁଘର ଲୋକେ ଅଡୁଆରେ ପଡିବେନି ।

ଆଜିକାର ପରିସ୍ଥିତି ଭିନ୍ନ ରକମର ।

( ଙ )ପକ୍କା ଘର ଇଟା ଯୋଡେଇ ପାଇଁ ଗେଙ୍ଗୁଟି ଚୂନ

ପିଲା ଦିନେ ମୁଁ ଦେଖିଛି, ଖରାଦିନେ ନଦୀଭିତରୁ ଲୋକମାନେ ବିଭିନ୍ନ କିସମର ଗେଙ୍ଗଟା (ଗେଙ୍ଗୁଟି) ସଂଗ୍ରହ କରନ୍ତି । ଘରକୁ ଆସି ବାପାଙ୍କୁ ପଚାରିଲି । ଗେଙ୍ଗୁଟିକୁ ପୋଡି ଯେଉଁ ଚୂନ ତିଆରି ହୁଏ, ତାକୁ ଘର ତିଆରି ସମୟରେ ଇଟାକୁ ଇଟା ଯୋଡିବାରେ ସିମେଣ୍ଟ ବଦଳରେ ବ୍ୟବହାର କରାଯାଏ ବୋଲି ବାପା କହିଥିଲେ । ସତକୁସତ ଆମ ଗ୍ରାମବାସୀମାନେ ଗାଆଁ ପ୍ରାଥମିକ ବିଦ୍ୟାଳୟର ଥରକୁଥର ବନ୍ୟାରେ ଭାଙ୍ଗିଯାଉଥିବା ମାଟିଘର ବଦଳରେ ପକ୍କାଘର ତିଆରି କରିବାର ସିଦ୍ଧାନ୍ତ ନେଇ ସେଇ ନଦୀରୁ ସଂଗୃହୀତ ଗେଙ୍ଗୁଟି ପୋଡି ତାର ଚୂନକୁ ସିମେଣ୍ଟ ବଦଳରେ ବ୍ୟବହାର କରିଥିଲେ । ଇଏ ଥିଲା ପ୍ରାୟ ୧୯୫୧--'୫୨ ମସିହାର କଥା ।

ପୁଣି,କେହି କେହି ଖୁଣ୍ଟ ଓ ଘରର ଚଟାଣ ତିଆରି କରିବାରେ ମଧ୍ୟ ବ୍ୟବହାର କରୁଥିଲେ । ଏବେ ଅବଶ୍ୟ ସେଭଳି କେହି କରୁନାହାନ୍ତି ।

( ଚ ) ଉର୍ବର ପଟୁମାଟି

ନଦୀକୂଳ, ନଦୀପାଳ ଓ ଯତେଦୂରଯାଏ ବନ୍ୟାଜଳ ମାଡିଯାଏ ସେଇ ସବୁ ଅଞ୍ଚଳରେ ବହୁ ଉଚ୍ଚର ପଟୁମାଟିର ସ୍ତର ଜମିଯାଏ ଯାହା ଅଧିକ ଫସଲ ଅମଳରେ ସହାୟତା କରିଥାଏ । ବର୍ଷକୁବର୍ଷ ଓ ଗୋଟିଏ ବର୍ଷ ଭିତରେ ଅନେକଥର ବନ୍ୟାରେ ଫସଲ, ଘରଦ୍ୱାର କ୍ଷତିଗ୍ରସ୍ତ ହେଉଥିଲେବି, ତାପରେ କ୍ଷେତରେ ସୁନାର ଫସଲ ଓ ପନିପରିବା ଯେତେବେଳେ ଭର୍ତ୍ତିହୋଇଯାଏ ସବୁ ଦୁଃଖ ଭୁଲି ଯାଇ ନୂତନ ଉତ୍ସାହରେ କାମରେ ଲାଗିଯାଆନ୍ତି ନଦୀକୂଳକିଆ ଲୋକମାନେ । ସେମାନଙ୍କ ଭିତରେ ଅଧିକ କର୍ମ ପ୍ରେରଣା ସୃଷ୍ଟିହୁଏ । ଢିଙ୍କିଶାଳରୁ ଘନଘନ ଧାନ କୁଟିବା ଓ ପିଠାପାଇଁ ଚାଉଳ ଚୂନାକରିବାର ଶବ୍ଦ ଶୁଭେ । ଏବେନା ଢିଙ୍କି ଅଛି ନା କୁଲା, ଚାଲୁଣି ଇତ୍ୟାଦି । ମେସିନ କୁଟା ପେକେଟ୍ ଚାଉଳ ଖାଇବା ଓ ପେକେଟରେ ମିଳୁଥିବା ମସଲା ବ୍ୟବହାର କରିବାରେ ସମସ୍ତେ ଅଭ୍ୟସ୍ତ ହୋଇଗଲେଣି । ଶରୀର ଶ୍ରମ କାହାରି ନାହିଁ । ପରିଣାମ ଯାହା ହେବାରକଥା ହେଉଛି ।

ଏବେତ ହାଟବଜାରରେ ରାସାୟନିକ ସାର ଓ ଔଷଧର ପ୍ରୟୋଗରେ ଉତ୍ପନ୍ନ ଶଙ୍କର ଜାତୀୟ ଧାନ, ପନିପରିବା ଓ ମତ୍ସ୍ୟାଦିର ସମ୍ଭାରଦେଖି କ୍ରେତା ଖୁସି ହୋଇଯାଇପାରେ, ମାତ୍ର ସେସବୁକୁ ନିରବଚ୍ଛିନ୍ନ ଭାବରେ ବ୍ୟବହାରକଲେ ନାନା ରକମରେ ଦୁଃସାଧ ରୋଗରେ ପୀଡିତ ହେବାର ସମ୍ଭାବନା ଅଧିକ, ହେଉଛି ବି ।

ସମୟ ବଦଳିଯାଉଛି ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

ଆଲୋଚନା

# ନିଃସଙ୍ଗତାର ଅପର ପାର୍ଶ୍ୱରେ ଦୁଃଖ, ଯନ୍ତ୍ରଣା ଓ ମୃତ୍ୟୁର ଗାଥା

ପତିତପାବନ ଗିରି



କ୍ଷୁଦ୍ରଗଳ୍ପ ଖୁବ୍ ବେଶୀ କବିତାଟିଏ ଭଳି ମନେହୁଏ । ଏହାର ଉପମା, ରୂପକ, ମିଥ୍, ଚିତ୍ରକଳ୍ପ ଆଦିର ଯାଦୁକାରୀ ସ୍ପର୍ଶ ଅନେକ କବିତାର ଅଙ୍ଗ ଓ ଆତ୍ମା ଗଢ଼ିଥାଏ । ଆଲବର୍ଟ କାମ୍ୟୁ କହନ୍ତି - **Story contains only the solitaryman.** ଅର୍ଥାତ୍ କ୍ଷୁଦ୍ରଗଳ୍ପ ସବୁବେଳେ ଆଧୁନିକ ମଣିଷର ବିକଳ ସ୍ଥିତିକୁ ହିଁ ଦେଖାଇ ଦେବାକୁ ଚାହେଁ । ଜରା, ଯନ୍ତ୍ରଣା ଓ ମୃତ୍ୟୁ ହିଁ ଜୀବନର ନିୟତି । ଏହାକୁ ଏଡ଼ିଯିବାର ସାଧ ମଣିଷ ହାତରେ କିଛି ନାହିଁ । ଜୀବନ ତ ଗଙ୍ଗଶିଉଳି ଫୁଲ ଭଳି କ୍ଷଣିକ, ପାଣି ଫୋଟକା ଭଳି ଅସ୍ଥିର । ମଣିଷ ମାତ୍ରେ ହିଁ ସୁନ୍ଦର ଓ ଉଦାର । ମଣିଷ ମାତ୍ରେ ହିଁ ନିଃସଙ୍ଗ ଓ ଏକ୍‌ଲାଲୋକ । ସାହିତ୍ୟ, ଚିତ୍ରକଳା ଓ ନାଟକ ବା ସିନେମାରେ ଏହି ଏକୁଟିଆ ମନର ଯନ୍ତ୍ରଣାବୋଧକୁ ବୁଝିବା ପାଇଁ ହିଁ ନାନା କଥା କୁହାଯାଏ । ବାସ୍ତବ ଜୀବନ ଜୀଇଁବାଟା ହିଁ ଶିଳ୍ପୀର ସବୁଠାରୁ ବଡ଼ ସାଧନା । କ୍ଷୁଦ୍ରଗଳ୍ପ ଭିତରେ ସବୁବେଳେ ସମୟ ଓ ଜୀବନର ସଂକ୍ଷିପ୍ତ ଅନୁଭବଟିଏ ଥାଏ । ଉଦାହରଣ ସ୍ୱରୂପ-

୧) ଦୁନିଆରେ ଏତେ ବୈଷମ୍ୟ, ଏତେ ଶ୍ରେଣୀ ସଂଘର୍ଷ, ଜୀବନରେ ଏତେ ବିଷର୍ଣ୍ଣତା, ମୁଁ ବାରମ୍ବାର ଅସ୍ଥିର ହୋଇ ପଡୁଛି । (ଦର୍ପଣ, ଦେବଦାସ ଛୋଟରାୟ)

୨) କାହାର କାହା ସହିତ ରକ୍ତର ସଂପର୍କ ନାହିଁ । ଅଥଚ ଗଭୀର ଆତ୍ମୀୟତାରେ ସେମାନେ ପରସ୍ପର ସହିତ ବାନ୍ଧି ହୋଇ ରହିଛନ୍ତି । (ଘନ କୁହୁଡ଼ିର ଖେଳ, ବୀଣାପାଣି ମହାନ୍ତି)

୩) ତୁ ନିଜେ ମେଘ, ନିଜେ ବରଷା, ଦେ ମୋତେ ଭରିଦେ, ଭରିଦେ । (ପ୍ରଣୟିନୀ, ଦେବବ୍ରତ ମଦନରାୟ)

୪) ଇଏତ ସେଇ ଆକାଶ, ଅପରାହ୍ନର ଆକାଶ । ଏଇତ ସେଇ ପବନ, କେତେ ସୁଲୁସୁଲୁ ଦକ୍ଷିଣ ପବନ । ଇଏତ ସେଇ ନଦୀ, ପରିଚିତ ନଦୀ । ଅଥଚ ସେ ରହୁଥିବା ସହରଟା ଚାହୁଁ ଚାହୁଁ କେତେ ବିସ୍ତାରିତ ହୋଇ ଗଲାଣି ନିଜେ ଜଣେ ପୁରୁଣା ଅଧିବାସୀ ହୋଇ ମଧ୍ୟ କିଛି ଜାଣି ପାରୁନାହିଁ । (କ୍ଳେଦିତ ଅନୁରକ୍ତି, ନାରୁ ମହାନ୍ତି)

୫) ଲାଗେ ଶତାବ୍ଦୀର ବିସ୍ମୃତି ଭିତରୁ ଯେମିତି ମୁକ୍ତି ଖୋଜୁଛି, ଅଶ୍ରୁତ କୋମଳ ସ୍ୱରଟିଏ, ଚିରନ୍ତନ ପ୍ରେମକୁ ଆଧାର କରି ଯେଉଁ ସଙ୍ଗୀତ, ସେଇ ସଙ୍ଗୀତର ସ୍ୱର । (ତାଜମହଲ, ତରୁଣକାନ୍ତି ମିଶ୍ର)

୬) ମଣିଷ କେତେ ଅସହାୟ ଓ ଭୀରୁ ତାହା ଅନ୍ଧକାର ହିଁ ପ୍ରମାଣିତ କରିଦିଏ । (ତ୍ରିଶଙ୍କୁ, ରାମଚନ୍ଦ୍ର ବେହେରା)

୬) ଅପେକ୍ଷା ହିଁ ତ ଜୀବନ । (ପରାଙ୍ଗପୁଷ୍ଟ, ପଦ୍ମଜ ପାଳ)

୭) ସମୟ କଣ କେଉଁ ଘୂରିଲା ନଈର ବହିଯାଉଥିବା ପାଣି ! ନଈ ଥାଏ, ଥରେ ବହି ଯାଇଥିବା ପାଣି ଆଉ ସେଠାରେ ନଥାଏ । (ଝାଉଁବଣର ବାଘ, ପ୍ରଭାତ ମହାପାତ୍ର)

୮) କେତେ ନାଟ ଲଗଉଚ, ଲଗାମ । (ମାୟାବୀ ମାଧବ, ଜୟନ୍ତୀ ରଥ)

୯) ହଁ, ଏହି ଯନ୍ତାରୁ ମୁକୁଳି ଯିବାଟା ହିଁ ଜୀବନ । (ନିଜର ଠିକଣା ଖୋଜୁଥିବା ଲୋକ, ଜଗନ୍ନାଥ ପାତ୍ର)

୧୦) ଅଭାବୀ ସଂସାରକୁ କାହ୍ନୁର ଅଗସ୍ତି-କ୍ଷୁଧା, ସବୁବେଳେ ଖାଇବି ଖାଇବି ହୁଏ । (କାହ୍ନୁର ଘର, ଗୌରହରି ଦାସ)

୧୧) ଜାଣ ମଉସା, ମୋ ବାପା ନା ଆଉ ଗୋଟେ ମାଆ ଆଣି ରଖିଛନ୍ତି । (ଝିଅ, ନିବାରଣ ଜେନା)

୧୨) ପ୍ଲିଜ୍ ଭୃଗୁ, ଡୋଣ୍ଟ ବିହେବ ଲାଇକ୍ ଦ୍ୟାଟ୍! (ରେବତୀ, ବବି ପଣ୍ଡା)

୧୩) ଏ ଶଳା ମଣିଷ ଗୁଡ଼ା ରାତ୍ରି ହେବା ମାତ୍ରେ ଏମିତି ଶୋଇ ପଡ଼ନ୍ତି କାହିଁକି ? (ବାଘ, ଅଜୟ ସ୍ୱାଇଁ)

୧୪) ନିଜର ଆଦର୍ଶବାଦୀ ଆଢୁଆଳରେ ମଣିଷ ଅନେକ ଜଘନ୍ୟ ପାପ ଓ ଘୃଣ୍ୟକର୍ମ କରିଥାଏ । (ଇଚ୍ଛା, ଦୀପ୍ତି ରଞ୍ଜନ ପଟ୍ଟନାୟକ)

୧୫) ଅନ୍ୟର ରୋଜଗାର ଟଙ୍କାକୁ ଗେଫିବା ପାଇଁ ଏ ଅଳସୁଆ ଲୋକର ସବୁ ଫିକର ! (ଆକୃତି, ଭୀମ ପୃଷ୍ଟି)

୧୬) ମଣିଷ ଭିତରେ ମଣିଷ ନାହିଁ । ବାହାରେ ଗୋଟିଏ ମଣିଷ । ଭିତରେ ଆଉ ଗୋଟିଏ ମଣିଷ । (ବିଶ୍ୱାସ ବାହାରେ ମଣିଷ, ବିଜୟାନନ୍ଦ ସିଂହ)

୧୭) ପାଉଁଶିଆ ଆକାଶରେ ରଙ୍ଗ ଧରି ଆସୁଛି । ଆଉ ଟିକକ ପରେ ସକାଳ ହେବ । (ପକ୍ଷାନ୍ତର, ସୁସ୍ମିତା ବାଗ୍‌ଚୀ)

୧୮) ଆମ ଜୀବନଟା ଏମିତି ଗୋଟିଏ ବ୍ୟାଗ୍ ନୁହେଁ କି ? ଧୀରେ ଧୀରେ ମଇଳା ହୋଇ ରଙ୍ଗ ଛାଡ଼ି ଫିକା ପଡ଼ିଯାଏ । ବ୍ୟବହାର ହୋଇ ହୋଇ ପୁରୁଣା ହୁଏ । ସିଲେଇ ସବୁ ଖୋଲିଯାଏ । (ନାଲିବ୍ୟାଗ୍, ରଶ୍ମୀ ରାଉଳ)

୧୯) ଜୀବନକୁ ସଜାଡ଼ିବା ଏକ କଳା । (ହୃଦୟ, କବିତା ବାରିକ)

୨୦) ଦମକାଏ ଶୀତଳ ପବନ ଦିହ ଉଲୁସାଇ ଦିଏ, ମାଆର କାନି ପଣତ ପରି । (ନୂଆ ମାଆ, ସ୍ନେହ ମିଶ୍ର)

୨୧) ଯେଉଁ ସ୍ନେହ ମମତାର ଡୋରିରେ ମଣିଷ ଏ ପୃଥିବୀର ସବୁ ଦୁଃଖ ସହେ, ନିଜ ରକ୍ତକୁ ପାଣି କରିଦିଏ, ସେଥିରେ ପ୍ରତାରିତ ହେଲେ ଜୀବନର ମାନେ କଣ ? (ଅଜଗର, ଶ୍ରୀକାନ୍ତ ଦାସ)

୨୨) କିନ୍ତୁ ଦୁର୍ଭାଗ୍ୟକୁ କିଏ କଣ ଦୂରେଇ ପାରେ ? ହୋମ-ଯଜ୍ଞ, ପୂଜାପାଠ, ବ୍ରତ-ଫ୍ରତରେ କଣ ନିଜ କପାଳର ଲେଖାକୁ ମିଟେଇ ଦେଇ ହୁଏ ? । (ଭାଗ୍ୟବାନ, ଦେବେନ୍ଦ୍ର ଲାଲ୍)

୨୩) ମନୋଜର ମୁହଁରେ ଦୁଃଖର ଗୋଟାଏ ଆସ୍ତରଣ । (ପରେ କହିବ, ପ୍ରତାପ ବିଶ୍ୱାଳ)

୨୪) ଅମ୍ବରୀଶ ମହାପାତ୍ର ଡେଣା କଅଁଳି ନଥିବା ନିର୍ମୋକ ଚଢ଼େଇ ଛୁଆଟି ଭଳି କାକିଜୁକି ହୋଇ କୁଳୁକୁଳୁ ଚାହିଁ ବସିଛି ଅନାଗତ ଭବିଷ୍ୟତ ଅପେକ୍ଷାରେ । (ଡେଣା, ଲାବଣ୍ୟ ଚନ୍ଦ୍ର ସାହୁ)

୨୫) ପରିବର୍ତ୍ତିତ ସମୟର ପାଦଶବ୍ଦକୁ ସ୍ୱୀକାର କରିନେବା ବୋଧହୁଏ ବିଜ୍ଞତା । (ପ୍ରତିଧ୍ୱନି, ମନମୋହନ ମିଶ୍ର)

ପ୍ରତିଟି ମଣିଷର ଆତ୍ମା ଓ ଅନ୍ତର ମାତ୍ରେ ହିଁ ସୃଜନଶୀଳ । ଜଣେ ମହତ୍ତର ଶିଳ୍ପୀ ସବୁବେଳେ ଜୀବନ ଓ ଜଗତକୁ ଅନୁଶୀଳନ କରିଥାଏ । କଳା ହିଁ ମଣିଷର ଜୀବନାନୁଭବକୁ ପ୍ରସାରିତ ଓ ବିକଶିତ କରାଏ ।

ସତ୍ୟ ଏବଂ ସୁନ୍ଦରକୁ ପ୍ରକଟନ କରିବା ହିଁ କଳାର ଧର୍ମ । ଡନ୍ ଲେଭୀ କହନ୍ତି **story is not exactly life, but the shadows of the life.**

ମଣିଷ ନିଜର ଅସହାୟତା ସଂପର୍କରେ ଆଦୌ ସଚେତନ ନଥାଏ । ମହାକାଳର ସେଇ ସର୍ବଗ୍ରାସୀ କ୍ଷୁଧା କିପରି ମଣିଷର ଯାବତୀୟ ଦମ୍ଭିଲା ପଣକୁ ଛେଉଣ୍ଡ କରିଦିଏ, ତାର ସୁନ୍ଦର ଅଭିବ୍ୟକ୍ତି ଆମ ଗଳ୍ପ-ସାହିତ୍ୟରେ ଅଛି । ନିଃସଙ୍ଗତା, ଦୁଃଖ, ଯନ୍ତ୍ରଣା ଭୋଗୁଥିବା ମଣିଷ ପାଇଁ ମୃତ୍ୟୁ ହିଁ ଆତ୍ମୀୟତାର ଦୟାର୍ଦ୍ର ରୂପ । ରବର୍ଟ ବର୍ଣ୍ଣ କରନ୍ତି- **O, death! the poor man's dearest friend, the kindest and best its.**

ଆଜିର ମଣିଷ ଯେଉଁମାନେ ମନୋଜ, ଦେବଦାସ, ତରୁଣକାନ୍ତିଙ୍କ ଭଳି ସଂଶୟର ଦୋଳିରେ ଦୋଳାୟମାନ, ସେମାନେ ଜୀବନର ଧୂସର ରୂପଟିକୁ ହିଁ ଦେଖିଛନ୍ତି କେବଳ, ଜୀବନର ସଫଳତାକୁ ମାପିଛନ୍ତି ଅର୍ଥର ମାନଦଣ୍ଡରେ । କିନ୍ତୁ ଅପରଗୋଷ୍ଠୀ ଗୋଟିଏ ଆଶା, ଗୋଟିଏ ବିଶ୍ୱାସକୁ ଭରସା କରି ଜୀବନର ଯେଉଁ ବର୍ଣ୍ଣାଢ଼୍ୟ ଦିଗ୍‌ବଳୟକୁ ସ୍ପର୍ଶ କରି ପାରିଛନ୍ତି ତା' ଭିତରେ ସ୍ୱଦେଶ, ସଂସ୍କୃତି, ପରମ୍ପରା ଓ ମୂଲ୍ୟବୋଧର ଗୋଟିଏ ଦୂରନ୍ତ ସମାନ୍ତରାଳ ବ୍ୟବଧାନ ରହିଛି । ଆମ ଯୁବ ଲେଖକ ତଥା ଯୁବ-ଗାଳ୍ପିକଙ୍କ ସାହିତ୍ୟର କଳାତ୍ମକ ରୂପ ଖୁବ୍ ପ୍ରଶଂସନୀୟ । ଜୀବନଠୁ ମୃତ୍ୟୁ ପର୍ଯ୍ୟନ୍ତ - ପୁଣି ମୃତ୍ୟୁରୁ ଅନନ୍ତ ମହାକାଳକୁ ପ୍ରଲମ୍ବିତ ଆମ କଥା-ସାହିତ୍ୟର ଦିଗ୍‌ବଳୟ । ସୋରେନ୍ କିରକେଗାର୍ଡ କହନ୍ତି - **I am struggling in vain, I am losing the ground under my fest, my life will, after all, have been a poet's and no more.**

ଅସଲ କବିତ୍ୱ ଅଛି ଆସକ୍ତ ହେବାରେ, ଜୀବନର ନିବିଡ଼ ଅନୁଭୂତିକୁ ନିଜ ଭିତରେ ଅନୁଭବ କରିବାରେ । ଏହି ଅନୁଭବରେ ହିଁ ଜୀବନ ସଂଚାଳିତ ହୁଏ, ନୂତନ ଫର୍ମ ଓ ଶୈଳୀରେ ଗଳ୍ପ, କବିତା ଆଦି ଲେଖି ହୁଏ । ମାର୍କସ କହନ୍ତି, ସମାଜ ବ୍ୟବସ୍ଥାର ଢ଼ାଞ୍ଚା ଅନୁସାରେ ସାମାଜିକ, ରାଜନୀତିକ, ଆଧାତ୍ମିକ ତଥା ବୌଦ୍ଧିକ ଜୀବନର ଢ଼ାଞ୍ଚା ଗଢ଼ି ଉଠିଥାଏ । ସାମାଜିକ ଅସ୍ତିତ୍ୱ ହିଁ ଚେତନାକୁ ନିୟନ୍ତ୍ରିତ କରେ । **It is not the consciousness of man that determines their being. But on the contrary, their social being that determing their consciousness.** ମଣିଷକୁ କେବଳ ତା'ର ସୃଜନଶୀଳ ଇଚ୍ଛା, ରୁଚି ଓ ଆଦର୍ଶରେ ହିଁ ଚିହ୍ନି ହୁଏ । ଶୃଙ୍ଗାର ମଣିଷର ସକଳ ଅନୁଭବକୁ ଗଭୀର ଓ ମାର୍ମିକ କରେ । ଗୋଟେ କଳାପ୍ରାଣ ମଣିଷ ସମଗ୍ର ମଣିଷ ଜାତିକୁ ମହତ୍ତରରର ଜୀବନ ଭୋଗ କରିବା ପାଇଁ ପ୍ରେରଣା ଦିଏ ।

♥ କରଞ୍ଜିଆ, ମୟୂରଭଂଜ
ମୋ: ୭୬୦୬୯୯୫୬୯୯

ଅନୁବାଦ ଗଳ୍ପ

# ଆମେ ନାଚାର

ମୂଳହିନ୍ଦୀ–
ସନ୍ତୋଷ ସୁପେକାର

ଅନୁସୃଜନ–
ବିନୟ କୁମାର ଦାସ

ଭୋର ସାଢେ ପାଁଟାରେ ସୋସାଇଟିର ସବୁ ବୟସ୍କ ଲୋକ ମର୍ଣ୍ଣିଂ ୱାକ୍ ପାଇଁ ଏକଜୁଟ୍ ହୋଇ ଯାଆନ୍ତି । ସାଂଗରେ ଚାଲିଲେ ସମୟ ଜଣା ପଡେନି.....ରାସ୍ତାରେ କେତେ କଥା ପଡେ....ଢିଙ୍କିଶାଳ ରୁ ଢେଙ୍କାନାଳ ଯାଏ । ହେଲେ ଏଇ ନୂଆ ହୋଇ ଆସିଥିବା ବିନାୟକ ବାବୁ ବିଳମ୍ବରେ ପହଂଚୁଛନ୍ତି । ସମସ୍ତେ ଅପେକ୍ଷା କରି କରି ବୋର୍ ହୋଇଯାଉଛନ୍ତି ।

'କଣ ଆପଣ ସବୁଦିନ ଏମିତି ସାଢେ ସାତରେ ପହଂଚିବେ ନା....? ଭାଇ....ଆମେ ନିତି ନିତି ଅପେକ୍ଷା କରି ବୋର୍ ହୋଇଗଲୁଣି । ଏତେ ନିଦ କଣ ମ? ବୟସ ହେଲାଣି ... ନିଦ ଆସୁଛି କେମିତି ?'

ଏତକ ଶୁଣି କେମିତି ଏକ ବିକଳ ସ୍ୱର ରେ ବିନାୟକବାବୁ କହିଲେ..' ଆପଣମାନେ ଭାବୁଛନ୍ତି ମୁଁ ଶୋଇଯାଉଛି ବୋଲି ? ନା.ନା..ଯଦି ଏମିତି ଭାବୁଥିବେ ତେବେ ତାହା ଭୁଲ । ମୁଁ ନାଚାର ....'

' କଣ ପାଇଁ ନାଚାର....? ଆମକୁ ବି ଜଣାନ୍ତୁ ।'

'ଆମ ଫ୍ଲାଟ୍‌ରେ ମାନେ ଆମ ରୁମ୍ ରେ ମାତ୍ର ଦୁଇଟା ବାଥ୍ ରୁମ...। ପୁଅ ବୋହୂ ଚାକିରିଆ । ସେମାନେ ଠିକ୍ ସମୟରେ ଅଫିସ ପହଂଚିବେ....ରନ୍ଧା କାମ ବି ହେବ । ତେଣୁ ସେ ଦୁହେଁ ପ୍ରଥମେ ବାଥରୁମ ରେ ପଶନ୍ତି । ଆମେ ସ୍ୱାମୀସ୍ତ୍ରୀ ଇଚ୍ଛା କରି ବି ଯାଇପାରୁନା । ବାସ୍...ସାତ ରେ ବାଥରୁମ ମିଳିଯାଏ । ତାପରେ ସବୁ କାମ ସାରି ଆମେ ଦୁହେଁ ପଶୁ ବାଥରୁମ ରେ । ବିଳମ୍ବ ହେବା ସ୍ୱାଭାବିକ ।

ଅଯଥାରେ ଆମେ ବିଛଣାରେ ଗଡପଡ ହେଉ... ଛଟପଟ ହେଉ....ଆମେ ନାଚାର....ଆମର ଏ ବିବଶତା କାହାକୁ ତ ଘରେ କହି ହେବନି ।'

♥ ଅନାମିକା ନୀଡ, ବାଲେଶ୍ୱର-୧

# ମଥାନୀ ପଞ୍ଚାୟତରେ ଭତ୍ତା ଟଙ୍କା ବଣ୍ଟନକୁ ନେଇ ଉତ୍ତେଜନା: ପିଇଓଙ୍କ ଅନୁପସ୍ଥିତିରେ ପିଅନ ବାଣ୍ଟିଲେ ଟଙ୍କା



ବସ୍ତା, ୨୩/୩ (ନି.ପ୍ର): ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ରେ ପଞ୍ଚାୟତିରାଜ ବ୍ୟବସ୍ଥା ରେ ସରକାର ରାଜ୍ୟ ରେ ଥିବା ବୃଦ୍ଧବୃଦ୍ଧା ମାନଙ୍କୁ ପ୍ରତିମାସ ନିର୍ଦ୍ଦିଷ୍ଟ ତାରିଖରେ ଭତା ବଣ୍ଟନ କରିଥାନ୍ତି। ଚଳିତ ମାସ ୨୦ ତାରିଖ ରେ ସମସ୍ତ ସ୍ଥାନରେ ଭତା ବଣ୍ଟନ କରାଯାଇଥିଲେ ମଧ ବସ୍ତା ବ୍ଲକ୍ ମଥାନୀ ପଞ୍ଚାୟତ ରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପଞ୍ଚାୟତ ପିଇଓ ଦାୟିତ୍ୱ ରେ ଥିବା ହରିଶଙ୍କର ଧଳ ୨୦ ତାରିଖ ରେ ଭତା ଟଙ୍କା ବଣ୍ଟନ କରାଯିବ ବୋଲି ପ୍ରଚାର କରିଥିଲେ, ସକାଳ ଠାରୁ ପଞ୍ଚାୟତ ର ବୃଦ୍ଧ ବୃଦ୍ଧା ମାନେ ପଞ୍ଚାୟତ ଅଫିସ୍ ରେ ଅପେକ୍ଷା କରିଥିଲେ ମଧ ପିଇଓ ମହୋଦୟ ନିଜର ବ୍ୟକ୍ତିଗତ କାର୍ଯ୍ୟ ଥିବାରୁ ଆସିନଥିଲେ। ବୃଦ୍ଧ ବୃଦ୍ଧା ମାନେ ଉଦୁ ଉଦିଆ ଖରାରେ ନିରାଶ ହୋଇ ଫେରିଥିଲେ। ତେବେ ୨୧ ତାରିଖ ଦିନ ସକାଳ ଠାରୁ ଶ୍ରୀ ଧଳ ପଞ୍ଚାୟତ ରେ ଭତା ବଣ୍ଟନ କରିଥିବା ବେଳେ ଦିନ ଗୋଟାଏ ସମୟରେ ନିଜର ଜରୁରୀ କାର୍ଯ୍ୟ ପାଇଁ ଭତା ଦେବା ଅଧାରୁ ବନ୍ଦ କରି ପଳାଇ ଯାଇଥିଲେ। ପୁଣି ୨୨ ତାରିଖ ରେ ଲୋକେ ପଞ୍ଚାୟତ ସମ୍ମୁଖରେ ରୁଣ୍ଡ ହୋଇ ଥିଲେ ମଧ ବିଲରେ ସାର ପକାଯାଉଛି ଯାଇହେବ ନାହିଁ କହିବା ପରେ ଲୋକମାନେ ଉଦୁଉଦିଆ ଖରାରେ ଘରକୁ ଫେରିଥିଲେ। ଆଜି ସକାଳ ସମୟରେ ପିଇଓ ଶ୍ରୀ ଧଳ ଅନ୍ୟତ୍ର ପଞ୍ଚାୟତ ରେ ମିଟିଂ ଅଛି କହି ପଞ୍ଚାୟତ ର ପିଅନ କୁ ଏକ ଲକ୍ଷ ସତୁରୀ ହଜାର ଟଙ୍କା ଦେଇ ପଳାଇ ଯାଇଥିବା ବେଳେ ପିଅନ ଜଗବନ୍ଧୁ ବୋର୍ ଭତା ବଣ୍ଟନ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ପିଅନ ଜଣକ ଭତା ଖାତାରେ ଥିବା ନାମ କୁ ପଢିପାରୁ ନଥିବା ରୁ ଠିକ ଭାବେ ବଣ୍ଟନ କାର୍ଯ୍ୟ ହୋଇପାରି ନଥିଲା ବେଳେ ସରକାରୀ ଦସ୍ତାବିଜ ରେ ସ୍ୱାକ୍ଷର କରୁଥିବା ନଜର ଆସିଛି ।ଦୀର୍ଘ ସମୟ ଅପେକ୍ଷା କରିବା ପରେ ଲୋକ ମାନଙ୍କ ମଧ୍ୟରେ ଉତେଜନା ସୃଷ୍ଟି ହୋଇଥିଲା। ତେବେ ଅପରାହ୍ନରେ ଫୋନ ଯୋଗେ ବସ୍ତା ବିଡ଼ିଓ ମୋହିନୀ ନାୟକ ଆସନ୍ତା କାଲି ଦିନ ନଅ ଟା ସମୟରେ ଭତା ବଣ୍ଟନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବୃଦ୍ଧ ବୃଦ୍ଧା ମାନେ ଫେରିଥିଲେ। ପ୍ରକାଶ ଥାଉକି ମଥାନୀ ପଞ୍ଚାୟତ ରେ କିଛି ଲୋକ ଙ୍କ ର ୨୦୨୩ ଅଗଷ୍ଟ ମାସରୁ ଭତା ହୋଇଥିଲେ ମଧ ଏପର୍ଯ୍ୟନ୍ତ ଭତା କାର୍ଡ କିମ୍ବା ଟଙ୍କା ପାଇପାରୁ ନାହାନ୍ତି। ସେମାନଙ୍କ ର ଭତା ଟଙ୍କା କୁ ସରକାରୀ ଅଧିକାରୀମାନେ ଚଞ୍ଚକତା କରି ଟିପ ଦେଇ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏଥିସହିତ ପିଇଓ ଶ୍ରୀ ଧଳ ନୂତନ ଭାବରେ ହୋଇଥିବା ସତୁରି ରୁ ଉର୍ଦ୍ଧ୍ୱ କାର୍ଡ ନିଜ ପାଖରେ ରଖିଥିବା ବେଳେ ଲୋକ ମାନଙ୍କୁ ଭତା ହୋଇନଥିବା କହିଆସୁଛନ୍ତି, ଯାହାକୁ ନେଇ ସନ୍ଦେହ ଘେରରେ ରହିଛି ବ୍ଲକ ପ୍ରଶାସନ। ତେବେ ପିଇଓ ଙ୍କ ର ମନମୁଖୀ କାର୍ଯ୍ୟ ସହିତ ବ୍ଲକ ପ୍ରଶାସନ ର ଦାୟିତ୍ୱହୀନତା କୁ ନେଇ ଚର୍ଚ୍ଚା ଜୋର ଧରିଛି।

# ସାଧାରଣ ନିର୍ବାଚନ ୨୦୨୪: ଜିଲ୍ଲାରେ ମତଦାନ ସମୟ ସମ୍ବନ୍ଧୀୟ ରାଜନୈତିକ ଦଳଗୁଡ଼ିକ ସହିତ ଜିଲ୍ଲାପାଳଙ୍କ ବୈଠକ



ବାରିପଦା, ୨୩/୩ (ନି.ପ୍ର): ଆଜି ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ (ଭା.ପ୍ର.ସେ.) କାର୍ଯ୍ୟାଳୟ କକ୍ଷ ଠାରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ସହିତ ଏକ ବୈଠକ କରିଛନ୍ତି। ଏହି ବୈଠକରେ ଜିଲ୍ଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହି ପରିପ୍ରେକ୍ଷୀରେ ଜିଲ୍ଲାରେ ସକାଳ ୭ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ମତଦାନ ଚାଲିବ ବୋଲି ଜିଲ୍ଲାପାଳ ଶ୍ରୀ ସିନ୍ଧେ କହିଥିଲେ। ଆଦର୍ଶ ଆଚରଣ ସଂହିତା ଲାଗୁ ହେଇଥିବା ବେଳେ ଏହାକୁ କଡାକଡି ପାଳନ କରିବା ପାଇଁ ଜିଲ୍ଲାପାଳ ରାଜନୈତିକ ଦଳ ଗୁଡିକର ପ୍ରତିନିଧି ମାନଙ୍କୁ ଅନୁରୋଧ କରିଥିଲେ । ଯେଉଁ ଯେଉଁ ସ୍ଥାନରେ ପୋଷ୍ଟର ଏବଂ ବ୍ୟାନରରେ କଳା ରଙ୍ଗ ଲାଗ ଯାଇଛି ସେ ସବୁକୁ ଧଳା ରଙ୍ଗ ଲଗାଇବାକୁ ମଧ ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାରେ ସମ୍ପୂର୍ଣ୍ଣ କରିବା ପାଇଁ ପୋଲିସ ବଳ ସୁରକ୍ଷା ପାଇଁ ଆରକ୍ଷୀ ଅଧିକ୍ଷିକାଙ୍କୁ ମଧ ଅବଗତ କରାଇଥିଲେ । ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ଏହାବ୍ୟତୀତ, ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ବାଚନ ପ୍ରକ୍ରିୟାରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆହ୍ୱାନର ମୁକାବିଲା କରିବା ଲାଗି ଗଠନମୂଳକ ଆଲୋଚନା, ବିଚାରର ଆଦାନ ପ୍ରଦାନ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ମତଦାନ ବୁଥ ମାନଙ୍କରେ ମହିଳା କର୍ମଚାରୀଙ୍କ ପାଇଁ ଉତ୍ତମ ବ୍ୟବସ୍ଥା ଏବଂ ସମସ୍ତ କର୍ମଚାରୀ ଏବଂ ମତଦାନ କାର୍ଯ୍ୟରେ ସହଯୋଗ କରୁଥିବା ବ୍ୟକ୍ତି ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ମଧ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ। ଉକ୍ତ ବୈଠକରେ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳ ଗୁଡିକର ପ୍ରତିନିଧିଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଓ.ପ୍ର.ସେ., ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଓ.ପ୍ର.ସେ., ବାରିପଦା ଉପଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାୟକ, ଓ.ପ୍ର.ସେ., ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି, ଡେପୁଟି କଲେକ୍ଟର ଇଲେକ୍ସନ ଶ୍ରୀ ଦୁର୍ଗା ଚରଣ ମୁର୍ମୁ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ବନବିଭାଗ ଓ ପୋଲିସର ରାତିଅଧିଆ ଚଢ଼ାଉ: ଗୋଟିଏ ବନ୍ଧୁକ ସହ ଦୁଇ ଶିକାରୀ ଗିରଫ




ନୀଳଗିରି , ୨୩/୩ (ନି.ପ୍ର): ବନକର୍ମଚାରୀ ଶିକାରୀ ଗୁଳିରେ ଆହତ ହେବା ପରେ ତତ୍ପର ହୋଇ ଉଠିଛି ବନ ବିଭାଗ। ଗତ ପାଞ୍ଚଦିନ ମଧ୍ୟରେ ଆଠଜଣ ଶିକାରୀ ଗିରଫ ହୋଇଥିବା ବେଳେ ଶୁକ୍ରବାର ରାତ୍ରିରେ ବନବିଭାଗ ଓ ପୋଲିସର ମିଳିତ ଚଢ଼ାଉରେ ଆଉ ଦୁଇଜଣ ଶିକାରୀ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ ଜବତ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ କେସିପୁର ପଞ୍ଚାୟତ କେଳାମରା ନିକଟ ତଳ ଅଶୋକନାଳ ଗାଁ ର ବାବାଜୀ ମଢେଇ(୪୫) ଓ କଇମହୁଡ଼ି ଗାଁର ବାବୁରାମ ଟୁଡୁ(୩୯) ନାମକ ଦୁଇ ଶିକାରୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ ଜବତ କରାଯାଇଛି। ବନ୍ଧୁକ ଜବତ ଘଟଣାରେ ବରହମପୁର ଥାନାରେ ୫୫/୨୪ଏକ ମାମଲା ରୁଜୁ ହୋଇଥିବା ବେଳେ ହରିଣ ଶିଙ୍ଗ ଓ ଛାଲ ରଖିଥିବା ଅଭିଯୋଗରେ କୁଳଡିହା ବନବିଭାଗ ୩୦କେ/୨୪ରେ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବାରାପାଳରେ ରାଧାକୃଷ୍ଣଙ୍କ ବାର୍ଷିକ ପୁଜୋତ୍ସବ



ରୂପସା, ୨୩/୩ (ନି.ପ୍ର): ବସ୍ତା ବ୍ଲକ ରାଉତପଡା ପଞ୍ଚାୟତ ଅନ୍ତର୍ଗତ ଉପର ବାରାପାଳ ଗ୍ରାମରେ ୪ ଦିନ ବ୍ୟାପୀ ଅନୁଷ୍ଠିତ ରାଧାକୃଷ୍ଣଙ୍କ ବାର୍ଷିକ ପୁଜୋତ୍ସବ ଏବଂ ହରିବଂଶ ପଠନ ଉଦଯାପିତ ହୋଇଯାଇଛି । ପ୍ରଥମ ଦିବସରେ ଗ୍ରାମବାସୀ ଏକ ବିଶାଳ ଶୋଭାଯାତ୍ରାରେ ଘଟୋତ୍ତଳନ କରାଯାଇଥିଲା । ମଣ୍ଡପରେ ଅଧିବାସ ପୂର୍ବକ ପ୍ରାରମ୍ଭରେ ଗ୍ରାମଦେବତୀ ମା'ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଯଥା ରୀତି ପୂଜାର୍ଚ୍ଚନା କରାଯାଇଥିଲା । ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶଙ୍କ ପୌରାହିତ୍ୟରେ ୪ଦିନ ରାଧାକୃଷ୍ଣଙ୍କ ଠାରେ ବିଧି ମୁତାବକ ପୂଜାପାଠ ସହ ହରିବଂଶ ପଠନ କରାଯାଇଥିଲା । ପ୍ରତିଦିନ ପ୍ରଭୁଙ୍କ ଠାରେ ଭୋଗ, ନୈବେଦ୍ୟ ଅର୍ପଣ ପୂର୍ବକ ସନ୍ଧ୍ୟା ଆରତୀ ସହ ଭଜନ, ସଂକୀର୍ତ୍ତନ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶୁକ୍ରବାର ରାତିରେ ପୂର୍ଣ୍ଣାହୁତି ପ୍ରଦାନ ପୂର୍ବକ ବିସର୍ଜନ ଦିଆଯାଇଥିଲା । ଗ୍ରାମ୍ୟକମିଟି କର୍ମକର୍ତ୍ତା ଲକ୍ଷ୍ମୀଧର ପତି,ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଧନଞ୍ଜୟ ତ୍ରିପାଠୀ,ପ୍ରଫୁଲ୍ଲ ନାୟକ, ରାମଚନ୍ଦ୍ର ଯେନା, ମନୋଜ ପାଣିଗ୍ରାହୀ,ଅମୀୟ ମହାନ୍ତି ଙ୍କ ସମେତ ସମସ୍ତ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ମହୁଆଙ୍କ ଘରେ ପଶିଲା ସିବିଆଇ

ନୂଆଦିଲ୍ଲୀ, ୨୩/୩ : ତୃଣମୂଳ କଂଗ୍ରେସର ପୂର୍ବତନ ସାଂସଦ ମହୁଆ ମୋଇତ୍ରାଙ୍କ ଘରେ ପଶିଲା ସିବିଆଇ। ଲାଞ୍ଚ ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲା ସିବିଆଇ ତାଙ୍କ ଘରେ ଆଜି ଚଢ଼ାଉ କରିଛି। ମହୁଆଙ୍କ କୋଲକାତା ସ୍ଥିତ ଘର ସମେତ ଅନେକ ଠିକଣା ଉପରେ ଏକକାଳୀନ ରେଡ୍ କରିଛି ସିବିଆଇ। ଦୁର୍ନୀତି ନିବାରଣ ସଂସ୍ଥା ଲୋକପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ସିବିଆଇ ଗୁରୁବାର ଦିନ ଟିଏମସି ନେତ୍ରୀ ମହୁଆ ମୋଇତ୍ରାଙ୍କ ବିରୋଧରେ ଏଫଆଇଆର ରୁଜୁ କରିଥିଲା। ଏହାପରେ ଆଜି ତାଙ୍କର ଘର ସମେତ ଅନେକ ଠିକଣା ଉପରେ ରେଡ୍ କରିଛି। ବଜେପି ସାଂସଦ ନୀଶିକାନ୍ତ ଦୁବେ ମହୁଆଙ୍କ ବିରୋଧରେ ସଂସଦରେ ଲାଞ୍ଚ ନେଇ ପ୍ରଶ୍ନ ପଚାରିବା ଅଭିଯୋଗ ଆଣିଥିଲେ। ଏହାପରେ ସିବିଆଇ ଏହାର ଯାଞ୍ଚ କରିଥିଲା। ଯାଞ୍ଚରୁ ମିଳିଥିବା ତଥ୍ୟ ପରେ ଲୋକପାଳ ଏଜେନ୍ସି ଦ୍ୱାରା ସିବିଆଇକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମହୁଆଙ୍କ ବିରୋଧରେ ଆସିଥିବା ଅଭିଯୋଗର ସମସ୍ତ ଦିଗ ଯାଞ୍ଚ କରିବା ପରେ ୬ ମାସ ମଧ୍ୟରେ ଏହି ମାମଲାରେ ସବିଶେଷ ତଥ୍ୟ ଦାଖଲ କରିବାକୁ ଲୋକପାଲ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। କହିରଖୁ, ଅନୈତିକ ଆଚାରଣ ପାଇଁ ଗତ ବର୍ଷ ଡିସେମ୍ବରରେ ଲୋକସଭାରୁ ମହୁଆ ମୋଇତ୍ରାଙ୍କୁ ବହିଷ୍କାର କରାଯାଇଥିଲା। ପୂର୍ବତନ ସାଂସଦ ସୁପ୍ରିମକୋର୍ଟରେ ତାଙ୍କୁ ବହିଷ୍କାରକୁ ଚ୍ୟାଲେଞ୍ଜ କରିଛନ୍ତି। ଏଥର ସାଧାରଣ ନିର୍ବାଚନରେ ପଶ୍ଚିମବଙ୍ଗର କୃଷ୍ଣନଗର ଲୋକସଭା ଆସନରୁ ଟିଏମସି ପ୍ରାର୍ଥୀ କରିଛି।

# ଗଣ୍ଡଗୋଳ ଘଟଣାର ରାୟ ପ୍ରକାଶ

ବେତନଟୀ, ୨୩/୩ (ନି.ପ୍ର): ବଡ଼ସାହି ବ୍ଲକ ଭୀମଦା ଅଧୀନ ଟିକାୟତପୁର ଗ୍ରାମରେ ଘଟିଯାଇଥିବା ଏକ ଗଣ୍ଡଗୋଳ ଘଟଣାର ବିଚାରକରି ବେତନଟୀ ଜେଏମଏଫସି କୋର୍ଟର ମାନ୍ୟବର ବିଚାରପତି ଏ. ଅବିନାଶ ନାଇଡୁ ରାୟ ପ୍ରକାଶ କରିଛନ୍ତି। ଏତଲାକାରୀ ଗୌରୀଶଙ୍କର ମହାଲିକଙ୍କ ଅଭିଯୋଗ ମୁତାବକ ପଞ୍ଚାୟତରେ ହେବାକୁଥିବା ସରକାରୀ ଆବାସଗୃହ ବାବଦରେ ଆଲୋଚନା ପାଇଁ ତତ୍କାଳୀନ ସରପଞ୍ଚ ମଞ୍ଜୁ ସିଂଙ୍କ ଟିକାୟତପୁର ସ୍ଥିତ ବାସଭବନକୁ ଯାଇ ଆଲୋଚନା କରୁଥିଲେ । ସେହି ସମୟରେ ମୁଦାଲା ହୃଷିକେଶ ମହାଲିକ ଆସି ଅଶ୍ଳୀଳଭାଷାରେ ଗାଳିଗୁଲଜ କରି ସରପଞ୍ଚଙ୍କୁ ଆକ୍ରମଣ କରିଥିଲା । ସେଠାରେ ଉପସ୍ଥିତ ସରପଞ୍ଚଙ୍କ ସ୍ୱାମୀ ଶୁକଦେବ ସିଂ ଏହାର ବିରୋଧ କରିବାରୁ ସେ ମଧ ଆକ୍ରମଣର ଶୀକାର ହୋଇଥିବା ନେଇ ଏତଲାରେ ଦର୍ଶାଇଛନ୍ତି। ଏନେଇ ସେତେବେଳେ ବଡସାହି ପୁଲିସ ୫୫ ନମ୍ବରରେ ମାମଲା ରୁଜୁକରିଥିବା ବେଳେ ଏହା ମାନ୍ୟବରଙ୍କ ଅଦାଲତରେ ବିଚାରାଧୀନ ରହିଥିଲା। ମାମଲା ସହିତ ଜଡିତ ସାକ୍ଷୀଙ୍କ ବୟାନ ଆଧାରରେ ମାନ୍ୟବର ବିଚାରପତି ଏ. ଅବିନାଶ ନାଇଡୁ ମୁଦାଲା ହୃଷିକେଶ ମହାଲିକକୁ ନିର୍ଦ୍ଦୋଷରେ ଖଲ୍ଲାସ କରିଛନ୍ତି। ମୁଦାଲା ପକ୍ଷରୁ ଆଇନଜୀବୀ ଦେବବ୍ରତ ପରିଡା ଏବଂ ରଣଜିତ ଗନ୍ତାୟତ ମାମଲା ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅବକାରୀ କର୍ମଚାରୀଙ୍କୁ ...

ଦୀର୍ଘ ସମୟଧରି ଅବକାରୀ ସୁପରିଟେଣ୍ଡେଣ୍ଟ ଦେବାଶିଷ ପଟେଲଙ୍କୁ ଅଟକ ରଖିଥିଲେ। ଖବର ପାଇ ଖୁଣ୍ଟୁଣୀ ଥାନା ପୁଲିସ୍ ଗାଁରେ ପହଞ୍ଚିଥିଲେ। ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ପରେ ଅବକାରୀ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା ପୁଲିସ୍? । ଅବକାରୀ ବିଭାଗ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛି। ମାରପିଟ୍ ଓ ଗାଡ଼ି ଭଙ୍ଗାରୁଜା ନେଇ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ହେବା ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଅର୍ଥାତ ୨୦୨୩ ଜୁଲାଇ ୨୮ ତାରିଖରେ ମଧ ସେହି ଗାଁରେ ଅବକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ ହୋଇଥିଲା। ଚଢ଼ଉ ସମୟରେ ମଦ ମାଫିଆ ଓ ତାଙ୍କ ପରିବାର ଲୋକେ ଆକ୍ରମଣ କରିଥିଲେ। ସେହି ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ହେଉଛି ରବୀନ୍ଦ୍ର ସ୍ୱାଇଁ। ଆଜି ତାକୁ ପୁଲିସ୍ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ଉ କରି ଗିରଫ କରିବାରେ ସଫଳ ହୋଇଛି।

### ସହିଦ ନଗର ଥାନା ....

୩ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଆଉ ୨ ହଜାର ଟଙ୍କା ନ ଦେଲେ ଉଖ ଦେବେ ନାହିଁ ବୋଲି ସବ୍-ଇନ୍ସପେକ୍ଟର ପ୍ରିୟବ୍ରତ ପ୍ରଧାନ ତାଙ୍କୁ କହିଥିଲେ। ଏହା ପରେ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ସବ୍-ଇନ୍ସପେକ୍ଟର ପ୍ରିୟବ୍ରତ ପ୍ରଧାନ ବାକି ୨ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଲାଞ୍ଚ ନେଇ ସବ୍-ଇନ୍ସପେକ୍ଟର ପ୍ରିୟବ୍ରତ ପ୍ରଧାନ ଧରାପଡ଼ିବା ପରେ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ଏହି ମାମଲାରେ ଭିଜିଲାନ୍ସର ଅନ୍ୟାନ୍ୟ ତଦନ୍ତ ମଧ ଜାରି ରହିଛି।

### ଧଳା ଜହର ବିକୁଥିଲେ ...

ଯାହାର ଆନୁମାନିକ ମୂଲ୍ୟ ୨୬ ଲକ୍ଷରୁ ଅଧିକ ଟଙ୍କା ହେବ। ଏଥିସହ ପ୍ରଜ୍ଞା ଓ କରିଶ୍ମାଙ୍କୁ ଗିରଫ କରିଥିଲା। ଉଭୟଙ୍କଠାରୁ ପୁଲିସ୍ ୩ଟି ମୋବାଇଲ୍ ଓ ଗୋଟିଏ ଲାପ୍‌ଟପ୍ ଜବତ କରିଥିଲା। ବ୍ରାଉନ୍‌ସୁଗର ଯୋଗାଉଥିବା କିଙ୍ଗପିନ୍‌ଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି କମିଶନରେଟ୍ ପୁଲିସ୍। ପୁଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, କଟକ ଓ ଭୁବନେଶ୍ୱରରେ ସେଫ୍ ସିଟି ଡ୍ରାଇଭ୍ ଚାଲିଛି। ଏହି କାର୍ଯ୍ୟ ଆଗକୁ ମଧ ଚାଲୁ ରହିବ। ଚଳିତବର୍ଷ ଆଜି ସୁଦ୍ଧା କମିଶନରେଟ୍ ପୁଲିସ୍ ଓ ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ଭୁବନେଶ୍ୱର ଅଞ୍ଚଳରୁ ୯୮୪ ଗ୍ରାମ ବ୍ରାଉନ୍‌ସୁଗର ଓ ୫୪୩ କିଗ୍ରା ଗଞ୍ଜେଇ ଜବତ କରିଛି। ୨୦୨୩ ମସିହାରେ ଭୁବନେଶ୍ୱରରୁ ପ୍ରାୟ ୩ କିଗ୍ରା ବ୍ରାଉନ୍‌ସୁଗର ଓ ୨୬ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ କରିଥିଲା।

### ଦିଲ୍ଲୀ ଗଲେ ମନମୋହନ...

ସମସ୍ତେ କାମରେ ଲାଗି ପଡ଼ିଲେଣି। କର୍ମୀଙ୍କ ମଧ୍ୟରେ ଉଦ୍ଦିପନା ୧୦ ଗୁଣା ବଢ଼ି ଯାଇଛି। ନିର୍ବାଚନ ପାଇଁ ଆଉ ୨ମାସ ସମୟ ଅଛି। କର୍ମୀ ଆହୁରି ପରିଶ୍ରମ କରିବେ ମନମୋହନ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ଦିନ ଧରି ବିଜେପି-ବିଜେଡି ମଧ୍ୟରେ ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଗତକାଲି ଏହି ଚର୍ଚ୍ଚାର ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଉଭୟ ବିଜେପି ଓ ବିଜେଡି ମେଣ୍ଟ ହେଉନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହାପରେ ଆଜି ଦିଲ୍ଲୀରେ ସନ୍ଧ୍ୟାରେ ବିଜେପିର ଉରଉ ବୈଠକ ବସୁଛି। ଅନ୍ୟପକ୍ଷରେ ବିଜେଡି ମଧ ତାର ନିଜ ଯୋଦ୍ଧାଙ୍କୁ ମଇଦାନଙ୍କୁ ଓହ୍ଲାଇବା ପାଇଁ କସରତ ଆରମ୍ଭ କରିଦେଇଛି।

### ବ୍ୟାପୁଛି ଝାଡ଼ାବାନ୍ତି: ଜଣେ ମୃତ...

ଆଶାକର୍ମୀମାନେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରୁଛନ୍ତି। ଭ୍ରାମ୍ୟମାଣ ଡାକ୍ତରୀ ଟିମ୍ ଘରକୁ ଘର ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, ହୀରାକୁଦ ସହରରେ କାହିଁକି ବ୍ୟାପୁଛି ଡାଇରିଆ ଏହାକୁ ନେଇ ନାନା ଚର୍ଚ୍ଚା ଚାଲିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଚାଲିଛି ଦୋଷ ଲଦାଲଦି। ଚୖଈଉର ଦୂଷିତ ପାଣି ପିଇବା ଯୋଗୁ ସଂକ୍ରମଣ ବଢୁଥିବା ଖୋଦ ଏଡିଏମ୍‌ଓ ଅଭିଯୋଗ କରିଥିବା ବେଳେ ଏହାକୁ ବାଏଁ ବାଏଁ ଅସ୍ୱୀକାର କରିଛନ୍ତି ଚୖଈଉ କର୍ତ୍ତୃପକ୍ଷ। ଦୂଷିତ ପିଇବା ପାଣି ଯୋଗୁ ଡାଇରିଆ ବ୍ୟାପୁଥିବା ଉଭୟ ଉତ୍ତରାଞ୍ଚଳ ଆରଡିସି ଓ ଜିଲ୍ଲାପାଳ ମଧ କହିଛନ୍ତି। ଆଜି ହୀରାକୁଦ ମେଡିକାଲ ଯାଇ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ଆରଡିସି ଓ ଜିଲ୍ଲାପାଳ। ଗତବର୍ଷ ଡିସେମ୍ବରରେ ରାଉରକେଲାର ସମସ୍ତ ୪୦ଟି ୱାର୍ଡ ଓ ବସ୍ତିରେ ଯାଦୁ ଭଳି ମାଡିଯାଇଥିଲା ଡାଇରିଆ। ଏଥିରେ ସରକାରୀ ହିସାବରେ ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ହଜାରେରୁ ଅଧିକ ଆକ୍ରାନ୍ତ ହୋଇଥିଲେ। ତେଣୁ ଏବେ ହୀରାକୁଦରେ ତ୍ୱରିତ ପଦକ୍ଷେପ ନିଆନଗଲେ ଅବସ୍ଥା ଆୟତ୍ତ ବାହାରକୁ ଚାଲିଯିବାର ଆଶଙ୍କା ରହିଛି।

### ଶ୍ରୀ ଜଗନ୍ନାଥ ପବ୍ଲିକ ସ୍କୁଲର...

ତଥା ଅଭିଭାବକମାନଙ୍କୁ ଅନେକ ଆଶାର ପ୍ରତୀକ ପ୍ରଦାନ କରି ଉତ୍ସାହିତ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ କବି, ଗାଳ୍ପିକା ତଥା ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ମହାପୁରୁଷ ମାନଙ୍କ ଜୀବନୀର ଦୃଷ୍ଟାନ୍ତ ଦେଇ ମାଆମାନେ ଦାୟିତ୍ୱବାନ ହୋଇପାରିଲେ ଆଜିର ଶିଶୁ ଆଗାମୀ କାଲିର ଉପଯୁକ୍ତ ଦାୟାଦ ହୋଇ ପାରିବେ ବୋଲି ମତ ରଖିଥିଲେ । ଉତ୍ତର ଓଡିଶା ଦୈନିକ ସମାଜର ବରିଷ୍ଠ ସହସମ୍ପାଦକ ଶଶୀ ରଞ୍ଜନ ମଲ୍ଲିକ ଏହି ସ୍କୁଲ ୧୩ ବର୍ଷ ବୟସରେ ବହୁ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ତିଆରି କରାଇ ପାରିଥିବାରୁ ଉଚ୍ଛସିତ ପ୍ରଶଂସା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଉପଦେଷ୍ଟା ଶ୍ରୀମତୀ ଅନସୂୟା ନାୟକ ବହୁଳ ସମ୍ଭାବନାକୁ ନିଜ ବକ୍ତବ୍ୟରେ ରଖିଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦିକା ଜୟନ୍ତୀ ପାଣିଗ୍ରାହୀ, ଅଧକ୍ଷ। ସରୋଜିନୀ ମିଶ୍ର ଓ ନିର୍ଦ୍ଦେ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଭୂୟସୀ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଜଗନ୍ନାଥ ପବ୍ଲିକ୍ ସ୍କୁଲରେ ତ୍ରୟୋଦଶ ବାର୍ଷିକୀ ପୁରସ୍କାର ସ୍ୱରୂପ କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀଙ୍କୁ ଜଗନ୍ନାଥ ସମାଜ କଲ୍ୟାଣ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସର୍ବଶେଷରେ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଭାସ୍କର ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷିକା ଓ କର୍ମଚାରୀ ମୋନାଲିସା ପଣ୍ଡା, ସସ୍ମିତା ଆଚାର୍ଯ୍ୟ, ପ୍ରଣିତା ଅଗସ୍ତି, ସନ୍ତୋଷ ପଣ୍ଡା, ଏଚ ଶ୍ରୀରାମ, ନାହିଦ ସୁଲତାନ, ସୌରଭ କର, ରାଜେନ୍ଦ୍ର ଘୋଷ, ଜିତେନ୍ଦ୍ର ବେହେରା, ଗାୟତ୍ରୀ ମଣ୍ଡଳ, ପ୍ରିୟ ପଲ୍, ଗି ସହିନ, ରୂପରେଖ ବାରିକ, ଅଭୟ ସାହୁ, ଜ୍ୟୋତିଷ ଦେ, ରଜତ ଅଧିକାରୀ, ଜୟନ୍ତୀ ଦାସ, କୀର୍ତ୍ତି ସୁନ୍ଦର ସେନ, ଜ୍ଞାନ ପ୍ରକାଶ ପାଣିଗ୍ରାହୀ ଓ ହରିହର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

### ଦିଲ୍ଲୀ ହାଇକୋର୍ଟରୁ ...

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗତ ଗୁରୁବାର ସନ୍ଧ୍ୟାରେ କେଜ୍ରିୱାଲଙ୍କୁ ଗିରଫ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଶୁକ୍ରବାର ଇଡି ତାଙ୍କୁ ଦିଲ୍ଲୀର ଏକ କୋର୍ଟରେ ହାଜର କରି ୧୦ ଦିନିଆ ରିମାଣ୍ଡ ଆବେଦନ କରିଥିଲା। କୋର୍ଟ ଇଡିଙ୍କୁ ୭ ଦିନିଆ ରିମାଣ୍ଡ ଅନୁମତି ଦେଇଥିଲେ। ତାଙ୍କର ଗିରଫଦାରୀ ଓ ଇଡିକୁ ତଳକୋର୍ଟଙ୍କ ରିମାଣ୍ଡ ଅନୁମତି ସଂପୂର୍ଣ୍ଣ ବେଆଇନ କହି ଦିଲ୍ଲୀ ହାକୋର୍ଟରେ ଆବେଦନ କରିଛନ୍ତି କେଜ୍ରିୱାଲ। ମାର୍ଚ୍ଚ ୨୪ (ରବିବାର) ସୁଦ୍ଧା ତାଙ୍କ ଆବେଦନ ଉପରେ ଜରୁରୀ ଶୁଣାଣି କରିବାକୁ ସେ କୋର୍ଟକୁ ନିବେଦନ କରିଥିଲେ। ଗତ ଗୁରୁବାର ଦିଲ୍ଲୀ ହାଇକୋର୍ଟ କେଜ୍ରିୱାଲଙ୍କୁ ଅନ୍ତରୀଣ ସୁରକ୍ଷା ଦେବାକୁ ମନା କରି ଦେବା ପରେ ଇଡି ତାଙ୍କୁ ଗିରଫ କରିଥିଲା। ଇଡି ହେପାଜତରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଆଜି ସନ୍ଧ୍ୟାରେ ତାଙ୍କ ପତ୍ନୀ ସୁନୀତା କେଜ୍ରିୱାଲ ଭେଟିଥିଲେ। ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ଗିରଫଦାରୀ ପଛରେ ବିଜେପିର ଷଡ଼ଯନ୍ତ୍ର ରହିଥିବା ଅଭିଯୋଗ କରି ଆପ୍ ଆସନ୍ତାକାଲି ଦିଲ୍ଲୀର ସମସ୍ତ ୭୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିକ୍ଷୋଭ କରିବାକୁ ଘୋଷଣା କରିଛି।

# ବିଷାକ୍ତ ମଦ ପିଇ ୨୧ ମୃତ



ନୂଆଦିଲ୍ଲୀ, ୨୩/୩ : ବିଷାକ୍ତ ମଦ ପିଇ ଯାଉଛି ଜଣକ ପରେ ଜଣଙ୍କ ଜୀବନ। ମୃତ୍ୟୁସଂଖ୍ୟା ୨୧ରେ ପହଞ୍ଚିଥିବା ସୂଚନା ମିଳିଛି। ପଞ୍ଜାବ ସାଙ୍ଗରୁର ଜିଲ୍ଲାରୁ ଆସିଛି ଏପରି ଖବର। ସାଙ୍ଗରୁରର ମୁଖ୍ୟ ଚିକିତ୍ସା ଅଧିକାରୀ (ସିଏମଓ)ଙ୍କ କହିବା ଅନୁଯାୟୀ, ଇଥାନଲ ମିଶ୍ରିତ ବିଷାକ୍ତ ମଦ ପିଇବା ପରେ ଅତି କମରେ ୪୦ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା। ମାର୍ଚ୍ଚ ୨୦, ବୁଧବାର ଚାରି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପରଦିନ ପଟିଆଲାର ରଜିନ୍ଦ୍ର ଡାକ୍ତରଖାନାରେ ଚିକିତ୍ସା ସମୟରେ ଆଉ ଚାରି ଜଣଙ୍କର ମୃତ୍ୟୁ ଘଟିଥିଲା। ଏଥିସହ ମାର୍ଚ୍ଚ ୨୨ ଶୁକ୍ରବାର ଆଠ ଜଣ ଏବଂ ପରଦିନ ପାଞ୍ଚ ଜଣଙ୍କର ଜୀବନ ଯିବା ପରେ ମୃତ୍ୟୁସଂଖ୍ୟା ୨୧ରେ ପହଞ୍ଚିଛି। ଏହି ମାମଲାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଏଥିସହ ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ କହିଛି ଯେ, ପଚରାଉଚରା ସମୟରେ ବିଷାକ୍ତ ମଦ କାରବର ନେଇ ସୂଚନା ମିଳିଛ। ଏକ ଘରେ ବିଷାକ୍ତ ମଦ ପ୍ରସ୍ତୁତ ହେଉଥିବା ଅଭିଯୁକ୍ତମାନେ କହିଛନ୍ତି। ସୂଚନା ପାଇବା ପରେ ସମ୍ପୃକ୍ତ ଘରେ ଚଢାଉ କରି ୨୦୦ ଲିଟର ବିଷାକ୍ତ ମଦ ଜବତ କରାଯାଇଛି। ଏହି ମଦରେ ଇଥାନଲ(ଏକ ପ୍ରକାର ବିଷାକ୍ତ ରାସାୟନିକ ପଦାର୍ଥ) ମିଶ୍ରଣ ହୋଇଛି।

# ବସ୍ତା ନର୍ଥ ଓଡ଼ିଶା ପବ୍ଲିକ ସ୍କୁଲରେ ବାର୍ଷିକ ଉତ୍ସବ



ବସ୍ତା, ୨୩/୩ (ନି.ପ୍ର): ବସ୍ତା ରେଳ ଷ୍ଟେସନ ନିକଟସ୍ଥ 'ନର୍ଥ ଓଡ଼ିଶା ପବ୍ଲିକ ସ୍କୁଲ'ରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।ସ୍କୁଲ ଅଧକ୍ଷ ହରେକୃଷ୍ଣ ବେହେରା ଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କବି ପ୍ରଶାନ୍ତ ଦାସ ,ମୁଖ୍ୟ ବକ୍ତା ଭାବେ ଶିଳ୍ପୀ କେଶୁ ଦାସ ,ପରିଚାଳନା କମିଟିର ଟ୍ରଷ୍ଟି ଡଃ ଗଣେଶ ନାରାୟଣ ପ୍ରହରାଜ ଗଳ୍ପ ମାଧ୍ୟମରେ ନିଜ ନିଜର ଶିକ୍ଷଣୀୟ ମତକୁ ବକ୍ତୃତା ମାଧ୍ୟମରେ ପ୍ରକାଶ କରିଥିଲେ ।ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପଞ୍ଚାନନ ବେହେରା ଏହି ଅନୁଷ୍ଠାନ ହେବା ଦ୍ୱାରା ବସ୍ତା,ବାଲିଆପାଳ,ଜଳେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ର ଛାତ୍ର ଛାତ୍ରୀ ସୁବିଧାରେ ଶିକ୍ଷା ଗ୍ରହଣ,ସୈନିକ ସ୍କୁଲ , ଆଦର୍ଶ, ନବୋଦୟ ବିଦ୍ୟାଳୟରେ ଏଠାରୁ ବହୁ ସଂଖ୍ୟାରେ ପିଲା କୃତକାର୍ଯ୍ୟ ହେଉଥିବା ପ୍ରକାଶ କରିଥିଲେ ।ସଭାପତି ଇଂ ସୁଶିଲ କୁମାର ଧଳ,ଶିକ୍ଷାବିତ ଶଶାଙ୍କ ଶେଖର ମହାନ୍ତି,ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉଳ ମଧ୍ୟ ଉଦବୋଧନ ଦେଇଥିଲେ ।ଏହି ଅବସରରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ଅଧକ୍ଷ ଶ୍ରୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଶ୍ରୀ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା ।ଏହି କାର୍ଯ୍ୟ କ୍ରମରେ ଶିକ୍ଷୟିତ୍ରୀ ମମିତା ପାତ୍ର,ପ୍ରତିଭା ରାଉତ,ରାଜଶ୍ରୀ ଦାସ,ଗୀତାଞ୍ଜଳି ମହାନ୍ତି,ସସ୍ମିତା ଗିରି,ପ୍ରଜ୍ଞା ବିଶ୍ୱାଳ,ଜୟ ଶ୍ରୀ ଦଳେଇ,ସାବିତ୍ରୀ ସୋରେନ, ଜାନକୀ ବଲ୍ଲଭ ବେହେରା,ଜଗତ କୃଷ୍ଣ ସାହୁ,ମିନତୀ ବେହେରା,ତପସ୍ୱିନୀ ମହାପାତ୍ର,ମମତା ଘୋଷ, ସବନମ ଖାତୁନ,ମାନସୀ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଓଡ଼ିଶାବାସୀଙ୍କୁ କଂଗ୍ରେସର ୧୦ ଗ୍ୟାରେଣ୍ଟି ଓ ସଂକଳ୍ପ ପତ୍ରକୁ ନେଇ ସାମ୍ବାଦିକ ସମ୍ମିଳନୀ




ଭଦ୍ରକ, ୨୩/୩ (ନି.ପ୍ର): ଚଳିତ ନିର୍ବାଚନକୁ ଆଖି ଆଗରେ ରଖି ଆଜି ପୂର୍ବ ଘୋଷଣା ମତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ କମିଟିର ସଂକଳ୍ପ ପତ୍ର ଓ କଂଗ୍ରେସର ଗ୍ୟାରେଣ୍ଟିକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭଦ୍ରକର ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀଙ୍କ ସମେତ ଜିଲାର ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତା ଓ ନେତୃମଣ୍ଡଳୀ ଉପସ୍ଥିତ ଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେଠୀ ୨୪ ବର୍ଷର ବିଜେଡି ଶାସନ ଓ ୯ ବର୍ଷର ବିଜେଡି-ବିଜେପି ଶାସନରେ ଯାହା ହୋଇନାହିଁ, କଂଗ୍ରେସ ଆସିଲେ ତାହା କାର୍ଯ୍ୟରେ କରି ଦେଖାଇବ ବୋଲି ଦଳ ପକ୍ଷରୁ ଘୋଷଣା ହୋଇଥିବା କଂଗ୍ରେସର ୧୦ ଗ୍ୟାରେଣ୍ଟି ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଓଡ଼ିଶା ରାଜ୍ୟରେ କଂଗ୍ରେସକୁ ଜନସାଧାରଣ ବିପୁଳ ପରିମାଣରେ ଜୟଯୁକ୍ତ କରି ଶାସନ ଗାଦିରେ ବସାଇଲେ ଏହି ଦଳ ବୋନସ ସହ ଧାନର କ୍ରୟ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩ ହଜାର ଟଙ୍କା, କୃଷି ଋଣ ଛାଡ, କୃଷକମାନଙ୍କ ପାଇଁ ମାସିକ ୨ ହଜାର ଟଙ୍କାର ପେନସନ ଯୋଜନା, ପ୍ରତ୍ୟେକ ଘରୋଇ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ, ୫ ଲକ୍ଷ ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା, ବେକାରୀ ଭତ୍ତା ମାସିକ ୩ ହଜାର ଟଙ୍କା, ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ, ଗୃହଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଘରର ମୁଖ୍ୟ (ମହିଳା)ଙ୍କୁ ମାସିକ ୨ ହଜାର ଟଙ୍କାର ଭତ୍ତା, ପ୍ରତି ପରିବାରକୁ ମାସକୁ ୫ ଶହ ଟଙ୍କାରେ ଗୋଟିଏ ଗ୍ୟାସ୍ ସିଲିଣ୍ଡର, ସରକାରୀ କର୍ମଚାରୀଙ୍କ ସମେତ ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ମାଗଣା ଚିକିତ୍ସା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଦିବ୍ୟାଙ୍ଗ ଭତ୍ତା ବାବଦ ମାସିକ ୨ ହଜାର ଟଙ୍କା ପ୍ରଦାନ, ରାଜ୍ୟରେ ଜାତି ଭିତ୍ତିକ-ସାମାଜିକ ଓ ଆର୍ଥିକ ସର୍ଭେ ପୂର୍ବରୁ ତୁରନ୍ତ ଶିକ୍ଷାନୁଷ୍ଠାନ ଓ ଚାକିରୀ କ୍ଷେତ୍ରରେ ପଛୁଆବର୍ଗଙ୍କ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ଓ ଚିଟ୍‌ଫଣ୍ଡ ଦ୍ୱାରା ପ୍ରଭାବିତ ହୋଇଥିବା ଜମାକାରୀମାନଙ୍କୁ ୬ ମାସ ମଧ୍ୟରେ ଟଙ୍କା ଫେରସ୍ତ ଦେବାଭଳି ୧୦ଟି ଗ୍ୟାରେଣ୍ଟି ସଂପର୍କରେ ସେ ଅବଗତ କରାଇଥିଲେ । ଏବଂ କଂଗ୍ରେସର ୧୯ ଦଫା ସଂକଳ୍ପ ପତ୍ରକୁ ପଢି ରାଜ୍ୟରେ କଂଗ୍ରେସ ସରକାର ପ୍ରତିଷ୍ଠା ହେଲେ ଘୋଷଣା ହୋଇଥିବା ସବୁ ଗ୍ୟାରେଣ୍ଟିଗୁଡିକୁ ସରକାର ଗଠନ ହେବାର ପ୍ରଥମ ୪ ବର୍ଷ ଭିତରେ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର, ପୂର୍ବତନ ଜିଲା କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପାଢୀ, ଭଦ୍ରକ ବିଧାନସଭା ସଭାପତି ସଭାପତି ଇଲିୟାସ ଅଲ୍ଲୀ ଖାଁ, ନାରୀନେତ୍ରୀ ତଥା ଆଇନଜୀବୀ ସ୍ୱାତିକା ପଣ୍ଡା, ଜିଲା କଂଗ୍ରେସ ଉପସଭାପତି ବଳରାମ ରାଉତ, ବେତରା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଶଶିଭୂଷଣ ଦାସ, ଯୁବନେତା ପ୍ରଦ୍ୟୁମ୍ନ ମହାନ୍ତି, ଅଜୟ ଧଳ, ଜିଲା ଯୁବ କଂଗ୍ରେସ ନଗର ସାଧାରଣ ସଂପାଦକ ସୁଶାନ୍ତ ଦାସ, ରିଆଜ ଖାନ, ସେକ୍ କାଲାମ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶାନ୍ତି ଶିଶୁ ବିହାରର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୨୩/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ପ୍ରଶାନ୍ତି ଶିଶୁ ବିହାରର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ବାସୁଦେବପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରଫେସର୍ ଡକ୍ଟର ହରେକୃଷ୍ଣ ଶତପଥୀ ଯୋଗ ଦେଇଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ପ୍ରଶାନ୍ତ ମଲ୍ଲିକ, ରାଜ କିଶୋର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଦେବବ୍ରତ ଦାସ, ଆଦର୍ଶ ଶିକ୍ଷକ ଦୈତ୍ୟାରି ବେହେରା ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ର ଗୁରୁଜୀ ବିଜନ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଭାନୁମତୀ ଗୁରୁମା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଓଡିଶୀ ନୃତ୍ୟ ସଙ୍ଗୀତ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବହୁ ସଂଖ୍ୟା ରେ ଅଭିଭାବକ, ଛାତ୍ର ଛାତ୍ରୀ ବୁଦ୍ଧିଜୀବୀ ଶିକ୍ଷକ ଶିକ୍ଷୟତ୍ରୀ ଜନ ସାଧାରଣ ଯୋଗ ଦେଇଥିଲେ ।

# ଅବକାରୀ ବିଭାଗର ସାଟେଲାଇଟ ଟିମର ଚଢ଼ାଉ: ଦୁଇ ଜଣ ଗିରଫ

ବେତନଟୀ, ୨୩/୩ (ନି.ପ୍ର): ଅବକାରୀ ବିଭାଗର ସାଟେଲାଇଟ ଟିମ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଚୋରା ଦେଶମଦ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରିଛ । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବୈଶିଙ୍ଗା ଥାନା ଅଧିନ କଳମା ସ୍ଥିତ ମେଲଡାଙ୍ଗର ଗ୍ରାମର ଶ୍ୟାମ ହାଁସଦା ଓ ବେତନଟୀ ଥାନା ଅଧିନ ମୁକ୍ତାପୁର ପଞ୍ଚାୟତ ଅଧୀନ ଛୋଟରାୟପୁର ଗ୍ରାମର ମାନସ କିନ୍ତୁ ବୋଲି ଜଣାପଡିଛି । ସାଟେଲାଇଟ ଟିମ ଚଢାଉ କରି ଦୁଇ ଜଣ ଙ୍କ ପାଖରୁ ମୋଟ ୪୦ ଲିଟର ଚୋରା ଦେଶମଦ ଜବତ କରାଯାଇଥିଲା । ଏନେଇ ଦୁଇଟି ପୃଥକ ମାମଲା ରୁଜୁକରି ଗିରଫ ଅଭିଯୁକ୍ତ ମାନଙ୍କୁ ବେତନଟୀ ଜେଏମଏଫସି କୋର୍ଟରେ ହାଜର କରାଯାଇଥିଲା ।

# ଯୁବକର ଫାଶୀ ଦେଇ ଆତ୍ମହତ୍ୟା

ବେତନଟୀ, ୨୩/୩ (ନି.ପ୍ର): ବେତନଟୀ ଥାନା ଅଧୀନ ତାରାକୋଟୀ ଗ୍ରାମର ଜନୈକ ଯୁବକ ଫାଶୀଦେଇ ଆତ୍ମହତ୍ୟା କରିଛି । ମୃତ ଯୁବକ ଜଣକ ହେଉଛନ୍ତି ଗ୍ରାମର ମକରା ସିଂ (୩୦)ବୋଲି ଜଣାପଡିଛି । ଘଟଣା ରୁ ପ୍ରକାଶ ପେଶାରେ ଗାଡିଚାଳକ ମକରା କୌଣସି କାରଣରୁ ଆଜି ଘରଭିତରେ ଫାଶୀଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲା । ଖବରପାଇ ପାଖପଡୋଶୀ ମାନେ ମକରାକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାରକରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ମକରାକୁ ମୃତ ଘୋଷଣା କରିଥିଲେ । ବେତନଟୀ ପୁଲିସ ୮/୨୪ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

# ଜୀବନମୃତ୍ୟୁର ଦୋଛକିରେ ଧରଣୀ: ଅସ୍ତ୍ରୋପଚାର ପାଇଁ ଯୋଡ ହସ୍ତରେ ନିବେଦନ କଲେ ପତ୍ନୀ ମଞ୍ଜୁଲତା



ଖଇରା, ୨୩/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଅଲିପୁର ଗ୍ରାମର ଧରଣୀଧର ସେଣ୍ଠ(୪୫)ଙ୍କ ପରିବାର ମନ ଏବେ ଭାରକ୍ରାନ୍ତ । ଦାଦନ ଖଟି ପରିବାର ଚଳାଉଥିବା ଏହି ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଏବେ ଆଇସିୟୁ ବେଡରେ ମୃତ୍ୟୁସହ ଲଢେଇ କରୁଛନ୍ତି । ବ୍ରେନ ଅସ୍ତ୍ରୋପଚାର ପାଇଁ ମୋଟା ଅଙ୍କର ଅର୍ଥ ଆବଶ୍ୟକ ଥିବା ବେଳେ ତୁରନ୍ତ ଅସ୍ତ୍ରୋପଚାର ନହେଲେ କିଛି ବି ଘଟିପାରେ ବୋଲି ଡାକ୍ତର କହୁଛନ୍ତି ।ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ଏହି ଯୁବକଙ୍କ ଜିବନ ରକ୍ଷା ପାଇଁ ଶୁଭେଚ୍ଛୁ ବ୍ୟକ୍ତି ଓ ସଂଗଠନ କାଣିଚାଏ ଦୟା କରିବାକୁ ପତ୍ନୀ ମଞ୍ଜୁଲତା କାନି ପାତି ଭିକ୍ଷା ମାଗିଛନ୍ତି । ସ୍ତ୍ରୀ ମଞ୍ଜୁଲତା ଓ ଦିବ୍ୟାଙ୍ଗ(ମୂକ) ଝିଅକୁ ନେଇ ଧରଣୀଙ୍କ ସଂସାର । ପରିବାର ପୋଷଣ ପାଇଁ ଧରଣୀ କଲିକତାରେ କାମ କରନ୍ତି । ନିକଟରେ ଘରକୁ ଆସିଥିବା ବେଳେ ୧୯ତାରିଖ ଦିନ ଜ୍ୱର ଯୋଗୁଁ ମୁଣ୍ଡ ବୁଲାଇ ଦେଇଥିଲା । ଯେଉଁଥିପାଇଁ ତଳେ ପଡିଯିବା କାରଣରୁ ବ୍ରେନରେ ରକ୍ତ ଜମାଟ ବାନ୍ଧିବା ସହ ଶରୀରର ଡାହାଣ ପଟ ଅଂଶ ମଧ୍ୟ ପକ୍ଷାଘାତରେ ଆକ୍ରାନ୍ତ ହୋଇ ପଡିଥିଲା । ପଡୋଶୀ ମାନେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଭଦ୍ରକର ଏକ ଘରୋଇ ହସପିଟାଲରେ ଭର୍ତ୍ତୀ କରାଇଥିଲେ । ଜାତୀୟ କିମ୍ବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରୁ ନାମ କାଟି ଦିଆଯାଇଥିବାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରୁ ବଞ୍ଚିତ ଥିଲେ । ଏବେ ନବୀନ ବିଏସକେୱାଇ ଆବେଦନ ସମୟରେ କାମପାଇଁ ବାହାରେ ରହିଥିବାରୁ ତାହା ମଧ୍ୟ ମିଳିପାରିନାହିଁ । ଏଭଳି ସମୟରେ ସ୍ୱାମୀଙ୍କ ବେଡ ନିକଟରେ ବସି ଲୁହ ଗଡାଇ ଚାଲିଥିବା ସ୍ତ୍ରୀ ଓ କନ୍ୟା ସାହାଯ୍ୟ ପାଇଁ ଚାତକପରି ଚାହିଁ ରହିଛନ୍ତି । ସୁସ୍ଥ ହେବା ପରେ ସେ ସମସ୍ତଙ୍କ ସାହାଯ୍ୟକୁ ଗୋଟି ଗୋଟି କରି ଫେରସ୍ତ କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଚନ୍ତି । ସାହାଯ୍ୟ କରିବାକୁ ଚାହୁଁଥିବା ବ୍ୟକ୍ତି ମାନେ ଫୋନ ପେ ଏବଂ ଗୁଗୁଲ ପେ ଥିବା ମୋବାଇଲ ନମ୍ବର ୮୪୫୫୦୬୨୬୯୪ରେ ସହଯୋଗ ରାଶି ପଠାଇବାକୁ ଗ୍ରାମବାସୀ ମାନେ ନିବେଦନ କରିଛନ୍ତି ।

# ୨୧ତମ ଜାତୀୟ ନାଟ୍ୟ ମହୋତ୍ସବ 'କ୍ୟାନଫେଷ୍ଟ'

## ଆଧ୍ୟାତ୍ମିକ ପରିବେଶ ସୃଷ୍ଟିକଲା ସମ୍ବଲପୁରୀ ନାଟକ 'ଉଲ୍ପି' ଓ 'ଭବନୁଭବ'



ପାରାଦୀପ, ୨୩/୩ (ନି.ପ୍ର): ପ୍ରେମ, ପ୍ରେମ ଶାଶ୍ୱତ ଓ ଚିର ଅମର ।ରାଗ, ରକ୍ଷା, ହିଂସା ବଡ଼ ବଡ଼ ଯୁଦ୍ଧ ମଧ୍ୟ ପ୍ରେମର ସଂପର୍କରେ ପରିବର୍ତ୍ତନ ହୋଇ ଭିନ୍ନ ମୋଡ଼ ନେଇଥାଏ । କ୍ୟାନମାସ ଦ୍ୱାରା ଆୟୋଜିତ କାନଫେଷ୍ଟର ଜୟଦେବ ସଦନଠାରେ ପଞ୍ଚମ ଦିନରେ ମଞ୍ଚସ୍ଥ ହୋଇଥିବା ନାଟକ 'ଉଲପି' ପ୍ରେମ ମାଧ୍ୟମରେ କିଭଳି ବଡ଼ ବଡ଼ ଜଟିଳ ପରିସ୍ଥିତିକୁ ପରିବର୍ତ୍ତନ କରାଯାଇପାରିବ ତାହା ଅତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ଏହି ନାଟକ ଉଲପୀ ମାଧ୍ୟମରେ ନିର୍ଦ୍ଦେଶକ 'ସୁବାସ ଚନ୍ଦ୍ର ପ୍ରଧାନ' ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଥିବା ସମ୍ପର୍କର ଜଟୀଳତା କୁ ଅନୁସନ୍ଧାନ କରି ବିଭିନ୍ନ ସମ୍ପର୍କ ମଧ୍ୟରେ ଥିବା ରାଗ,ହିଂସା ଓ ଶତ୍ରୁତାକୁ ପ୍ରେମ ମାଧ୍ୟମରେ କିଭଳି ପରିବର୍ତ୍ତନ କରାଯାଇପାରୁଛି ତାହା ଦର୍ଶକ ଙ୍କୁ ଦେଖାଇଛନ୍ତି । ମଞ୍ଚସ୍ଥ ନାଟକ ଉଲପି ପ୍ରାଚୀନ ପୁରାଣ ମହାଭାରତର ପୃଷ୍ଠଭୂମି ରୁ ଆସିଅଛି । ଅର୍ଜୁନ ଏବଂ ଉଲପୀଙ୍କ କାଳଜୟୀ ପ୍ରେମ କାହାଣୀ କୁ ଦର୍ପଣ ଥିଏଟରର କଳାକାର ମାନେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କୁ ସୁନ୍ଦର ପୌରାଣିକ ଅନୁଭୂତି ଭେଟି ଦେଇଛନ୍ତି । ଐତିହାସିକ ଦ୍ୱନ୍ଦ ମଧ୍ୟରେ ଏହି ସୁନ୍ଦର ପ୍ରେମ କାହାଣୀ କିଭଳି ବିଭାଜନ ଓ ଶତ୍ରୁତାକୁ ଦୂର କରି ସମାଜକୁ ଶାନ୍ତିର ବାର୍ତା ପ୍ରଦାନ କରିଛି ତାହା ନାଟ୍ୟକାର ଏହି ନାଟକ ମାଧ୍ୟମରେ ସୁନ୍ଦର ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । ଏହି ନାଟକ ରେ ନରେନ୍ଦ୍ର , ପଙ୍କଜିନି, ସୁମିତ୍ରା, ହେମ୍ବାଗର, ଅତିସ କୁମାର , ଆଦି କଳାକାର ମାନେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ମନ ଜିଣିଛନ୍ତି । ପାରାଦୀପର ଜୟଦେବ ସଦନରେ ସମାନ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ଅତିସ୍ କୁମାର ଶତପଥୀଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ ଭବନୁଭବ । ପାରିବାରିକ ବନ୍ଧନରେ ବନ୍ଧିତ ମଣିଷ ଜଣା ଅଜଣା ରେ କାହା ମନରେ କଷ୍ଟ ଦେଇଥାଏ । ମିଥ୍ୟା,ସ୍ୱାର୍ଥପର ଭାବନା କିପରି ଅନ୍ୟଜଣଙ୍କ ମନରେ କଷ୍ଟ ଦେବା ସହ ମତଭେଦ ସୃଷ୍ଟିକରି ସମ୍ପର୍କରେ ତିକ୍ତତା ସୃଷ୍ଟି କରିଥାଏ ତାହା ଅଦୃଶ୍ୟ ନାଟ୍ୟ ଆଶ୍ରମ ର କଳାକାର ମାନେ ସୁନ୍ଦର ଅଭିନୟ କରି ଦର୍ଶକଙ୍କୁ ଖୁବ୍ ନିଆରା ବାର୍ତ୍ତା ପ୍ରଦାନ କରିଛନ୍ତି । ଏହି ନାଟକଟି ପାରିବାରିକ ବନ୍ଧନର ଜଟୀଳତା ଯାହା ଜଣେ ବାପା ଓ ପୁଅ ମଧ୍ୟରେ ଘଟିଛି ଏହାକୁ କିପରି ପ୍ରେମ ଭଲ ପାଇବା ମାଧ୍ୟମରେ ସମାଧାନ କରାଯାଇପାରିଛି ଏହାକୁ ନାଟ୍ୟର କଳାକାର ମାନେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି । କାନମାସ ଦ୍ୱାରା ଆୟୋଜିତ ଏହି ସମ୍ବଲପୁରୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଟର୍ମିନାଲ ମୁଖ୍ୟ କେ.ଆଇ.ସି.ଟି. ବି.କେ ଯୋଶୀ , ସମ୍ମାନୀୟ ଅତିଥି ଭାବେ ପ୍ରସିଦ୍ଧ ନାଟ୍ୟକାର ଏବଂ ନିର୍ଦ୍ଦେଶକ ଅଶୋକ ବହିଦାର ଓ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ପୂଜାପଣ୍ଡା ଯୋଗ ଦେଇ ନାଟକର ସମାଜ ପ୍ରତି ରହିଥିବା ମୂଲ୍ୟବୋଧ ସମ୍ପର୍କରେ ବଖାଣିବା ସହିତ ପାରାଦୀପ ଭଳି ଜାଗାରେ ଦୀର୍ଘବର୍ଷ ଧରି ନାଟକକୁ ବଞ୍ଚାଇ ରଖିବା ପାଇଁ କାନମାସ କରି ଆସୁଥିବା ପ୍ରଚେଷ୍ଟାକୁ ପ୍ରଶଂସା କରିଛନ୍ତି ।

# ପ୍ରଶାସନ ସର୍ବସାଧାରଣ ସ୍ଥାନରୁ ଦଳୀୟ ପୋଷ୍ଟର ହଟାଇଲେ

ବାଲିଆପାଳ , ୨୩/୩ (ନି.ପ୍ର): ବାଲିଆପାଳ ବ୍ଲକ ପ୍ରଶାସନ ଏବେ ସର୍ବ ସାଧାରଣ ସ୍ଥାନରୁ ବିଭିନ୍ନ ରାଜନୈତିକ ଦଳ ର ଦଳୀୟ ବେନାର୍ ଓ ପୋଷ୍ଟରକୁ ହଟାଇଛନ୍ତି । ବାଲିଆପାଳ ପୁରୁଣା ବସ ଷ୍ଟାଣ୍ଡ, ଜାମକୁଣ୍ଡା ଛକ, ପାରୁଳିଆ ଛକ, ବ୍ଲକ ଛକ, ସିମୁଳିଆ ଦୈନିକ ମାର୍କେଟ, ନିଖିରା ହାଟ, ଲଙ୍ଗଳେଶ୍ୱର ବଜାର, ମାନଧାତା ବଜାର, କଳିପଦା ବଜାର, ଡଗରା ବେଳାଭୂମି, ରତାଇ ହାଟ, ନୂଆଗାଁ ହାଟ, କୁଣ୍ଡୁଳି ହାଟ ଆଦି ସ୍ଥାନ ରେ ପୂର୍ବରୁ ଯେଉଁ ବେନର୍ ଓ ପୋଷ୍ଟର ଥିଲା ବ୍ଲକ ପ୍ରଶାସନ ସେସବୁ କୁ ହଟାଇଛି । ବେନାର୍ ଓ ପୋଷ୍ଟର ନିର୍ବାଚନ ଆଚରଣ ବିଧିକୁ ଉଲଘଂନ କରୁଥିଲା । ବିଭିନ୍ନ ରାଜ ନୈତିକ ଦଳ ସେମାନଙ୍କ ଦଳୀୟ ବେନାର ଓ ପୋଷ୍ଟର କେବଳ ଘରୋଇ ଓ ବ୍ୟକ୍ତିଗତ ଜାଗାରେ ଲଗାଇ ପାରିବେ । ଗତ ୧୬ ତାରିଖରୁ ନିର୍ବାଚନ କମିଶନ ନିର୍ବାଚନ ଆଚରଣ ବିଧି ଲାଗୁ କରିବା ଦୃଷ୍ଟିରୁ ପ୍ରଶାସନ ଏପରି ପଦକ୍ଷେପ ନେଇଥିବା କୁହାଯାଇଛି । ବାଲିଆପାଳର ଅନେକ ବୁଥ୍ ସମ୍ବେଦନଶୀଳ ହୋଇ ଥିବାରୁ ପ୍ରଶାସନ ଅବାଧ ଓ ନିରପେକ୍ଷ ନିର୍ବାଚନ କରିବା ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଛି । ତେବେ କମିଶନଙ୍କ ସମସ୍ତ ଗାଇଡ ଲାଇନ କଡ଼ା କଡି ଭାବେ ପାଳନ କରାଯିବ ବୋଲି ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି ।

# ଆଧାର ନାହିଁ ବୋଲି ନେଲେନାହିଁ ଆଡ଼ମିସନ: ଆଦୌ ବିଦ୍ୟାଳୟର ମାଟି ମାଡ଼ିପାରି ନାହାଁନ୍ତି ମା' ଛେଉଣ୍ଡ ପୁତ୍ର 'ଦୁଲା'

ଉଦଳା , ୨୩/୩ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ବଡ଼ଶୋଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଲକ୍ଷ୍ମଣ ହାଁସଦାଙ୍କ ଏକମାତ୍ର ପୁତ୍ର 'ଦୁଲା' ଏପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ିପାରି ନାହିଁ । ପରିବାର ଲୋକଙ୍କ କହିବାଅନୁସାରେ ଦୁଲା ଗ୍ରାମରେ ଥିବା ଅଙ୍ଗନୱାଡ଼ିରେ ପଢୁଥିଲେ । ପରେ ତାଙ୍କର ବୟସ ହୋଇଯିବାରୁ ବିଦ୍ୟାଳୟକୁ ନାମ ଲେଖାଇବାକୁ ଯାଇଥିଲେ । କିନ୍ତୁ ସେଠାରେ କାର୍ଯ୍ୟରତ ଶିକ୍ଷକ ଆଧାରକାର୍ଡ଼ ନହେଲେ ଆଡ଼ମିସନ କରାଯାଇପାରିବ ନାହିଁ ବୋଲି ରୋକ ଠୋକ ମନାକରି ବିଦାକରିଦେଲେ । ଫଳରେ ଦୁଲା ନିରୁପାୟ ହୋଇ ଘରକୁ ଫେରିଆସିଲେ । ଦୁଲାକୁ ବର୍ତ୍ତମାନ ବୟସ ୮ ବର୍ଷ ଚାଲିଛି, ତାକୁ ଯେତେବେଳେ ୨ ବର୍ଷ ବୟସ ହୋଇଥିଲା ସେ ସମୟରେ ତାଙ୍କର ମା' ସୁମିତ୍ରା ହାଁସଦାଙ୍କର ଦେହାନ୍ତ ହେଲା । ଫଳରେ ଦୁଲା ପିଲାଟି ଦିନରୁ ମା'ର ସ୍ନେହ ମମତାରୁ ବଂଚିତ ଅଛନ୍ତି । ସେହିପରି ଆଧାରକାର୍ଡ଼ ପାଇଁ ବାରମ୍ବାର ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିପାରିନଥିବାର କଥା ପିତା ଲକ୍ଷ୍ମଣ ଜଣାଇଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ଦୁଲାଙ୍କ ପରି ଏବେ ମଧ୍ୟ ବହୁପିଲା ବିଭିନ୍ନ କାରଣରୁ ବିଦ୍ୟାଳୟ ବାହାରେ ଅଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

# ମର୍ମନ୍ତୁଦ ସଡକ ଦୁର୍ଘଟଣା: ବାଇକ୍ ଚାଳକ ମୃତ

ନୀଳଗିରି , ୨୩/୩ (ନି.ପ୍ର): ନୀଳଗିରି ଉପଖଣ୍ଡ ସନ୍ତରାଗଡିଆ ବିଦୁ ରାସ୍ତାର ବାରାକୋଇଲି ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ । ମୃତ ଯୁବକ ହେଲେ ପ୍ରଶାନ୍ତ ନାୟକ । ସୂଚନା ଅନୁଯାୟୀ ସନ୍ତରାଗଡିଆ ଅଞ୍ଚଳର ପ୍ରଶାନ୍ତ ନାୟକ ଓ ପ୍ରଶାନ୍ତ ବେହେରା ନାମକ ଦୁଇ ସାଙ୍ଗ ଏକ ବାଇକରେ ସୋର ଉତ୍ତରେଶ୍ୱର୍ ନିକଟରେ ଥିବା କାନରା ବ୍ୟାଙ୍କରେ ଏକ ଏକାଉଣ୍ଟ୍ ଖୋଲିଥିବା ଖାତା ଅପଡେଟ ପାଇଁ ଯାଉଥିବା ବେଳେ ସନ୍ତରାଗଡିଆ ବିଦୁ ରାସ୍ତାର ବାରହାକୋଇଲି ଛକ ନିକଟରେ ବାମପଟେ ଠିଆ ହୋଇଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲେ । ଫଳରେ ଦୁଇଜଣ ରାସ୍ତାରେ ଛିଟିକି ପଡ଼ିଥିଲେ । ଘଟଣା ସ୍ଥଳରେ ବାଇକ୍ ଚାଳକ ପ୍ରଶାନ୍ତ ନାୟକ ମୃତ୍ୟୁ ବରଣ କରିଥିବା ବେଳେ ପ୍ରଶାନ୍ତ ବେହେରା ଗୁରୁତର ହୋଇଥିଲେ । ତାଙ୍କୁ ତୁରନ୍ତ ଈଶ୍ୱରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଗାଡ଼ିଟି ଦୃତଗତିରେ ଯାଉଥିବା ଯୋଗୁଁ ଭାରସାମ୍ୟ ହରାଇ ଏଭଳି ଦୁର୍ଘଟଣା ଘଟିଥିବା କହିଛନ୍ତି । ତେବେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିଥିବା ଜଣାଯାଇଛି ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo